ବର୍ଷ-୨୬, ସଂଖ୍ୟା-୧୨୨
ଭୁବନେଶ୍ୱର
୦୬, ମଇ, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 122
Bhubaneswar
06 May, , 2026 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ସଂଗୀତ
ମହାପ୍ରଭୁଙ୍କ
ଆଶୀର୍ବାଦ:
ଦେବାଂଶୀ



**ଅହମ୍ମଦାବାଦରେ ଉଚ୍ଚସ୍ତରୀୟ ନିବେଶକ ସମ୍ମିଳନୀ**

# ଭାରତର ପୂର୍ବାଞ୍ଚଳକୁ ସମୃଦ୍ଧ କରିବ ଓଡ଼ିଶା : ମୁଖ୍ୟମନ୍ତ୍ରୀ

ଅହମ୍ମଦାବାଦ,୫।୫(ମହାଭାରତ): ଗୁଜରାଟ ଭାରତର ପଶ୍ଚିମ ଭାଗକୁ ସମୃଦ୍ଧ କରିଛି। ବର୍ତ୍ତମାନ ଭାରତର ପୂର୍ବ ଭାଗକୁ ସମୃଦ୍ଧ କରିବା ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ। ଦ୍ରୁତ ଅଭିବୃଦ୍ଧି ଏବଂ ରଣନୈତିକ ଯୋଜନା ସହିତ ଓଡ଼ିଶା ବର୍ତ୍ତମାନ ଶିଳ୍ପଜଗତ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିପାରିଛି । ଏହା ସହିତ ପ୍ରତିଯୋଗିତାମୂଳକ ପରିବେଶରେ ନିବେଶକ ମାନଙ୍କୁ ଅପେକ୍ଷାକୃତ ସୁବିଧାଜନକ ସ୍ଥିତି ମଧ୍ୟ ପ୍ରଦାନ କରୁଛି ।"

ଆଜି ଅହମ୍ମଦାବାଦରେ ଆୟୋଜିତ 'ଓଡ଼ିଶା ନିବେଶକ ସମ୍ମିଳନୀ ରୋଡ୍-ଶୋ'ରେ ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦୃଢ଼, ଦୂରଦୃଷ୍ଟିସମ୍ପନ୍ନ ବାର୍ତ୍ତା ଦେଇଛନ୍ତି । 'ପୂର୍ବୋଦୟ' ପରିକଳ୍ପନାରେ ଆଗାମୀ ଦିନରେ ଓଡ଼ିଶାକୁ ଦେଶର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ରସ୍ଥଳ ଭାବେ ଗଢ଼ିତୋଳିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଗୁଜରାଟ ଗସ୍ତର ପ୍ରଥମ ଦିନରେ ପ୍ରମୁଖ ଉଦ୍‌ଯୋଗପତି ଏବଂ ବ୍ୟବସାୟିକ ସଂଘମାନେ ବ୍ୟାପକ ଭାବରେ ଯୋଗଦାନ କରିଛନ୍ତି । ଏହା ଓଡ଼ିଶାର ବିକଶିତ ଶିଳ୍ପ ବ୍ୟବସ୍ଥା ପ୍ରତି ବଢ଼ୁଥିବା ଆତ୍ମବିଶ୍ୱାସକୁ ପ୍ରତିଫଳିତ କରିଛି। ୫୦୦ରୁ ଅଧିକ ଶିଳ୍ପ ପ୍ରତିନିଧିଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୂର୍ବ ଭାରତର ଅଭ୍ୟୁଦୟ ସହିତ ଭାରତର ଅର୍ଥନୈତିକ ସମ୍ପ୍ରସାରଣ ହେବ । ପଶ୍ଚିମ ଭାରତ ସହିତ ପୂର୍ବ ଭାରତର ବିକାଶ ହେଲେ ଏହି ଅଭିବୃଦ୍ଧି ଅଧିକ ସନ୍ତୁଳିତ ହେବ । ଓଡ଼ିଶା ଏହି ପରିବର୍ତ୍ତନର କେନ୍ଦ୍ରବିନ୍ଦୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, "ଆମେ ଗୁଜରାଟକୁ ଏକ ସ୍ୱଷ୍ଟ ସନ୍ଦେଶ ନେଇ ଆସିଛୁ । ଭାରତର ଶିଳ୍ପ ଅଭିବୃଦ୍ଧିର ପରବର୍ତ୍ତୀ ଅଧ୍ୟାୟ ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ। ଆମେ ଶିଳ୍ପଜଗତକୁ ଓଡ଼ିଶାରେ ନିବେଶ କରିବାକୁ ଆମନ୍ତ୍ରିତ କରୁଛୁ, ଏବଂ ମିଳିତ ଅଭିବୃଦ୍ଧି ମାଧ୍ୟମରେ ଦେଶର ସମୃଦ୍ଧିରେ ଯୋଗଦାନ ରଖିବାକୁ ଅନୁରୋଧ କରୁଛୁ ।"

ଏହି ପ୍ରତିନିଧି ମଣ୍ଡଳୀରେ ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଶିଳ୍ପ, ଗୃହ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।ଏହି ରୋଡ୍-ଶୋ ଅବସରରେ ବସ୍ତ୍ର ଓ ବୟନ ଶିଳ୍ପ ସମେତ ବିଭିନ୍ନ କ୍ଷେତ୍ର ଭିତ୍ତିକ ଆଲୋଚ଼ନା ଏବଂ ଉଦ୍‌ଯୋଗପତିଙ୍କ ସହ ସିଧାସଳଖ ଆଲୋଚ଼ନା ହୋଇଥିଲା।



ମୁଖ୍ୟମନ୍ତ୍ରୀ ୨୬ଟି 'ୱାନ୍-ଟୁ-ୱାନ୍' ବୈଠକରେ ଅଧ୍ୟକ୍ଷତା କରି ଶିଳ୍ପପତିଙ୍କ ସହ ନିବେଶ ସୁଯୋଗ ଓ ନୀତିଗତ ସହାୟତା ବିଷୟରେ ଆଲୋଚ଼ନା କରିଥିଲେ।

ବୟନ ଓ ବସ୍ତ୍ର ଶିଳ୍ପ ସମ୍ପର୍କିତ ଆଲୋଚ଼ନା ସମୟରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଏବଂ ଗୁଜରାଟ ମଧ୍ୟରେ ଥିବା ଗଭୀର ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, "ପୁରୀର ଶ୍ରୀଜଗନ୍ନାଥ ଧାମରୁ ଗୁଜରାଟର ଦ୍ୱାରକା ପର୍ଯ୍ୟନ୍ତ ଆମ ରାଜ୍ୟଗୁଡ଼ିକ ମଧ୍ୟରେ ଏକ ଅତୁଟ ସାଂସ୍କୃତିକ ସମ୍ପର୍କ ରହିଛି। ଗୁଜରାଟ ବସ୍ତ୍ର ଶିଳ୍ପରେ ଅଗ୍ରଣୀ ହୋଇଥିବା ବେଳେ ଓଡ଼ିଶା ଏବେ ଏକ ଉତ୍ତମ ପରିବେଶ ଏବଂ କୁଶଳୀ କାରିଗରଙ୍କ ସହିତ ଏହି କ୍ଷେତ୍ରରେ ଦ୍ରୁତ ଗତିରେ ଆଗକୁ ବଢ଼ୁଛି ।" ଓଡ଼ିଶାର ଭୌଗୋଳିକ ସୁବିଧା ବିଷୟରେ ସୂଚ଼ନା ଦେଇ ସେ କହିଥିଲେ ଯେ, ଏକ ଦୀର୍ଘ ଉପକୂଳ ଏବଂ ବନ୍ଦରଗୁଡ଼ିକ ମାଧ୍ୟମରେ ଓଡ଼ିଶା ବିଶ୍ୱ ବଜାର ସହ ସିଧାସଳଖ ଯୋଡ଼ି ହେବାର ଏକ ଶକ୍ତିଶାଳୀ ମାଧ୍ୟମ ସୃଷ୍ଟି କରୁଛି।

ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚ଼ନ୍ଦ୍ର ସ୍ୱାଇଁ କହିଛନ୍ତି ଯେ, ସୁଦୃଢ଼ ଭିତ୍ତିଭୂମି, ବନ୍ଦରଭିତ୍ତିକ ଯୋଗାଯୋଗ ଏବଂ ସ୍ଥିର ନୀତି ଯୋଗୁଁ ଓଡ଼ିଶା ଏକ ଭବିଷ୍ୟତ-ଉପଯୋଗୀ ଶିଳ୍ପ ହବ୍ ଭାବରେ ନିଜକୁ ପ୍ରତିଷ୍ଠିତ କରୁଛି। ଅହମ୍ମଦାବାଦରେ ଆୟୋଜିତ ଏହି ସଫଳ ରୋଡ୍-ଶୋ ଭାରତର ଶିଳ୍ପ ମାନଚିତ୍ରରେ ଓଡ଼ିଶାର ପ୍ରଭାବକୁ ଆହୁରି ସୁଦୃଢ଼ କରିଛି।

ବିଭିନ୍ନ ପ୍ରମୁଖ ସହରଗୁଡ଼ିକରେ ସଫଳ କାର୍ଯ୍ୟକ୍ରମ ପରେ, ଓଡ଼ିଶା ସରକାର ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ନିଜର ନିବେଶକ ପରାମର୍ଶ ଅଭିଯାନ ଜାରି ରଖିବେ। ଅହମ୍ମଦାବାଦ ରୋଡ୍-ଶୋ ଭାରତର ଶିଳ୍ପ ପରିସୀମାରେ ଓଡ଼ିଶାର ବଢ଼ୁଥିବା ଭୂମିକାକୁ ଅଧିକ ଶକ୍ତିଶାଳୀ କରିଛି। ରାଜ୍ୟର ଷ୍ଟ୍ରାଟେଜିକ୍ ଅବସ୍ଥିତି, ସୁଦୃଢ଼ ପ୍ରଶାସନ ପ୍ରଣାଳୀ ଏବଂ ଭବିଷ୍ୟତ ପାଇଁ ଏକ ସ୍ୱଷ୍ଟ ଦୂରଦୃଷ୍ଟି ସହିତ ଓଡ଼ିଶା ପୂର୍ବ ଭାରତରେ ଏକ ଅଗ୍ରଣୀ ଶିଳ୍ପ ସମୃଦ୍ଧ ରାଜ୍ୟ ଭାବେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଅଭିଯାନ ଆରମ୍ଭ କରିଛି।

## ପଶ୍ଚିମବଙ୍ଗରେ ସରକାର ଗଠନ ପ୍ରକ୍ରିୟା ଜୋରଦାର

# ମୋହନ ମାଝୀଙ୍କୁ ସହପର୍ଯ୍ୟବେକ୍ଷକ ଦାୟିତ୍ୱ

ନୂଆଦିଲ୍ଲୀ,୫।୫(ମହାଭାରତ): ପଶ୍ଚିମବଙ୍ଗ ଏବଂ ଆସାମ ବିଧାନସଭା ନିର୍ବାଚ଼ନରେ ବିଜେପିର ବହୁମତ ପରେ ସରକାର ଗଠନ ପ୍ରକ୍ରିୟା ଜୋରଦାର ହୋଇଛି। ବିଧାୟକ ଦଳର ନେତା ଚ଼ୟନ ପାଇଁ ଭାରତୀୟ ଜନତା ପାର୍ଟି ପକ୍ଷରୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ପଶ୍ଚିମବଙ୍ଗ ପାଇଁ ବିଜେପିର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀଙ୍କୁ ସହ-ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ଦୁଇ ନେତା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଚ଼ୟନ ଏବଂ ସରକାର ଗଠନ ପ୍ରକ୍ରିୟାର ତଦାରଖ କରିବେ ।ଆସାମ ପାଇଁ କେନ୍ଦ୍ର ମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ଜେପି ନଡ୍ଡାଙ୍କୁ ଆସାମ ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ସେ ଆସାମ ବିଧାୟକ ଦଳର ନେତା ନିର୍ବାଚ଼ନ ପ୍ରକ୍ରିୟା ପରିଚ଼ାଳନା କରିବେ ।ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂ ସୈନୀଙ୍କୁ ଆସାମ ପାଇଁ ସହ-ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ମିଳିଛି।



ପଶ୍ଚିମବଙ୍ଗର ୨୯୪ଟି ଆସନ ମଧ୍ୟରୁ ବିଜେପି ୨୦୭ଟି ଆସନ ଜିତି ଏକ ଐତିହାସିକ ବିଜୟ ହାସଲ କରିଛି ।ପଶ୍ଚିମବଙ୍ଗରେ ନୂଆ ବିଜେପି ସରକାର ଆସନ୍ତା ମେ ୯ ତାରିଖରେ ଶପଥ ଗ୍ରହଣ କରିବେ। ଏହି ପର୍ଯ୍ୟବେକ୍ଷକମାନେ ନବ ନିର୍ବାଚ଼ିତ ବିଧାୟକମାନଙ୍କ ସହ ଆଲୋଚ଼ନା କରି ମୁଖ୍ୟମନ୍ତ୍ରୀଙ୍କ ନାମ ଚୂଡ଼ାନ୍ତ କରିବେ। ବିଜେପି ସଂସଦୀୟ ବୋର୍ଡ ପକ୍ଷରୁ ଏହି ନାମଗୁଡ଼ିକୁ ଅନୁମୋଦନ କରାଯାଇଛି। ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କୁ ହରାଇବା ପରେ ଶୁଭେନ୍ଦୁ ଅଧିକାରୀ ମୁଖ୍ୟମନ୍ତ୍ରୀ ଦୌଡ଼ରେ ସବୁଠାରୁ ଆଗରେ ଥିବାବେଳେ, ଅମିତ ଶାହଙ୍କ ଗସ୍ତ ପରେ ଏହି ସସପେନ୍ସ ଶେଷ ହେବାର ସମ୍ଭାବନା ରହିଛି।

# ମମତାଙ୍କ ବିତଣ୍ଡା ଯୁକ୍ତି : ହାରିନି, ଇସ୍ତଫା ଦେବିନି

କୋଲକାତା୫।୫(ମହାଭାରତ): ପଶ୍ଚିମବଙ୍ଗରେ ଲଗାତାର ୩ ପାଳି କ୍ଷମତାରେ ରହିବା ପରେ ଗତକାଲି ବିଜେପିଠାରୁ ନିର୍ବାଚ଼ନ ହାରିଥିବା ତୃଣମୂଳ କଂଗ୍ରେସ ମୁଖ୍ୟ ଏବଂ ବିଦାୟୀ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇସ୍ତଫା ଦେବାକୁ ମନା କରିଦେଇଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମମତା କହିଛନ୍ତି, ମୁଁ ନିର୍ବାଚ଼ନ ହାରିନାହିଁ, ତେଣୁ ମୁଁ ରାଜଭବନ ଯିବିନାହିଁ। ମୋର ଇସ୍ତଫା ଦେବାର ପ୍ରଶ୍ନ ଉଠୁନି। ମମତା ଦାବି କରିଛନ୍ତି ଯେ, ନିର୍ବାଚ଼ନ ନିରପେକ୍ଷ ଭାବେ ପରିଚ଼ାଳନା କରାଯାଇନି। ନିର୍ବାଚ଼ନକୁ ବଳପୂର୍ବକ କବ୍‌ଜା କରିବା ପାଇଁ ବିଜେପି ଅନୁଚ଼ିତ ହସ୍ତକ୍ଷେପ କରିଛି ଏବଂ କେନ୍ଦ୍ରୀୟ ବାହିନୀ ବ୍ୟବହାର କରିଛି।



ମମତା ଦୃଢ଼ୋକ୍ତି ବାଢ଼ିଛନ୍ତି ଯେ, ତାଙ୍କ ଦଳ ଫଳାଫଳକୁ ଚ଼୍ୟାଲେଞ୍ଜ କରିବ ଏବଂ ଏହାର ରାଜନୈତିକ ଲଢ଼େଇ ଜାରି ରଖିବ। ସେ କହିଛନ୍ତି, ଆମେ ଜନାଦେଶ ଦ୍ୱାରା ହାରିନାହୁଁ ବରଂ ଷଡଯନ୍ତ୍ର ଦ୍ୱାରା ହାରିଛୁ। ଆମେ ବାଘ ପରି ଲଢ଼ିଛୁ ଏବଂ ପୁଣିଥରେ ଫେରିବୁ। ସେ କହିଛନ୍ତି, ତାଙ୍କ ଦଳର ଲଢ଼େଇ କେବଳ ବିଜେପି ସହ ନୁହେଁ ବରଂ ନିର୍ବାଚ଼ନ କମିସନ ବାସ୍ତବ ପ୍ରତିଦ୍ୱନ୍ଦ୍ୱୀ। ମମତା କହିଛନ୍ତି, ଆମେ ଇସି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ଆମେ ଲଢ଼ିବୁ। କିନ୍ତୁ ରଣନୀତି ଏବେ ଗୁପ୍ତ ରହିବ। ଏ ସମ୍ପର୍କରେ ଏବେ କିଛି କୁହାଯିବନି।

ସେ କହିଛନ୍ତି, ଆମେ ସମଗ୍ର ବ୍ୟବସ୍ଥା ବିରୋଧରେ ଲଢ଼ିଛୁ। ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ମଧ୍ୟ ସମ୍ପୃକ୍ତ। ସେମାନେ ୯୦ ଲକ୍ଷ ନାଁ ଭୋଟର ତାଲିକାରୁ କାଟି ଦେଇଥିଲେ। ଆମେ କୋର୍ଟକୁ ଯିବା ପରେ ତାଲିକାରେ ପୁଣି ୩୨ ଲକ୍ଷ ନାଁ ଯୋଡିହେଲା। ଏହା ଅତ୍ୟନ୍ତ ଦୁଃଖଦାୟକ ଯେ, ମୁଖ୍ୟ ନିର୍ବାଚ଼ନ କମିସନର ଲୋକଙ୍କ ଗଣତାନ୍ତ୍ରିକ ଅଧିକାର ଲୁଟ୍ କରିବା ପାଇଁ ଏବଂ ଇଭିଏମ୍ ଲୁଟ୍ କରିବା ପାଇଁ ଚ଼ଳିତ ନିର୍ବାଚ଼ନର ଭିଲିଆନ୍ ପାଲଟିଥିଲେ। ଇଭିଏମ୍‌ରେ ଭୋଟ୍ ଦେବା ପରେ ୮୦-୯୦ ପ୍ରତିଶତ ଚ଼ାର୍ଜ ରହିଲା କିପରି ନିର୍ବାଚ଼ନର ୨ ଦିନ ପୂର୍ବରୁ ସେମାନେ ଆମ ଲୋକଙ୍କୁ ଗିରଫ କଲେ। ସେମାନେ ସବୁଠି ଚ଼ଢ଼ଉ କଲେ। ସେମାନେ ସମସ୍ତ ଆଇପିଏସ୍ ଓ ଆଇଏଏସ୍ ଅଫିସରଙ୍କୁ ବଦଳି କଲେ। ଏହା ବିଜେପି ଓ ନିର୍ବାଚ଼ନ କମିସନ ମଧ୍ୟରେ ଏକ ସେଟିଂ ଥିଲା। ଆମେ ସମସ୍ତ ବ୍ୟବସ୍ଥା ବିରୋଧରେ ଲଢ଼ିଛୁ। ସେମାନେ ଅତି ଖରାପ ଖେଳ ଖେଳିଛନ୍ତି। ମୋ ଜୀବନରେ ମୁଁ ଏମିତି ନିର୍ବାଚ଼ନ କେବେ ଦେଖି ନାହିଁ।

ନିର୍ବାଚ଼ନରେ ସିଧାସଳଖ ହସ୍ତକ୍ଷେପ ଅଭିଯୋଗ କରି ମମତା କହିଛନ୍ତି, ସେମାନେ ମହାରାଷ୍ଟ୍ର, ହରିୟାଣା, ବିହାର ଓ ଏବେ ପଶ୍ଚିମବଙ୍ଗରେ ନିର୍ବାଚ଼ନ ଚୋରାଇଛନ୍ତି। ତାଙ୍କୁ ମତଦାନ କେନ୍ଦ୍ରରେ ମାଡ ମରାଯାଇଛି। ତାଙ୍କ ପେଟ ଓ ପିଠିକୁ ଗୋଇଠା ମରାଯାଇଛି। ଏହି ସମୟରେ ସିସିଟିଭି କ୍ୟାମେରା ବନ୍ଦ ଥିଲା ଏବଂ ତାଙ୍କୁ ଗଣତି କେନ୍ଦ୍ରରୁ ଠେଲି ବାହାର କରାଯାଇଥିଲା। ଜଣେ ମହିଳା ହୋଇଥିଲେ ମଧ୍ୟ ତାଙ୍କ ସହ ଏଭଳି ଦୁର୍ବ୍ୟବହାର କରାଯାଇଥିବା ସେ କହିଛନ୍ତି। ଅନ୍ୟପକ୍ଷେ ମମତା ବିଜେପିକୁ ସତର୍କ କରାଇଛନ୍ତି ଯେ କ୍ଷମତା ସ୍ଥାୟୀ ନୁହେଁ ଏବଂ ଇତିହାସର ପୁଣିଥରେ ପୁନରାବୃତ୍ତି ହେବ। ମମତା କହିଛନ୍ତି, ସେ ରାଜୀବ ଗାନ୍ଧୀ, ଅଟଳ ବିହାରୀ ବାଜପେୟୀ ଓ ଡକ୍ଟର ମନମୋହନ ସିଂହଙ୍କ ନେତୃତ୍ୱାଧୀନ ସରକାର ଦେଖିଛନ୍ତି। କିନ୍ତୁ କେବେ ବି ଏଭଳି ଅତ୍ୟାଚ଼ାର ଦେଖିନାହାନ୍ତି। ଆଗାମୀ ଦିନରେ ଦଳର ରଣନୀତି କ'ଣ ରହିବ ତାହା ବାନାର୍ଜୀ ପ୍ରକାଶ କରିନାହାନ୍ତି।

ଇଣ୍ଡି ମେଣ୍ଟ ନେତାମାନେ ତାଙ୍କ ସହ ଯୋଗାଯୋଗ କରିଥିବା ଏବଂ ତାଙ୍କୁ ସମର୍ଥନ ମିଳିଥିବା ସେ କହିଛନ୍ତି। ମମତା କହିଛନ୍ତି, ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ଅଖିଳେଶ ଯାଦବ, ହେମନ୍ତ ସୋରେନ, ତେଜସ୍ୱୀ ଯାଦବ ଓ ଅନ୍ୟ ନେତାମାନେ ମୋତେ ଫୋନ୍ କରିଛନ୍ତି। ଅଖିଳେଶ ମୋତେ ଆସନ୍ତାକାଲି ଭେଟିବାକୁ ଆସିବେ। ଏବେ ମୋର ଲକ୍ଷ୍ୟ ସ୍ୱଷ୍ଟ। ମୁଁ ଏକ ମୁକ୍ତ ବିହଙ୍ଗ। ଇଣ୍ଡିମେଣ୍ଟ ନେତାମାନଙ୍କ ସହ ମୁଁ କ'ଣ ଆଲୋଚ଼ନା କରିବି ତାହା ସ୍ଥିର କରିସାରିଛି। ଟିଏମ୍‌ସି ନେତା ଓ କର୍ମୀଙ୍କ ଉପରେ ଯେଉଁଠାରେ ଆକ୍ରମଣ ହୋଇଛି ଏବଂ ଯେଉଁଠାରେ ପାର୍ଟି ଅଫିସ୍ ଭଙ୍ଗାରୁଜା କରାଯାଇଛି ସେଠାକୁ ଦଳ ୫ ସାଂସଦଙ୍କ ଏକ ତଥ୍ୟ ଅନୁସନ୍ଧାନକାରୀ କମିଟି ପଠାଇବ ବୋଲି ମମତା କହିଛନ୍ତି।

## ଇସ୍କନର ୬୧ ସ୍ଥାନରେ ଅଦିନିଆ ରଥଯାତ୍ରା ପ୍ରସ୍ତୁତି

ପୁରୀ,୫।୫(ମହାଭାରତ): ୨୦୨୬ ମସିହା ଅର୍ଥାତ୍ ଚ଼ଳିତ ବର୍ଷ ଆହୁରି ୬୧ ଜାଗାରେ ତିଥି ବିହୀନ ବା ଅଦିନିଆ ରଥଯାତ୍ରା କରିବାକୁ ପ୍ରସ୍ତୁତି କରିଛି ଇସ୍କନ। ୟୁଏସ୍‌ଏ ଓ କାନାଡାର ୨୮ଟି ସ୍ଥାନରେ, ୟୁକେ ଏବଂ ୟୁରୋପର ୨୮ଟି, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡର ୨ଟି ଏବଂ ଆଫ୍ରିକା, ଏସିଆ ଓ ରୁଷିଆର ଗୋଟିଏ ଲେଖାଏଁ ସ୍ଥାନରେ ଅଦିନିଆ ରଥଯାତ୍ରା କରିବ ଇସ୍କନ । ଅଦିନିଆ ରଥଯାତ୍ରାକୁ କଡା ବିରୋଧ ସତ୍ତ୍ୱେ ୨୦୨୫ରୁ ଏଯାବତ୍ ବିଦେଶରେ ୨୯ ସ୍ଥାନରେ ଅଦିନିଆ ରଥଯାତ୍ରା କରିସାରିଛି ଇସ୍କନ । ସେହିପରି ୨ଟି ଅଦିନିଆ ସ୍ନାନ ପୂର୍ଣ୍ଣିମା ମଧ୍ୟ କରିଛି । ଆଗକୁ ଆହୁରି ୮ଟି ଅଦିନିଆ ସ୍ନାନ ପୂର୍ଣ୍ଣିମା କରିବାକୁ ପ୍ରସ୍ତୁତି କରିଛି । ଅଦିନରେ ସ୍ନାନଯାତ୍ରା ଓ ରଥଯାତ୍ରା ପାଳନ କ୍ଷତିକାରଣ ହେବା ସହ ଏନେଇ ଶାସ୍ତ୍ରୀୟ ନିର୍ଦ୍ଦେଶ ନଥିବା ବାରମ୍ବାର ଶ୍ରୀମନ୍ଦିର ପ୍ରଶାସନ ଓ ପଣ୍ଡିତମାନେ ମତ ଦେଉଛନ୍ତି । ଗଜପତି ମଧ୍ୟ ଏନେଇ ଇସ୍କନକୁ ଚ଼ିଠି କରି ଜଣାଇଛନ୍ତି। ତଥାପି ଇସ୍କନ ବିଦେଶରେ ଅଦିନରେ ଏହି ଉତ୍ସବ ପାଳନରୁ ବିରତ ହେଉନି । ଏନେଇ ସୂଚ଼ନା ପହଞ୍ଚିବା ପରେ ବିରୋଧ ଜୋର୍‌ଦାର୍ କରିବାକୁ ପଦକ୍ଷେପ ନିଆଯାଉଥିବା ଜଣାପଡିଛି ।

# ସ୍ୱଞ୍ଜି ଆଇରନ ପ୍ଲାଣ୍ଟରେ ଦୁର୍ଘଟଣା, ୩ ଶ୍ରମିକ ମୃତ

ଅନୁଗୁଳ,୫।୫।(ମହାଭାରତ): ଅନୁଗୁଳ ଜିଲ୍ଲା ନିଶା ଥାନା ଅଞ୍ଚଳରେ ଥିବା ଶ୍ରୀମେଟାଲିକ ସ୍ୱଞ୍ଜି ଆଇରନ ପ୍ଲାଣ୍ଟରେ ସମୋବାର ବିଳମ୍ବିତ ରାତିରେ ଅଘଟଣ ଘଟି ୩ ଶ୍ରମିକ ମୃତ। ଘଟଣାରୁ ପ୍ରକାଶଯେ ଡିଆରଆଇ ମେଣ୍ଟେନାନ୍ସ କାମ କରୁଥିବା ବେଳେ ଗ୍ୟାସଲିକ ହେବାରୁ ତିନି ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ସୂଚ଼ନା । ମୃତକ ମାନେ ହେଲେ ସୁନ୍ଦରଗଡ ଜିଲ୍ଲା

ସଦର ଥାନା ଟାଙ୍ଗରପାଲି ବ୍ଲକ ତିନିଗୁଡା ଗାଁର ଶ୍ରୀଧର ବୋଗେନ(୩୭) ମଣ୍ଟୁ କୁମାର(୩୨) ଓ ରାଜଗାଙ୍ଗପୁର ସୁନାଖଣି ଅଞ୍ଚଳର ମଙ୍ଗଲ ମାଝି (୪୦) ବୋଲି ଜଣାପଡିଛି । ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଥିବା ବେଳେ କଟକ ଡାକ୍ତରଖାନା ନେବାବେଳେ ହିନ୍‌ଦୋଳ ନିକଟରେ ତିନି ଜଣଙ୍କ ମୃତ୍ୟୁ ହୋଇଥିଲା । ସେମାନଙ୍କ ମୃତଦେହ ହିନ୍ଦୋଳ ଡାକ୍ତରଖାନାରେ ରକ୍ଷା ଯାଇଥିବା ବେଳେ ପରିବାର ଲୋକ ପହଞ୍ଚିଲା ପରେ ଶବ ବ୍ୟବଚ୍ଛେଦ କରାଯିବ । ଅନ୍ୟପଟେ ନିଶା ଥାନା ପୋଲିସ ପ୍ଲାଣ୍ଟରେ ପହଂଚ଼ି ତଦନ୍ତ ଆରମ୍ଭ କରିଛି ।କାରଖାନାର ସୁରକ୍ଷା ବ୍ୟବସ୍ଥା ନେଇ ଶ୍ରମିକ ଓ ସ୍ଥାନୀୟ ଲୋକମାନେ ପ୍ରଶ୍ନ ଉଠାଇଥିଲେ । ପରିସ୍ଥିତି ନିୟନ୍ତ୍ରଣ ପାଇଁ ନିଶା ଥାନା ପୋଲିସ ପ୍ଲାଣ୍ଟରେ ପହଞ୍ଚିବା ସହିତ ବ୍ୟାପକ ଭାବେ ପୋଲିସ ମୋତାୟନ କରାଯାଇଥିଲା ।ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିଛି। ଗ୍ୟାସ ଲିକ୍ କିପରି ହେଲା, ସୁରକ୍ଷା ନିୟମ ପାଳନ କରାଯାଇଥିଲାକି ନାହିଁ ଏବଂ କାହାର ଅବହେଳା ଥିଲା କି ନାହିଁ ସେସବୁ ଦିଗରେ ତଦନ୍ତ ଚ଼ାଲିଛି ।ଏହି ଘଟଣା ପରେ ମେଟାଲିକ ପ୍ଲାଣ୍ଟର ସୁରକ୍ଷା ବ୍ୟବସ୍ଥା ଉପରେ ପୁନର୍ବାର ଗୁରୁତର ପ୍ରଶ୍ନ ଉଠିଛି । ଶ୍ରମିକ ସଂଘ ଓ ସ୍ଥାନୀୟ ଲୋକମାନେ ଦାୟୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଓ ପୀଡିତ ପରିବାରଙ୍କୁ କ୍ଷତିପୂରଣ ଦାବି କରୁଛନ୍ତି ।

## ଆଖୁର କ୍ୱିଣ୍ଟାଲ ପିଛା ଉଚ଼ିତ୍ ମୂଲ୍ୟ ୩୬୫ ଟଙ୍କା

ନୂଆଦିଲ୍ଲୀ,୫।୫(ପିଆଇବି); ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକରେ ଆଖୁର କ୍ୱିଣ୍ଟାଲ ପିଛା ୩୬୫ ଟଙ୍କା ଉଚ଼ିତ ଓ ଲାଭଦାୟକ ମୂଲ୍ୟକୁ ଅନୁମୋଦନ ପ୍ରଦାନ କରାଯାଇଛି। ୨୦୨୫-୨୬ର ମୂଲ୍ୟ ତୁଳନାରେ ଏହା ୨.୮୧ ପ୍ରତିଶତ ଅଧିକ। ଏହା ଦ୍ୱାରା ୫ କୋଟି ଆଖୁ ଚ଼ାଷୀ ଏବଂ ଚ଼ିନି କଳ ଓ ଆନୁଷଙ୍ଗିକ କାର୍ଯ୍ୟକଳାପରେ ନିୟୋଜିତ ଥିବା ୫ ଲକ୍ଷ ଶ୍ରମିକ ଲାଭବାନ ହେବେ। ଏଥର ୧୦.୨୫ ପ୍ରତିଶତର ମୂଳ ପୁନରୁଦ୍ଧାର ହାର ଧାର୍ଯ୍ୟ କରାଯାଇଛି। ଏହାଠାରୁ ପ୍ରତି ୦.୧% ଅଧିକ ପୁନରୁଦ୍ଧାର ପାଇଁ କ୍ୱିଣ୍ଟାଲ ପିଛା ୩ ଟଙ୍କା ୫୬ ପଇସାର ପ୍ରିମିୟମ ପ୍ରଦାନ କରାଯିବ।

ଆଖୁ ଚ଼ାଷୀଙ୍କ ସ୍ୱାର୍ଥ ରକ୍ଷାକୁ ଦୃଷ୍ଟିରେ ରଖି ସରକାର କହିଛନ୍ତି ଯେ ଯେଉଁ ଚ଼ିନି ମିଲ୍‌ରେ ପୁନରୁଦ୍ଧାର ହାର ୯.୫ ପ୍ରତିଶତରୁ କମ୍ ରହିଛି ସେଠାରେ କେଣସି ପ୍ରକାର ରିହାତି ଦିଆଯିବ ନାହିଁ। ଏହି ଚ଼ାଷୀମାନେ ଆଗାମୀ ଚ଼ିନି ଋତୁ ୨୦୨୬-୨୭ରେ ଆଖୁ ପାଇଁ କ୍ୱିଣ୍ଟାଲ ପିଛା ୩୩୮.୩ ଟଙ୍କା ପାଇପାରିବେ। ସରକାର ଜଣାଇଛନ୍ତି ଯେ ୨୦୨୬-୨୭ ଚ଼ିନି ଋତୁରେ ଆଖୁର ଉତ୍ପାଦନ ଖର୍ଚ୍ଚ କ୍ୱିଣ୍ଟାଲ ପିଛା ୧୮୨ ଟଙ୍କା ହିସାବ କରାଯାଇଛି। ସେହି ତୁଳନାରେ ସରକାର ଧାର୍ଯ୍ୟ କରିଥିବା ଉଚ଼ିତ ଓ ଲାଭଦାୟକ ଦର କ୍ୱିଣ୍ଟାଲ ପିଛା ୩୬୫ ଟଙ୍କା ପ୍ରାୟ ୧୦୦ ପ୍ରତିଶତ ଅଧିକ।

## "କପା ଉତ୍ପାଦନ ମିଶନ"କୁ କ୍ୟାବିନେଟ ଅନୁମୋଦନ

ନୂଆଦିଲ୍ଲୀ,୫।୫(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ କପା ଉତ୍ପାଦନ ମିଶନଘୋଷଣା କରିଛନ୍ତି । ୫୬୫୯.୨୨ କୋଟି ଟଙ୍କା ବ୍ୟୟ ବରାଦ ସହିତ ଏହିମିଶନ ୨୦୨୬-୨୭ ରୁ ୨୦୩୦-୩୧ମଧ୍ୟରେ କାର୍ଯ୍ୟକାରୀହେବ । ଏହା ଭାରତର କପା କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକ, ନିମ୍ନଗାମୀ ଅଭିବୃଦ୍ଧି ଏବଂ ଗୁଣାତ୍ମକମାନଙ୍କୁ ନେଇ ରହିଥିବା ସମସ୍ୟାଦୂରଣ କରିବ । ଏହି ମିଶନ୍ ଭାରତ ସରକାରଙ୍କ ଫାଇଭ୍-'ଏଫ୍'ଦୃଷ୍ଟିକୋଣ (ଫାର୍ମରୁ ଫାଇବର, ଫ୍ୟାକ୍ଟ୍ରିରୁ ଫ୍ୟାଶନ ଏବଂଫରେନ୍) ଅନୁରୂପ । ଏହିମିଶନ୍ ରୋଗ ଏବଂ କୀଟପତଙ୍ଗ ପ୍ରତିରୋଧୀ ଉଚ୍ଚ ଅମଳକ୍ଷମ ବିହନ (ଏଚ୍‌ୱାଇଭି) ବିହନ ବିକାଶ ମାଧ୍ୟମରେ କପା ଉତ୍ପାଦନ ବୃଦ୍ଧି କରିବା, ରାଜ୍ୟ ସରକାର, କୃଷି ବିଜ୍ଞାନ କେନ୍ଦ୍ର ଏବଂ ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ (ଏସଏୟୁ) ମାଧ୍ୟମରେ ନୂତନ ଫସଲ ଉତ୍ପାଦନ ଜ୍ଞାନକୌଶଳର ବ୍ୟାପକ ପ୍ରଚ଼ାର ଓ ଗ୍ରହଣୀୟତାକୁ ପ୍ରୋତ୍ସାହିତ କରିବ ।

# ବଢୁଛି ବିଭିନ୍ନ ବିଭାଗରେ ଓଡିଆ ଭାଷାରେ ସରକାରୀ କାର୍ଯ୍ୟ

ଭୁବନେଶ୍ୱର,୫।୫(ମହାଭାରତ): ଓଡିଆ ଭାଷାରେ ସରକାରୀ କାର୍ଯ୍ୟ କରିବାକୁ ଅଧିକରୁ ଅଧିକ ସଂଖ୍ୟକ ସରକାରୀ ବାବୁ ତାଲିମ ନେଉଛନ୍ତି । ତାଲିମ ବାବଦରେ ସମୟ ସହିତ ଅର୍ଥ ବି ବ୍ୟୟ ହେଉଛି । ତେବେ ଧିରେ ଧିରେ ବିଭିନ୍ନ ବିଭାଗରେ ଓଡିଆ ଭାଷାରେ ସରକାରୀ କାର୍ଯ୍ୟ ହେଉଥିବାବେଳେ ଆଉ କିଛି ବିଭାଗର ବାବୁମାନେ ଏବେ ଓଡିଆ ଭାଷାରେ ସରକାରୀ ଚ଼ିଠି ପତ୍ର କରିବାକୁ ଅନାଗ୍ରହୀ ଥିବା ଲକ୍ଷ୍ୟ କରାଯାଉଛି ।

ଓଡିଆ ଭାଷାରେ ସରକାରୀ କାର୍ଯ୍ୟ କରିବାପାଇଁ ୨୦୨୦-୨୧ ବର୍ଷରେ ୫୭ଜଣ କର୍ମଚ଼ାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବାବେଳେ ୨୦୨୨-୨୩ ବର୍ଷରେ ୧୦୧ ଜଣ କର୍ମଚ଼ାରୀ ତାଲିମ ପାଇଥିଲେ । ତାଲିମପ୍ରାପ୍ତ କର୍ମଚ଼ାରୀଙ୍କ ସଂଖ୍ୟା ବଢି ବଢି ୨୦୨୫-୨୬ରେ ୬୪୫ରେ ପହଞ୍ଚିଛି । ଏହି କର୍ମଚ଼ାରୀମାନଙ୍କୁ ଓଡିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଓଡିଆ ଭାଷାରେ ସରକାରୀ କାର୍ଯ୍ୟ କରିବାକୁ ତାଲିମ ଦିଆଯାଉଛି ।କେବଳ ରାଜ୍ୟ ସ୍ତରୀୟ ଅଧିକାରୀ କିମ୍ବା କର୍ମଚ଼ାରୀ ନୁହନ୍ତି, ଓଡିଶାର ୩୦ଟି ଜିଲ୍ଲାରେ ବି ପ୍ରଶିକ୍ଷଣ ପ୍ରଦାନର ବ୍ୟବସ୍ଥା କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଭଦ୍ରକ ଜିଲ୍ଲାରୁ ଏହା ଆରମ୍ଭ ହୋଇଥିବାବେଳେ ଏହି ଜିଲ୍ଲାରେ ପାଖାପାଖି ଦେଢ ଶହ କର୍ମଚ଼ାରୀ ଓଡିଆ ଭାଷାର ତାଲିମ ପାଇଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ଦେବଗଡ, ଗଜପତି, ବୌଦ୍ଧ ସହ ଅନ୍ୟ ସମସ୍ତ ଜିଲ୍ଲାର କର୍ମଚ଼ାରୀମାନଙ୍କୁ ଓଡିଆ ଭାଷାରେ ପ୍ରଶିକ୍ଷଣ ପ୍ରଦାନର ଯୋଜନା ରହିଛି ।




ଓଡିଆ ଭାଷାରେ ସରକାରୀ କାର୍ଯ୍ୟକୁ ସହଜ କରିବାପାଇଁ ଓଡିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ କାର୍ଯ୍ୟାଳୟ ନଥି, ପ୍ରଶାସନ ଶବ୍ଦକୋଷ ଓ ପ୍ରଶିକ୍ଷଣ ପୁସ୍ତିକା ଆଦି ଓଡିଆ ଭାଷାରେ ପ୍ରକାଶ କରାଯାଇଛି । ୨୦୨୦ ମସିହାରେ ୭ହଜାର ଖଣ୍ଡ କାର୍ଯ୍ୟାଳୟ ନଥିର ନୂତନ ସଂସ୍କାରଣ ପ୍ରକାଶିତ ହୋଇଥିବାବେଳେ ୨୦୨୪ ମସିହାରେ ୬ହଜାର ଖଣ୍ଡ ପରିବର୍ତ୍ତିତ ପ୍ରଶାସନିକ ଶବ୍ଦକୋଷ ଏବଂ ୨୦୨୫ ମସିହାରେ ହଜାରେ ଖଣ୍ଡ ଯୋଗାଯୋଗରେ ଓଡିଆ ଭାଷା ପୁସ୍ତକ ପ୍ରକାଶିତ ହୋଇଛି ।

ତାଲିମ ଗ୍ରହଣ କରୁଥିବା ଅଧିକାରୀ ଓ କର୍ମଚ଼ାରୀମାନେ ଏହି ଶବ୍ଦକୋଷ, ନଥି ପୁସ୍ତକ ଆଦି ଜରିଆରେ ସରକାରୀ କାର୍ଯ୍ୟକୁ ଓଡିଆ ଭାଷାରେ କରିବା ସହଜ ପାଇଁ ପଦକ୍ଷେପ ନିଆଯାଉଛି । ତେବେ କମ୍ପ୍ୟୁଟରରେ ଓଡିଆ ଭାଷା ପରିଚ଼ାଳନାରେ ଅଧିକ କର୍ମଚ଼ାରୀ ଆଗ୍ରହ ପ୍ରକାଶ କରୁନଥିବାରୁ ସେମାନଙ୍କ ପାଇଁ ଓଡିଆ ଭାଷାରେ କାର୍ଯ୍ୟ କରିବା ସହଜ ହେଉନାହିଁ । ଯଦିଓ ସରକାରୀ ସ୍ତରରେ ସମସ୍ତ କମ୍ପ୍ୟୁଟରରେ ଓଡିଆ ଭାଷାର ସଫ୍ଟୱେର ସୁବିଧା ଯୋଗାଇ ଦିଆଯାଇଛି କିନ୍ତୁ ଏହା ଚ଼ଳାଇବାକୁ ଅଧିକାଂଶ କଷ୍ଟ ଅନୁଭବ କରୁଛନ୍ତି ।

ଅନ୍ୟ ପକ୍ଷରେ କିଛି କର୍ମଚ଼ାରୀ ଏବେ ଓଡିଆ ଭାଷାରେ କାର୍ଯ୍ୟ କରିବା ବଦଳରେ ଇଂରାଜୀ ଭାଷାକୁ ବିଭିନ୍ନ ଉପାୟରେ ବିଶେଷରେ ଆର୍ଟିଫିସିଆଲ ଇଣ୍ଟଲିଜେନ୍ସ (ଏଆଇ) ଜରିଆରେ ଅନୁବାଦ କରିବା ଏବେ ସମସ୍ୟା ପାଲଟିଛି । ଏହି କର୍ମଚ଼ାରୀମାନେ ଓଡିଆ ଭାଷା ଠାରୁ ଦୂରେଇ ଏଆଇ ଅନୁବାଦ ଉପରେ ଗୁରୁତ୍ୱ ଦେଉଥିବାରୁ ବେଳେବେଳେ ବିକୃତ ଓଡିଆ ଦେଖିବାକୁ ମିଳୁଛି । ତେଣୁ ବ୍ୟାପକ ଅର୍ଥ ବ୍ୟୟରେ ପୁସ୍ତକ ପ୍ରସ୍ତୁତି ଠାରୁ ଆରମ୍ଭ କରି ତାଲିମ ପ୍ରଦାନ କରାଯାଉଥିବାବେଳେ ଏହି କର୍ମଚ଼ାରୀମାନେ କିଭଳି ଓଡିଆ ଭାଷାରେ କାର୍ଯ୍ୟ କରୁଛନ୍ତି ତାହାର ମଧ୍ୟ ବିଧିବଦ୍ଧ ସମୀକ୍ଷା କରାଯିବା ଆବଶ୍ୟକ ବୋଲି ମତପ୍ରକାଶ ପାଉଛି ।

## କାଜୁ ପନିର



ଆାବଶ୍ୟକ ସାମଗ୍ରୀ: ପନିର , କାଜୁ ପେଷ୍ଟ, ପିଆଜ ରସୁଣ ପେଷ୍ଟ, ଏକ ଛାଟ ଚାମଚ ଅଦା ଓ କଞ୍ଚାଲଙ୍କା ପେଷ୍ଟ,ଏକ ବଡ଼ ଚାମଚ ଟମୋଟା ପ୍ୟୁରି, ହଳଦୀ, ଧନିଆ ପାଉଡର, କାଶ୍ମୀରି ଲଙ୍କା ପାଉଡର, ଏକ ବଡ଼ ଚାଁମଚ କ୍ରିମ୍, ଜିରା, ଗରମମସଲା, ଲୁଣ ସ୍ୱାଦ ଅନୁସାରେ, ଧନିଆପତ୍ର, ଭଜା ହୋଇଥିବା କାଜୁ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ପନିରକୁ ଛୋଟ ଛୋଟ ଆକାରରେ କାଟିଦିଅନ୍ତୁ। କମ୍ ଆଞ୍ଚରେ ତେଲ ଗରମ କରନ୍ତୁ। ତେଲ ଗରମ ହେଲା ପରେ କଟା ପିଆଜକୁ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଯେତେବେଳେ ପିଆଜ ଭାଜି ହୋଇଯିବ ତାକୁ ଏକ ପ୍ଲେଟକୁ କାଢ଼ି ଥଣ୍ଡା ହେବାକୁ ଛାଡ଼ିଦିଅନ୍ତୁ। ପିଆଜ ଥଣ୍ଡା ହେଲା ପରେ ତାକୁ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। କଡେଇରେ ଜିରା, ପିଆଜ ପେଷ୍ଟ, ଅଦା କଞ୍ଚାଲଙ୍କା ପେଷ୍ଟ ଓ ରସୁଣ ପେଷ୍ଟ ପକାଇ କଷନ୍ତୁ। ମସଲା କଷି ହୋଇଗଲା ପରେ ଟମାଟୋ ପ୍ୟୁରି ପକାନ୍ତୁ। ଟମାଟୋ ପ୍ୟୁରି ଭଲଭାବେ କଷି ହେଲା ପରେ ହଳଦୀ, ଧନିଆ ପାଉଡର, କାଶ୍ମୀର ମିର୍ଚ୍ଚ ଗୁଣ୍ଡ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ମସଲା ଭଲଭାବେ କଷି ହୋଇଗଲା ପରେ ସେଥିରେ କ୍ରିମ୍, କାଜୁ ପେଷ୍ଟ, ଲୁଣ ପକାଇ ୨ରୁ ୩ ମିନିଟ୍ ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ପରେ ପାଣି ଦେଇ ତାକୁ କିଛି ସମୟ ଫୁଟିବାକୁ ଦିଅନ୍ତୁ। ଏହି ଗ୍ରେଭି ଫୁଟିବା ମାତ୍ରେ କଟା ପନିରକୁ ପକାଇ ୨ରୁ ୩ ମିନିଟ୍ ପର୍ଯ୍ୟନ୍ତ ଫୁଟାଇ ଚୁଲା ବନ୍ଦ କରିଦିଅନ୍ତୁ। ଆଞ୍ଚ ବନ୍ଦ କରିବା ମାତ୍ରେ ଗରମମସଲା ମିଶାନ୍ତୁ। ଏବେ ଆପଣଙ୍କ କାଜୁ ପନିର ପ୍ରସ୍ତୁତ ହୋଇଗଲା। ପରେ ସେଥିରେ କଟା ଧନିଆପତ୍ର ପକାଇ ତାକୁ ଗାର୍ନିସ କରିସାରିବା ପରେ ପରଷନ୍ତୁ।

..... ଖବର .....

## ବ୍ରେକ୍‌ଅପ୍ ପରେ ଆଦିତ୍ୟଙ୍କ ସହ ପ୍ରେମ





ଅଭିନେତ୍ରୀ ତାରା ସୁତାରିୟା ଏବେ ଆଦିତ୍ୟ ରୟ କପୁରଙ୍କୁ ଗୋପନରେ ଡେଟ୍ କରୁଛନ୍ତି ! ଏ ନେଇ ଏବେ ବଲିଉଡ୍‌ପ୍ରେମୀଙ୍କ ମଧ୍ୟରେ ପ୍ରବଳ ଚର୍ଚ୍ଚା। ତେବେ ପୂର୍ବତନ ପ୍ରେମିକ ବୀର ପାହାଡ଼ିୟାଙ୍କ ସହିତ ତାଙ୍କର ବ୍ରେକ୍‌ଅପ୍ ହେବା ପରେ ତାରା ନୂଆ ସାଥୀ ରୂପେ ଆଦିତ୍ୟଙ୍କୁ ବାଛିଥିବାର ରୋଚକ ଖବର ନେଇ ସଂପୃକ୍ତ କେହି ହେଲେ ମୁହଁ ଖୋଲି ନାହାନ୍ତି। ଉଲ୍ଲେଖଯୋଗ୍ୟ ଯେ ତାରାଙ୍କ ବ୍ୟକ୍ତିଗତ ଜୀବନ ନେଇ ଏଭଳି ଚର୍ଚ୍ଚା ନୂଆ ନୁହେଁ। ଅତୀତରେ ବୀରଙ୍କ ସହିତ ତାଙ୍କ ସମ୍ପର୍କ ତିକ୍ତ ହେବା ନେଇ ଅନେକ କଥା ଶୁଣିବାକୁ ମିଳିଥିଲା। ଗତ ବର୍ଷ ଗାୟକ ଏପି ଢିଲ୍ଲୋଁଙ୍କ ମୁମ୍ବାଇ କନ୍ ?ସର୍ଟର ମଞ୍ଚକୁ ଚଢ଼ି ତାରା ତାଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରୁଥିବା ବେଳେ ବୀର ଦର୍ଶକ ଗହଣରେ ଥାଇ ହତାଶ ଦିଶୁଥିବାର ଏକ ଭିଡିଓ ଆସିଥିଲା। ତେବେ ପରେ ଉଭୟ ବୀର ଓ ତାରା ସ୍ପଷ୍ଟ କରିଥିଲେ ଯେ ପ୍ରଶଂସକଙ୍କୁ ଭ୍ରମିତ କରିବା ପାଇଁ ଏହି ଭିଡିଓଟିକୁ ଏଡିଟ୍ କରାଯାଇଥିଲା। ତେବେ ତାହାର କିଛି ମାସ ପରେ ସେମାନଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିବା କଥା ଜଣାପଡ଼ିଥିଲା। ତାରା-ବୀର ସମ୍ପର୍କ କିଛି ମାସ ତିଷ୍ଠିଥିବା ବେଳେ ପୂର୍ବରୁ ସେ ଦୀର୍ଘ ସମୟ ଧରି ଅଭିନେତା-ଉଦ୍ୟୋଗୀ ଆଦର ଜୈନଙ୍କ ସହିତ ପ୍ରେମ ସମ୍ପର୍କରେ ଥିଲେ। ସହମତି ଭିତ୍ତିରେ ସେମାନେ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପକାଇବା ପରେ ଗତ ବର୍ଷ ତାରାଙ୍କ ବାନ୍ଧବୀ ଅଲେଖାଙ୍କୁ ଆଦର ବିବାହ କରିଥିଲେ। ଅପରପକ୍ଷେ ଆଦିତ୍ୟଙ୍କ ପ୍ରେମ ଜୀବନ ମଧ୍ୟ କମ୍ ଚର୍ଚ୍ଚିତ ନୁହେଁ। ଅଭିନେତ୍ରୀ ଶ୍ରଦ୍ଧା କପୁର, ମଡେଲ୍ ଦିବା ଧାବନ ଓ ଜର୍ଜିନା ଡି'ସିଲ୍‌ଭାଙ୍କ ସହିତ ଅତୀତରେ ତାଙ୍କର ସମ୍ପର୍କ ଥିବା ଜଣାଶୁଣା କଥା। ତେବେ ତାଙ୍କର ସଦ୍ୟତମ ପ୍ରେମିକା ଥିଲେ ଅନନ୍ୟା ପାଣ୍ଡେ। ସେ ଯାହା ହେଉ, ନୂଆ ଯୋଡ଼ି ପାଲଟିଥିବା ତାରା ଓ ଆଦିତ୍ୟଙ୍କ କ୍ୟାରିଅର୍ ସେତେ ଭଲ ଚାଲୁ ନାହିଁ। ତାରାଙ୍କ ଆଗାମୀ ଚଳଚ୍ଚିତ୍ର 'ଟକ୍ସିକ୍' ମୁକ୍ତିଲାଭ କରିବା ପରେ ତାଙ୍କୁ ବହୁପ୍ରତୀକ୍ଷିତ ସଫଳତା ମିଳିବ ବୋଲି ସେ ଆଶା କରୁଛନ୍ତି।

## ଶୁଭ ବୃକ୍ଷ



ଗୃହର ବିଭିନ୍ନ ସ୍ଥାନରେ ଛୋଟ ଛୋଟ ବୃକ୍ଷ ଲଗାଇଲେ ଧନ ଏବଂ ଐଶ୍ୱର୍ଯ୍ୟ ବୃଦ୍ଧି ହେବା ସହ ପରିବାରରେ ଶାନ୍ତି ବିରାଜମାନ କରିଥାଏ। ଉତ୍ତରପୂର୍ବ ଦିଗରେ ତୁଳସୀ ଗଛ ଲଗାଇଲେ ଘରେ ଲକ୍ଷ୍ମୀ ବିରାଜମାନ କରିଥାନ୍ତି । ପୂର୍ବ ଦିଗରେ ଫୁଲ ଗଛ, ସବୁଜ ଘାସ, ମୌସୁମୀ ଗଛ ଲଗାଇବା ଦ୍ୱାରା ପରିବାର ଲୋକେ ରୋଗରୁ ମୁକ୍ତ ହୋଇଥାନ୍ତି । ପାନ, ଚନ୍ଦନ, ହଳଦୀ, ଲେମ୍ବୁ ଆଦି ଗଛ ପଶ୍ଚିମ-ଉତ୍ତରକୋଣରେ ରଖିଲେ ପରିବାର ଲୋକଙ୍କ ମଧ୍ୟରେ ସ୍ନେହ ବୃଦ୍ଧି ହୋଇଥାଏ । ଦକ୍ଷିଣ-ପଶ୍ଚିମ କୋଣରେ କୁଣ୍ଡରେ କୌଣସି ଭାରୀ ଗଛ ଲଗାଇଲେ ଘରେ ସକାରାତ୍ମକ ବୃଦ୍ଧି ହେବା ସହ ଗୃହକର୍ତ୍ତା ଦୁଃଖରୁ ମୁକ୍ତି ପାଇଥାନ୍ତି । ପଳାସ, ନାଗକେଶକର, ଅରିଷ୍ଟ, ସମୀ ଆଦି ବୃକ୍ଷ ଲଗାଇବା ଦ୍ୱାରା ଘରେ ଶୁଭତା ବିରାଜମାନ କରିଥାଏ । ଘରୁ ବାହାରିବା ସମୟରେ ଡାହାଣ ପାର୍ଶ୍ୱରେ ସମୀ ଗଛ ଦେଖି କାର୍ଯ୍ୟାରମ୍ଭ କରିବା ଶୁଭ ଫଳ ପ୍ରାପ୍ତି ହୋଇଥାଏ । ଘରେ କୁଣ୍ଡରେ ଚମ୍ପା, ଜସ୍ମିନ୍, ଗୋଲାପ ଆଦି ବୃକ୍ଷ ଲଗାଇବା ଦ୍ୱାରା ଉତ୍ତମ ଫଳ ପ୍ରାପ୍ତି ହୋଇଥାଏ । ହେଲେ ଘର ଭିତରେ କଳା ଗୋଲାପ କିମ୍ବା ଲାଲ୍ ଗେଣ୍ଡୁ ଲଗାଇବା ଉଚିତ୍ ନୁହେଁ । ଅଧ୍ୟୟନ କକ୍ଷରେ ଧଳା ରଙ୍ଗର ଫୁଲ ଗଛ ଲଗାଇଲେ ସ୍ମରଣ ଶକ୍ତିରେ ବୃଦ୍ଧି ହୋଇଥାଏ । ଶୟନ କକ୍ଷରେ କୌଣସି ଗଛ ଲଗାଇବା ଉଚିତ୍ ନୁହେଁ ।

## ଅଙ୍ଗୁର ନା କିସମିସ କେଉଁଟା ସ୍ୱାସ୍ଥ୍ୟ ପାଇଁ ଉପକାରୀ



ଫଳ ଏବଂ ଡ୍ରାଏ ଫ୍ରୁଟ ଖାଇବା ଆମ ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି ବିବେଚନା କରାଯାଏ । ତେବେ ଆଜି ଆମେ ଅଙ୍ଗୁର ଏବଂ ସେଥିରୁ ପ୍ରସ୍ତୁତ କିସମିସ୍ ବିଷୟରେ ଜଣାଇବୁ । ଅଙ୍ଗୁର ଏପରି ଏକ ଫଳ ଯାହାର ମିଠା ଏବଂ ଖଟା ସ୍ୱାଦ ଅନେକ ଲୋକଙ୍କୁ ଭଲ ଲାଗିଥାଏ । କିସମିସ୍ ଅଙ୍ଗୁର ଶୁଖାଇବା ଦ୍ୱାରା ପ୍ରସ୍ତୁତ ହୋଇଥାଏ ଯାହାକୁ ଅନେକ ଲୋକ ପସନ୍ଦ କରନ୍ତି । ଏହା ମିଠା ଖାଦ୍ୟ ସଜାଇବା ପାଇଁ ବ୍ୟବହୃତ ହୋଇଥାଏ । ଅଙ୍ଗୁରରେ ୮୦ ପ୍ରତିଶତ ଜଳ ଥାଏ, ତେବେ ଏହାକୁ ଶୁଖାଇବା ଦ୍ୱାରା ସେ କିସ୍‌ମିସ୍‌ରେ ପରିଣତ ହୋଇଥିବା, ଏହା ଦ୍ୱାରା ସେଥିରେ ଜଳ ମାତ୍ର ୧୫ ପ୍ରତିଶତକୁ କମ୍ ହୋଇଯାଏ । ବର୍ତ୍ତମାନ ପ୍ରଶ୍ନ ଉଠିଛି ଯେ ଯେତେବେଳେ ଉଭୟ ଅଙ୍ଗୁର ଏବଂ କିସମିସ୍ ସ୍ୱାସ୍ଥ୍ୟ ପାଇଁ କେଉଁଟା ଲାଭଦାୟକ ? ତେବେ କେଉଁ ଜିନିଷକୁ ଅଧିକ ସୁସ୍ଥ ବୋଲି ବିବେଚନା କରାଯିବା ଉଚିତ୍ ତାହେଲେ ଆସନ୍ତୁ ଜାଣିବା ଯେ ଏହି ଦୁଇଟି ଜିନିଷରୁ କେଉଁ ଜିନିଷ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ ।

କିସମିସ୍ ଖାଇବାର ଲାଭ : କିସମିସ୍‌ରେ ଅଙ୍ଗୁର ଅପେକ୍ଷା ଅଧିକ କ୍ୟାଲୋରୀ ଥାଏ । ବାସ୍ତବରେ ଅଙ୍ଗୁର ଶୁଖିବା ପରେ କିସମିସ୍ ପ୍ରସ୍ତୁତ କରାଯାଏ । ଏହି ପ୍ରକ୍ରିୟାରେ, ଚିନି ଏବଂ ଆଣ୍ଟିଅକ୍ସିଡାଣ୍ଟ ବ୍ୟବହାର କରାଯାଏ । ଯାହା କ୍ୟାଲୋରୀରେ ଭରପୁର । ଯଦି ଆପଣ ଅଧା କପ୍ ଅଙ୍ଗୁର ଖାଆନ୍ତି, ତେବେ ଆପଣଙ୍କୁ କେବଳ ୩୦ କ୍ୟାଲୋରୀ ମିଳିବ । ଏଥିସହ କିସମିସକୁ ଫାଇବରର ଏକ ଭଲ ଉତ୍ସ ବୋଲି ବିବେଚନା କରାଯାଏ । ଏହା ବ୍ୟତୀତ ଏଥିରେ ଆଇରନ୍ ଏବଂ ପୋଟାସିୟମ୍ ପରି ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ ଥାଏ । କିସମିସ୍‌ରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ମଧ୍ୟ ରହିଛି । ଯାହା ଅନ୍ତନଳୀରେ ଥିବା ଜୀବାଣୁକୁ ସନ୍ତୁଳିତ କରିବାରେ ସାହାଯ୍ୟ କରିଥାଏ ।

ଅଙ୍ଗୁର ଖାଇବାର ଲାଭ : ଅଙ୍ଗୁରରେ ଭିଟାମିନ୍ ଉ ଏବଂ ଆଣ୍ଟିଅକ୍ସିଡାଣ୍ଟ ଥାଏ । ଏଥିରେ ଥିବା ପୋଷକ ତତ୍ତ୍ୱ ଆମ ସ୍କିନକୁ ଭଲ ରଖିବାରେ ସାହାଯ୍ୟ କରିଥାଏ । ଏହା କେବଳ ସ୍କିନ ସମସ୍ୟାରୁ ରକ୍ଷା କରିନଥାଏ ବରଂ କ୍ୟାନ୍ସର ରୋଗରୁ ମଧ୍ୟ ମୁକ୍ତି ଦେଇଥାଏ । ଯଦି ଆପଣ ଅଙ୍ଗୁର ଖାଉଛନ୍ତି, ତେବେ ଏହା ଆପଣଙ୍କୁ ମୁହଁରୁ ଅନେକ ଦାଗ ମଧ୍ୟ ଦୂର କରିବ ।

କିସମିସ୍ ଏବଂ ଅଙ୍ଗୁର ମଧ୍ୟରେ କେଉଁଟି ଅଧିକ ସୁସ୍ଥ : ଉଭୟ ଜିନିଷ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ, କିନ୍ତୁ ଅଙ୍ଗୁର ଅଧିକ ସୁସ୍ଥ ବୋଲି ବିବେଚନା କରାଯାଏ କାରଣ ଯେଉଁ ଜିନିଷରେ କ୍ୟାଲୋରୀ କମ୍ ଥାଏ ତାହା ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ। ତେଣୁ ଆପଣ ପ୍ରତିଦିନ ଫଳ ଖାଇବାକୁ ଚେଷ୍ଟା କରନ୍ତୁ । ଯାହାଦ୍ୱାରା ଆପଣ ସୁସ୍ଥ ରହିବେ ଏବଂ ବିଭିନ୍ନ ପ୍ରକାରର ସମସ୍ୟାରୁ ମଧ୍ୟ ଦୂରେଇ ରହିବେ ।

## ମହର୍ଷି ବଶିଷ୍ଠଙ୍କ ଉଦାରତା



ଦିଗବିଜୟ ପରେ ରାଜା କୌଶିକ ରାଜଧାନୀ ଅଭିମୁଖେ ଫେରୁଥିଲେ। ବାଟରେ ବ୍ରହ୍ମଜ୍ଞାନୀ ମହର୍ଷି ବଶିଷ୍ଠଙ୍କ ଆଶ୍ରମ ପଡ଼ିଲା। ଭାବିଲେ, ମହାମୁନିଙ୍କ ଦର୍ଶନ କରିଦେଇଯିବେ। ଆଶ୍ରମ ଦ୍ୱାର ଦେଶରେ ପହଞ୍ଚିବା ପରେ ବଶିଷ୍ଠ ତାଙ୍କୁ ଭିତରକୁ ଆସି ଅନ୍ନ ଗ୍ରହଣ କରିବା ଲାଗି ଅନୁରୋଧ କଲେ। କୌଶିକ କହିଲେ, ମୁଁ ଏକା ନାହିଁ । ମୋ ସହିତ ଲକ୍ଷ ଲକ୍ଷ ସୈନ୍ୟ ହାତୀ, ଘୋଡ଼ା ରହିଛନ୍ତି । ଆପଣଙ୍କୁ ଅସୁବିଧା ହେବ। ବଶିଷ୍ଠ କହିଲେ, କିଛି ଅସୁବିଧା ନାହିଁ ! ଆପଣ ଆସନ୍ତୁ। ବଶିଷ୍ଠଙ୍କ ନିକଟରେ ଗୋମାତା କାମଧେନୁଙ୍କ ବାଛୁରୀ ନନ୍ଦିନୀ ଥିଲେ। ସେ କୌଶିକଙ୍କ ସମସ୍ତ ସେନାବାହିନୀ ଓ ହାତୀଘୋଡ଼ା ପାଇଁ ଖାଦ୍ୟ ଯୋଗାଡ଼ କରିଦେଲେ। ଏହା ଦେଖି ରାଜା କୌଶିକ ଆଶ୍ଚର୍ଯ୍ୟ ହେଲେ। ଯିବା ବେଳେ ଋଷି ବଶିଷ୍ଠ ତାଙ୍କୁ ଉପହାର ଯାଚିଲେ। ରାଜା କହିଲେ, ଆପଣ ଯଦି କିଛି ଦେବାକୁ ଚାହୁଁଛନ୍ତି, ତା'ହେଲେ ମୋତେ ଏହି ନନ୍ଦିନୀ ଗୋମାତାଙ୍କୁ ଦିଅନ୍ତୁ। କିନ୍ତୁ ବଶିଷ୍ଠ କହିଲେ, ଆପଣ ରାଜା! ଆପଣଙ୍କ ପାଖରେ ସମସ୍ତ ସମ୍ବଳ ରହିଛି। ମୁଁ ଋଷି! ସବୁକିଛି ତ୍ୟାଗ କରି ସନ୍ନ୍ୟାସୀ ଜୀବନଯାପନ କରୁଛି। ତେଣୁ ମୋର ସମ୍ବଳ ହେଉଛନ୍ତି ଏହି ନନ୍ଦିନୀ ଗୋମାତା। ତେଣୁ ମୁଁ ଏହାଙ୍କୁ ଆପଣଙ୍କୁ ଦେଇପାରିବି ନାହିଁ । ତା'ଛଡ଼ା ଗୋମାତା ନନ୍ଦିନୀ ଆପଣଙ୍କ ରାଜ୍ୟରେ ରହିଲେ ହୁଏତ' ଅନ୍ୟ କେଉଁ ରାଜା ଆପଣଙ୍କ ରାଜ୍ୟ ଉପରେ ଆକ୍ରମଣ କରିପାରନ୍ତି। ବଶିଷ୍ଠ ଏପରି ଅନେକ ବୁଝାଇଲେ ସୁଦ୍ଧା କୌଶିକ ବୁଝିଲେ ନାହିଁ। ସେ ବଳପୂର୍ବକ ନନ୍ଦିନୀଙ୍କୁ ନେଇଯିବା ଲାଗି ପ୍ରୟାସ କଲେ। ହେଲେ ନନ୍ଦିନୀଙ୍କ ଶରୀରରୁ ଲକ୍ଷ ଲକ୍ଷ ସୈନ୍ୟ ବାହାରିଲେ। ସେମାନେ କୌଶିକଙ୍କ ସେନାବାହିନୀର ବିନାଶ କଲେ। କୌଶିକଙ୍କୁ ପରାଜିତ ହୋଇ ଫେରିଯିବାକୁ ପଡ଼ିଲା। ଏହି ଘଟଣା କୌଶିକଙ୍କ ମନରେ ଗଭୀର ରେଖାପାତ କଲା। ସେ ରାଜ୍ୟସିଂହାସନ ତ୍ୟାଗ କରି କଠୋର ତପସ୍ୟା କଲେ। ବଶିଷ୍ଠଙ୍କ ପରି ବ୍ରହ୍ମଜ୍ଞାନୀ ହେବା ଲାଗି ତାଙ୍କ ମନରେ ଇଚ୍ଛା ଜାଗ୍ରତ ହେଲା। ସିଦ୍ଧି ପ୍ରାପ୍ତ କରିବା ପରେ ସେ ପୁଣି ବଶିଷ୍ଠଙ୍କ ଆଶ୍ରମକୁ ଫେରିଲେ। ସେତେବେଳେ ସେ ବିଶ୍ୱମିତ୍ରଙ୍କ ନାମରେ ପରିଚିତ ହୋଇସାରିଥିଲେ। ସିଦ୍ଧି ମିଳିଥିଲା କିନ୍ତୁ ଅହଂକାର ଯାଇନଥିଲା। ବଶିଷ୍ଠଙ୍କ ଆଶ୍ରମରୁ ପୁଣି ନନ୍ଦିନୀଙ୍କୁ ନେବା ଲାଗି ପ୍ରୟାସ କଲେ। ବଶିଷ୍ଠଙ୍କ ପୁତ୍ରମାନଙ୍କ ସହ ତାଙ୍କର ମୁହାଁମୁହିଁ ହେଲା। କୌଶିକ ସମସ୍ତଙ୍କୁ ହତ୍ୟା କଲେ। ବଶିଷ୍ଠ ଓ ତାଙ୍କ ପତ୍ନୀ ଜୀବନରେ ଦୁଃଖର କଳାବାଦଲ ଘୋଟି ଆସିଲା। ତଥାପି ଉଦାର, କ୍ଷମାଶୀଳ ବଶିଷ୍ଠ କୌଣସି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ। ବିଶ୍ୱାମିତ୍ରଙ୍କୁ ଏଥର ମଧ୍ୟ ଖାଲି ହାତରେ ଫେରିଯାଇଥିଲେ। କାରଣ ସେତେବେଳକୁ ଗୋ-ମାତା ନନ୍ଦିନୀ ସ୍ୱର୍ଗପୁରୀକୁ ଚାଲିଯାଇଥିଲେ। ଅନ୍ୟପଟେ ବିଶ୍ୱାମିତ୍ରଙ୍କ ଏହି କୃତକର୍ମକୁ ଦେବତା, ଋଷି-ମୁନି ସମସ୍ତେ ବିରୋଧ କଲେ। ବିଶ୍ୱାମିତ୍ରଙ୍କ ଚେତା ପଶିଲା। ଅହଂକାରବଶତଃ ମହର୍ଷି ବଶିଷ୍ଠଙ୍କର ସେ ଯେଉଁ କ୍ଷତି କରିଛନ୍ତି ତା'ର ପ୍ରାୟଶ୍ଚିତ କରିବା ଲାଗି ସେ ପୁଣିଥରେ ତପସ୍ୟା କରିବା ଲାଗି ନିଷ୍ପତ୍ତି ନେଲେ। ହଜାର ହଜାର ବର୍ଷ ପର୍ଯ୍ୟନ୍ତ କଠୋର ତପସ୍ୟା ଚାଲିଲା। ତାଙ୍କର ତପଶକ୍ତି ଏତେ ପ୍ରଖର ହୋଇଗଲା ତା'ର ପ୍ରଭାବ ତିନି ପୁରରେ ବ୍ୟାପିଗଲା। ଶେଷରେ ବିଶ୍ୱାମିତ୍ର ତପଭଙ୍ଗ କରି ମହର୍ଷି ବଶିଷ୍ଠଙ୍କୁ କ୍ଷମା ଯାଚନା କରିବା ଲାଗି ମନସ୍ଥ କଲେ। ତେଣୁ ସେ ବଶିଷ୍ଠ ମୁନିଙ୍କ ଆଶ୍ରମ ଅଭିମୁଖେ ଚାଲିଲେ । ସେଠାରେ ପହଞ୍ଚିବା ସମୟରେ ସନ୍ଧ୍ୟା ହୋଇସାରିଥିଲା। ଆଶ୍ରମରେ ମହର୍ଷି ବଶିଷ୍ଠ ଏବଂ ପତ୍ନୀ ଅରୁନ୍ଧତୀ ବସିଥିଲେ। ଅରୁନ୍ଧତୀ କହୁଥିଲେ, ସ୍ୱାମୀ! ଆଜି ଆକାଶରେ ଚନ୍ଦ୍ରଙ୍କ ଆଲୋକ କେତେ ସୁନ୍ଦର ଦିଶୁଛି। ଘନ ଅନ୍ଧାର ରାତ୍ରୀ ଚନ୍ଦ୍ରଙ୍କ ଆଲୋକରେ ଆଲୋକିତ ହୋଇ ଉଠୁଛି। ଚତୁର୍ଦ୍ଦିଗ ପ୍ରକାଶମାନ ହୋଇଉଠୁଛି । ତାଙ୍କ କଥା ଶୁଣି ମହର୍ଷି ବଶିଷ୍ଠ କହିଲେ, ନା ଦେବୀ! ପ୍ରକାଶ ଦେଖିବାର ଅଛି ତ' ମହର୍ଷି ବିଶ୍ୱାମିତ୍ରଙ୍କ ତପସ୍ୟାର ପ୍ରକାଶକୁ ଦେଖ। ଯାହା ଏବେ ତିନି ପୁରରେ ବ୍ୟାପିଯାଇଛି। ମହର୍ଷି ବଶିଷ୍ଠଙ୍କ ଉପମା ଶୁଣି ବିଶ୍ୱାମିତ୍ର ତୁରନ୍ତ ଯାଇ ତାଙ୍କ ପାଦ ତଳେ ପଡ଼ିଗଲେ। ସେ କରିଥିବା ପାପ ପାଇଁ ତାଙ୍କୁ କଠୋରରୁ କଠୋରତମ ଦଣ୍ଡ ଦେବା ଲାଗି ପ୍ରାର୍ଥନା କଲେ। ମହର୍ଷି ବଶିଷ୍ଠ କିନ୍ତୁ ତାଙ୍କୁ କ୍ଷମା ଦେଲେ। ଅନ୍ୟପଟେ ତପଶକ୍ତି ପାଇଁ ତାଙ୍କୁ ବ୍ରହ୍ମର୍ଷି ପଦବୀ ପ୍ରଦାନ କଲେ ।

## ତ୍ୱଚ୍ଚ କୁଂଚନ ଦୂର କରିବ ନଡିଆ ତେଲ

ସାଧାରଣତଃ ବୟସ ବଢ଼ିବା ସହ ଧୀରେ ଧୀରେ ସୌନ୍ଦର୍ଯ୍ୟ ମଧ୍ୟ ହ୍ରାସ ପାଇଥାଏ। ବିଶେଷ କରି ଏହାର ପ୍ରଭାବ ମୁଖ୍ୟତଃ ମୁହଁରେ ପ୍ରଥମେ ଦେଖାଯାଇଥାଏ। ଆଖି ତଳ କଳା ପଡିବା, ଚର୍ମ କୁଂଚନ ବା ରିଙ୍କଲ୍ସ



ହେବା ଭଳି ସମସ୍ୟା ଆସିଥାଏ । ଏହି ସମସ୍ୟାକୁ ଦୂର କରିବା ପାଇଁ ଅନେକ ଲୋକେ ଡାକ୍ତରଙ୍କ ସହାୟତା ନେଇଥାନ୍ତି। ତେବେ କମ୍ ଖର୍ଚ୍ଚରେ ମଧ୍ୟ ଘରୋଇ ଉପଚାରରେ ଏହି ସମସ୍ୟାରୁ ମୁକ୍ତି ମିଳିପାରିବ।

ଭ ଗୋଟିଏ ଚାମଚ ଦହି ସହ ଗୋଟିଏ ଚାମଚ ମହୁ ମିଶାନ୍ତୁ । ଏଥିରେ କିଛି ବୁନ୍ଦା ଗୋଲାପ ଜଳ ପକାଇ ଏକ ମିଶ୍ରଣ ତିଆରି କରନ୍ତୁ। ଏହାକୁ ୨୦ ମିନିଟ ଯାଏଁ ମୁହଁରେ ଲଗାଇ ରଖନ୍ତୁ। ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହା ଦ୍ୱାରା ମୁହଁରୁ ରିଙ୍କଲ୍ସ ଦୂର ହେବା ସହ ତ୍ୱଚ୍ଚ ସଫା ହୋଇଯାଇଥାଏ।

ଭ ଗୋଟିଏ ଚାମଚ ନଡିଆ ତେଲରେ ଗୋଟିଏ ଚୁଟକି ହଳଦି ପାଉଡର ମିଶାନ୍ତୁ। ଏହି ମିଶ୍ରଣକୁ ରିଙ୍କଲ୍ସ ହୋଇଥିବା ସ୍ଥାନରେ ଲଗାଇ ୨୦ ମିନିଟ୍ ପର୍ଯ୍ୟନ୍ତ ଛାଡି ଦିଅନ୍ତୁ। ଏହାପରେ ଧୋଇ ଦିଅନ୍ତୁ।। ତେଲରେ ମୁହଁର ମାଲିସ କରନ୍ତୁ । ସକାଳୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ତ୍ୱଚ୍ଚ ହାଇଡ୍ରେଟ ହେବା ସହ ରିଙ୍କଲ୍ସ ଦୂର ହୋଇଥାଏ।

ଭ ଏଲୋବେରା ଜେଲ, ଦହି ଏବଂ କାକୁଡି ରସକୁ ଏକାଠି ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ୨୦ ମିନିଟ ଯାଏଁ ମାଲିସ କରି ଧୋଇ ଦିଅନ୍ତୁ।

ଭଦହିରେ କାକୁଡି ରସ ମିଶାଇ ୨୦ ମିନିଟ ପର୍ଯ୍ୟନ୍ତ ମୁହଁରେ ଏହି ପେଷ୍ଟକୁ ଲଗାଇ ରଖନ୍ତୁ। ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ସପ୍ତାହ ଭିତରେ ୨ ରୁ ୩ ଥର ଏହି ଉପାୟକୁ କରନ୍ତୁ। ଏହାଦ୍ୱାରା ତ୍ୱଚ୍ଚର ଉଜ୍ଜ୍ୱଳତା ବଢ଼ିବା ସହ ମୁହଁରେ ପଡିଥିବା କୁଂଚନ ବା ରିଙ୍କଲ୍ସ ମଧ୍ୟ ଧୀରେ ଧୀରେ କମିଯିବ।

## ପାନୀୟ ଜଳ ଯୋଗାଣରେ ବ୍ୟାପକ ଅଗ୍ରଗତି

ଭୁବନେଶ୍ୱର,୫।୫ (ମହାଭାରତ): ରାଜ୍ୟର ସମସ୍ତ ସହରାଂଚଳରେ ୨୪ଘଂଟିଆ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାର ନିଜର ପ୍ରୟାସକୁ ଆହୁରି ଜୋରଦାର କରିଛନ୍ତି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧକ୍ଷତାରେ ଖାରବେଳ ଭବନଠାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଜନସ୍ୱାସ୍ଥ୍ୟ ବୈଷୟିକ ସଂଗଠନ ର ୨୦୨୬-୨୭, ୨୦୨୭-୨୮ ଏବଂ ୨୦୨୮-୨୯ ବର୍ଷ ପାଇଁ ବାର୍ଷିକ କାର୍ଯ୍ୟଖସଡ଼ା ଉପରେ ବିସ୍ତୃତ ଆଲୋଚନା କରାଯାଇ ଅନୁମୋଦିତ ହୋଇଛି।




ରାଜ୍ୟର ୮୬ଟି ପୌରାଂଚଳରେ ୨୦୨୬ ସୁଦ୍ଧା ଜନସଂଖ୍ୟା ୩୧.୫୦ ଲକ୍ଷରେ ପହଂଚିବା ନେଇ ଆକଳନ କରାଯାଇଛି। ବର୍ତ୍ତମାନ ଏହି ଅଂଚଳଗୁଡ଼ିକରେ ଦୈନିକ ୪୫୨ ନିୟୁତ ଲିଟର ପାନୀୟ ଜଳ ଯୋଗାଇ ଦିଆଯାଉଛି। ସମସ୍ତ ସହରାଂଚଳରେ ୨୪ଘଂ୭ ଜଳ ଯୋଗାଣ ଲକ୍ଷ୍ୟ ନେଇ ଏକ ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ୨୦୨୫-୨୬ ବର୍ଷରେ ୯ଟି ପୌରାଂଚଳକୁ ଏହି ସେବାରେ ସାମିଲ କରାଯାଇଥିବା ବେଳେ, ୨୦୨୬-୨୭ ଏବଂ ୨୦୨୭-୨୮ ବର୍ଷରେ ପ୍ରତ୍ୟେକ ବର୍ଷ ୩୮ଟି ଲେଖାଏଁ ପୌରାଂଚଳକୁ ସାମିଲ କରାଯିବ।

'ସୁଜଳ' କାର୍ଯ୍ୟକ୍ରମ ଅଧୀନରେ ମୋଟ ୫୪୪ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି, ଯେଉଁଥିରୁ ୨୮୯ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି। ୨୦୨୬-୨୭ ବର୍ଷରେ ୧୦୨ଟି ନୂତନ ପ୍ରକଳ୍ପ ସମେତ ମୋଟ ୩୯୧ଟି ପ୍ରକଳ୍ପ ପାଇଁ ପ୍ରାୟ ୧୫୦୦ କୋଟି ଟଙ୍କା ବ୍ୟୟ କରାଯିବ। ୨୦୨୭-୨୮ ରେ ୯୨ଟି ନୂତନ ପ୍ରକଳ୍ପ ପାଇଁ ୯୭୮ କୋଟି ଟଙ୍କା ବିନିଯୋଗ କରାଯିବାର ଯୋଜନା ରହିଛି। ଶ୍ରୀମତୀ ପାଢ଼ୀ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରି ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ, ସରକାରଙ୍କ ସାର୍ବଜନୀନ ୨୪ଘଂ୭ ପାନୀୟ ଜଳ ଯୋଗାଣ ସଂକଳ୍ପକୁ ପୂରଣ କରିବା ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ପାଣ୍ଠିର ସର୍ବାଧିକ ବ୍ୟବହାର ଏବଂ କାର୍ଯ୍ୟର ଗତି ବଢ଼ାଇବା ଜରୁରୀ।

ଏଥିସହିତ, ବିଶୁଦ୍ଧ ପାନୀୟ ଜଳର ଅପବ୍ୟବହାର ରୋକିବା ପାଇଁ ସେ ଗୁରୁତ୍ୱାରୋ କରିଛନ୍ତି। ବଗିଚା କାମ, ଗାଡ଼ି ଧୋଇବା ଏବଂ ନିର୍ମାଣ କାର୍ଯ୍ୟ ପାଇଁ ପାନୀୟ ଜଳ ପରିବର୍ତ୍ତେ ବିକଳ୍ପ ଜଳ ଉତ୍ସ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ଶାସନ ସଚିବ ଶୁଭାନନ୍ଦ ମହାପାତ୍ର, ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ସଚିବ ଶ୍ରୀମତୀ ଶିଖା ବିଶ୍ୱାଳ, ଜନସ୍ୱାସ୍ଥ୍ୟ ବୈଷୟିକ ସଂଗଠନ ର ଯନ୍ତ୍ରୀ ମୁଖ୍ୟ ବିଳାସ ବେହେରାଙ୍କ ସମେତ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## କ୍ଷୀର ଦର ବୃଦ୍ଧିକୁ ବିଜେଡିର ବିରୋଧ

ଭୁବନେଶ୍ୱର,୫।୫ (ମହାଭାରତ): ଓମଫେଡ ଦ୍ୱାରା କ୍ଷୀର ଦର ବୃଦ୍ଧିକୁ ବିଜୁ ଜନତା ଦଳ ପକ୍ଷରୁ ବିରୋଧ କରାଯାଇଛି। ରାଜ୍ୟ ସରକାର ଓମ୍ଫେଡ୍ ଦୁଗ୍ଧ ପ୍ରତି ଲିଟର ପିଛା ୪ ଟଙ୍କା ବୃଦ୍ଧି କରିଛନ୍ତି । ଯେଉଁଥିରେ ମାତ୍ର ୧ ଟଙ୍କା ଚାଷୀ ଉପକୃତ ହୋଇଥିଲା ବେଳେ ଆଉ ତିନି ଟଙ୍କା ସରକାର ଚାଲାଖି କରି ନିଜ ତହବିଲକୁ ନେଉଛନ୍ତି ବୋଲି ଅଭିଯୋଗ କରି କଡା ସମାଲୋଚନା କରିଛି ବିଜୁ ଜନତା ଦଳ ।ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ଓ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍ସିତା ସାହୁ ବିଜେପି ସରକାର ଉପରେ ବର୍ଷିଛନ୍ତି ।

ଡ. ମହାନ୍ତି କହିଛନ୍ତି, ସରକାର ଓମ୍ଫେଡ୍ ଦୁଗ୍ଧ ଲିଟର ପିଛା ୪ଟଙ୍କା ବୃଦ୍ଧି କରିଛନ୍ତି । ଏଥିରେ ମାତ୍ର ୧ ଟଙ୍କା ଦୁଗ୍ଧ ଚାଷୀମାନେ ଉପକୃତ ହୋଇଥିଲା ବେଳେ ଆଉ ୩ ଟଙ୍କା ରାଜ୍ୟ ସରକାର ଲାଭବାନ ହେଉଛନ୍ତି । ସରକାର ଚାଲାଖି କରି ଦୁଇ ଦିନ ତଳେ ଦୁଗ୍ଧ ଚାଷୀମାନଙ୍କୁ ଲିଟର ପିଛା ୧ ଟଙ୍କା ଦେବା ପାଇଁ ଖବର କାଗଜରେ ବିଜ୍ଞାପନ ପ୍ରକାଶ କରି ବାହାବା ନେବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ଆଜି ସରକାରଙ୍କ ଅସଲ ଉଦ୍ଦେଶ୍ୟ



ସର୍ବସମ୍ମୁଖକୁ ଆସିଛି । ୧ ଟଙ୍କା ଚାଷୀଙ୍କୁ ଦେବା ବାହାନାରେ ୪ ଟଙ୍କା ସାଧାରଣ ଖାଉଟିଙ୍କୁ ଲୁଟିଛନ୍ତି । ସରକାର ବୃଦ୍ଧି କରିଥିବା ସମସ୍ତ ୪ ଟଙ୍କା ଦୁଗ୍ଧ ଚାଷୀଙ୍କୁ ଦିଅନ୍ତୁ ବୋଲି ବିଜେଡି ଦାବି କରିଛି । ଅନ୍ୟପଟେ ଗ୍ୟାସ୍ ଦର ବୃଦ୍ଧି ସାଧାରଣ ଜନତାଙ୍କୁ ଅଣାୟତ୍ତ କରିସାରିଲାଣି । ବିଗତ ୬ ମାସରେ ୪ ଥର ଗ୍ୟାସ୍ ଦର ବୃଦ୍ଧି 'ବେଡି ଉପରେ କୋରଡା ମାଡ' ସଦୃଶ୍ୟ । ଏହା ଲୋକଙ୍କ ଦୈନନ୍ଦିନ ଜୀବନରେ ଆର୍ଥିକ ବୋଝ ବଢାଇବାରେ ଲାଗିଛି ।

ସେହିପରି ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ କହିଥିଲେ, ଓମ୍ଫେଡ୍ ଦର ବୃଦ୍ଧି ଓ ଗ୍ୟାସ ଦର ବୃଦ୍ଧି ଯୋଗୁ ସାଧାରଣ ଛାତ୍ରଟିଏ ଚା' କପ ଟିଏ ୫ ଟଙ୍କାରେ ପିଉଥିଲା ବେଳେ ୨୦ ଟଙ୍କାରେ ଜଳଖିଆ ଖାଉଥିଲା । କିନ୍ତୁ ଆଜି ସରକାରଙ୍କ ଏହି ଦର ବୃଦ୍ଧି ଯୋଗୁ, ସାଧାରଣ ଛାତ୍ରଟିଏ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛି । ସରକାର ଦରବୃଦ୍ଧିକୁ ତୁରନ୍ତ ନିୟନ୍ତ୍ରଣକୁ ଆଣନ୍ତୁ, ନଚେତ ଆଗାମୀ ଦିନରେ ବିଜୁ ଛାତ୍ର ଜନତା ଦଳ ଏହାର ଦୃଢ ବିରୋଧ କରିବ ।

## ସ୍କାଉଟସ୍ ଏବଂ ଗାଇଡସ୍ ସମ୍ପାଦକ ସମ୍ମିଳନୀ

ଭୁବନେଶ୍ୱର,୫।୫ (ମହାଭାରତ): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନର ଜିଲ୍ଲା ସମ୍ପାଦକ ସମ୍ମିଳନୀ ତା୨୯.୦୪.୨୦୨୬ରିଖ ଦିନ ୧୧.୩୦ ଘଟିକା ସମୟରେ ରାଜ୍ୟ



ମୁଖ୍ୟାଳୟସ୍ଥ ସଭାଗୃହରେ ଆୟୋଜିତ ହୋଇଯାଇଛି । ପ୍ରତ୍ୟେକ ଜିଲ୍ଲାର ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ମାନେ ସ୍କାଉଟ ଗାଇଡ୍‌ର ଜିଲ୍ଲା ସମ୍ପାଦକଭାବେ ଦାୟିତ୍ୱ ତୁଲାଇଥାନ୍ତି । ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳିପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ଢେଙ୍କାନାଳ, ଜଗତସିଂହପୁର, ରାଉରକେଲା, ଭୁବନେଶ୍ୱର, ଦେଓଗଡ, ବାଲେଶ୍ୱର, କେନ୍ଦ୍ରାପଡା, କଳାହାଣ୍ଡି, ଅନୁଗୁଳ, ବରଗଡ, ଭଦ୍ରକ, ଗଜପତି, ଯାଜପୁର, ସୋନପୁର, ବୌଦ୍ଧ, ସୁନ୍ଦରଗଡ, ଗଞ୍ଜାମ, ପୁରୀ, କଟକ, ନୟାଗଡ, ନୂଆପଡା ଆଦି ଜିଲ୍ଲାର ଜିଲ୍ଲା ସମ୍ପାଦକମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ରାଜ୍ୟ ମୁଖ୍ୟ କମିଶନର ଡଃ ମିଶ୍ର ତାଙ୍କ ସ୍ୱାଗତ ଭାଷଣରେ ବିଗତ ଦିନମାନଙ୍କରେ ରାଜ୍ୟ ସଂସ୍ଥା ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ନିଜର ପ୍ରତିଷ୍ଠା ଲାଭ କରିଥିବାର ଅବତାରଣା କରି ସଦସ୍ୟମାନଙ୍କର ସକ୍ରିୟ ସହଯୋଗର ଉଚ୍ଚପ୍ରଶଂସା କରିବା ସହିତ ଆଗାମୀ ଦିନରେ କିପରି ଜିଲ୍ଲାସ୍ତରରେ ଅଧିକରୁ ଅଧିକ କାର୍ଯ୍ୟକ୍ରମ ହେବ ଏବଂ ପିଲାମାନଙ୍କ ଦ୍ୱାରା ବିଭିନ୍ନ ଗୋଷ୍ଠୀ ଉନ୍ନୟନ ମୂଳକ କାର୍ଯ୍ୟ ହୋଇପାରିବ ଏହା ଉପରେ ଗୁରୁତ୍ୱ ଦେବାପାଇଁ ପରାମର୍ଶ ଦେଇଥିଲେ। ପରେ ପରେ କାର୍ଯ୍ୟସୂଚୀ ଅନୁଯାୟୀ ଗତବର୍ଷର ଆୟ ବ୍ୟୟର ଅଟକଳ ବିଷୟରେ ସବିଶେଷ ଆଲୋଚନା କରାଯାଇଥିଲା ଏବଂ ଆସନ୍ତା ବର୍ଷ ନୂତନ ଭାବରେ କେଉଁ କେଉଁ କାର୍ଯ୍ୟ କରାଯିବ ସେ ବିଷୟରେ ସମସ୍ତଙ୍କର ପ୍ରସ୍ତାବ ନିଆଯାଇଥିଲା।

## 'ଜାତୀୟ ସାଇବର ସୁରକ୍ଷା ସମ୍ମିଳନୀ' ଉଦ୍‌ଯାପିତ

ଭୁବନେଶ୍ୱର,୫।୫ (ମହାଭାରତ): ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ କୌଣସି ସମସ୍ୟାର ସମାଧାନ ନୁହେଁ। ଏହା କାମକୁ ସହଜ କରିବାର ମାଧ୍ୟମ। ଏହା କେବେ ବି ମଣିଷର ବୁଦ୍ଧି ଭଳି ହୋଇପାରିବନି। ସେହିପରି ଷ୍ଟାର୍ଟ ଅପ୍ ଆଜି ଏକ ପ୍ୟାସନ୍‌ରେ ପରିଣତ ହୋଇଛି। ଏହା କେବଳ ପ୍ରଯୁକ୍ତିବିଦ୍ୟା ନୁହେଁ ଦଳଗତ ଶକ୍ତି ଉପରେ ନିର୍ଭର କରେ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ଚାଲିଥିବା 'ସାଇବର ସୁରକ୍ଷା ଜାତୀୟ ସମ୍ମିଳନୀ'ର ଶେଷ ଦିନରେ ଏହି ମତ ପ୍ରକାଶ ପାଇଛି।

'ସାଇବର ସିକ୍ୟୁରିଟି, ଏଆଇ ଆଣ୍ଡ ଏମର୍ଜିଙ୍ଗ ଟେକ୍ନୋଲୋଜିସ୍ – ସିକ୍ୟୋରିଂ ଟୁମୋରୋଜ ଇଂଟେଲିଜେଂଟ ସିଷ୍ଟମ୍' ଶୀର୍ଷକ ଏହି ଦୁଇ ଦିନିଆ ସମ୍ମିଳନୀ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି।

ଉଦ୍‌ଯାପନୀ ସମାରୋହରେ ସିଆଇଡି କ୍ରାଇମ୍ ବ୍ରାଂଚ ଓଡିଶାର ଆଇଜି ଶ୍ରୀ ସେଫିନ୍ ଅହମ୍ମଦ୍, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡି ପ୍ରସାଦ ନନ୍ଦ, ଜିଟି ଇଣ୍ଡିଆର ସିଆରଓ ଶ୍ରୀ ଜଶପ୍ରୀତ ସିଂ, ପଶ୍ଚିମବଙ୍ଗ କ୍ୟାଡରର ଯୁଗ୍ମ ସଚିବ ଓ ରାଜ୍ୟ ସିଆଇଏସଓ ଡକ୍ଟର ସଞ୍ଜୟ କୁମାର ଦାସ, ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଇଣ୍ଡିଆ ଫ୍ୟୁଚର ଫାଉଣ୍ଡେସନର ପ୍ରତିଷ୍ଠାତା ଡକ୍ଟର କନିଷ୍କ ଗୌର ଓ ଷ୍ଟାର୍ଟ ଅପ୍ ଓଡିଶାର ସିଇଓ ସ୍ମୃତିରଂଜନ ପ୍ରଧାନ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଦିବସରେ 'ଏଆଇ ଫର ପବ୍ଲିକ୍ ଗୁଡ଼: ଡିଜିଟାଲ ଇଣ୍ଡିଆ, ଗଭର୍ଣ୍ଣାନ୍ସ, ଇନୋଭେସନ୍ ଆଣ୍ଡ ଷ୍ଟ୍ରାଟେଜିକ୍ ଟେକ୍ନୋଲୋଜିସ'. 'ଫ୍ରମ କମ୍ପ୍ଲାଏନ୍ସ ଟୁ ଇଂଟେଲିଜେନ୍ସ: ଏଆଇ, ସାଇବର ଲ ଆଣ୍ଡ ନେକ୍ସଟ-ଜେନ୍ ଏନ୍‌ଟରପ୍ରାଇଜ୍ ସିକ୍ୟୁରିଟି', 'ସେପିଙ୍ଗ୍ ଦି ଫ୍ୟୁଚର ଅଫ୍ ଏଆଇ: ରିସର୍ଚ୍ଚ, ଏକାଡେମିଆ ଆଣ୍ଡ ଥଟ୍



ଲିଡରସିପ୍ ଫର ଏ ଡିଜିଟାଲ ଇଣ୍ଡିଆ' ଉପରେ ଆଲୋଚନା ହୋଇଥିଲା। ଏଥିରେ ଓୟୁଟିଆରର କୁଳପତି ପ୍ରଫେସର ବିଭୁତି ବିଶ୍ୱାଳ, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡି ପ୍ରସାଦ ନନ୍ଦ, ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୈଶୱାଲ ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ। ପ୍ରଥମ ଦିନରେ ଆୟୋଜିତ ଏକ ସିଇଓ ପ୍ୟାନେଲରେ 'ଡ୍ରାଇଭିଂ ଇନୋଭେସନ୍ ଆଟ ସ୍କେଲ୍: ଷ୍ଟାର୍ଟଅପ୍ ଲିଡରସିପ୍ ଆଣ୍ଡ ଏଆଇ-ଏଲଇଡ ଡିଜିଟାଲ ଟ୍ରାନ୍ସଫର୍ମେସନ୍' ଉପରେ ଆଲୋଚନା ହୋଇଥିଲା। ଆଲୋଚନାରେ ସିଭିଏଏଟି ସଲ୍ୟୁସନ୍‌ର ସିଇଓ ଶ୍ରୀ ଅଜୟ କୁମାର ଲେଙ୍କା, ଫେଓ ଅଫ୍ ଟେକ୍ନୋଲୋଜିସର ଏମଡି ଡକ୍ଟର ଦୀପକ କୁମାର ସାହୁ, ସକ୍ୟୋର ବ୍ୟାଙ୍କର ସିଇଓ ଶ୍ରୀ ତପେନ୍ଦ୍ର ନାଥ, ପର୍ପଲ ଫାଇନାନସର ସିଇଓ ଶ୍ରୀ ସବ୍ୟସାଚୀ ରଥ, ସିମେନ୍ସ ଇଣ୍ଡିଆର ମୁଖ୍ୟ ଗ୍ରାହକ ଅଧିକାରୀ ଶ୍ରୀ ସତୀଶ ପାଣ୍ଡେ ପ୍ରମୁଖ ଯୋଗଦେଇ ଷ୍ଟାର୍ଟଅପ୍ ଓ ଏଆଇର ବ୍ୟବହାର ଉପରେ ମତ ରଖିଥିଲେ। ଶ୍ରୀମତି ମୋହିନୀ ସିଂ, କୋ-ଫାଉଣ୍ଡର ଓ ସିଇଓ ସିଏକ୍ସଓ ଜଙ୍କଶନ୍, ପ୍ୟାନେଲକୁ ପରିଚାଳନା କରିଥିଲେ। ପରେ 'ଇନୋଭେସନ୍ ଟୁ କମର୍ସିଆଲାଇଜେସନ୍ : ଅନଲକିଙ୍ଗ୍ ଦ ପୋଟେନସିଆଲ୍ ଅଫ୍ ଏକାଡେମୀ ରିସର୍ଚ୍ଚ' ଏବଂ 'ପଲିସି, ସିକ୍ୟୁରିଟି ଆଣ୍ଡ ଲିଡରସିପ୍ ଫୋକସ୍' ଉପରେ ଏକ ଆଲୋଚନା ଚକ୍ର ହୋଇଥିଲା। ଏଥିରେ ସୋଆ ସେଂଟର ଫର କ୍ୱାଂଟମ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ସିକ୍ୟୁଏସ୍‌ଟି)ର ନିର୍ଦ୍ଦେଶକ ପ୍ରଫେସର ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଏସ.ଆର ସାମନ୍ତରାୟ, ଏନ୍‌ଆରଡିସି ହେଡ୍ ଆଉଟରିଚ୍ ଅଫିସର ଡକ୍ଟର ବିଜୟ କୁମାର ସାହୁଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ।

## ବିଲ୍‌ଡିଂ ବ୍ରିଜେସ୍ ଫର୍ ଇନ୍‌କ୍ଲୁସିଭିଟି ସମ୍ମିଳନୀ

ଭୁବନେଶ୍ୱର,୫।୫ (ମହାଭାରତ): ବିଲଡିଂ ବ୍ରିଜ୍ ଫର ଇନକ୍ଲୁସିଭିଟି (ଆଇସିବିବି ୨୦୨୬) ଉପରେ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ଦୁଇ ଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଶିକ୍ଷା ତଥା ନିଯୁକ୍ତି କ୍ଷେତ୍ରରେ ଅନ୍ତର୍ଭୁକ୍ତ ପ୍ରଣାଳୀକୁ ମଜବୁତ କରିବା ପାଇଁ ବିଶ୍ୱସ୍ତରୀୟ ବିଶେଷଜ୍ଞ, ଶିକ୍ଷାବିତ୍ ଓ ନୀତି ନିର୍ଦ୍ଧାରକମାନେ ଏକତ୍ରିତ ହୋଇଥିଲେ। ସିକନ୍ଦରାବାଦସ୍ଥିତ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଫର୍ ଏମପାୱାରମେଣ୍ଟ ଅଫ୍ ପର୍ସନସ ଅଫ୍ ଉଇଥ ଇଣ୍ଟେଲେକଚ୍ୟୁଆଲ୍ ଡିଜାବିଲିଟି (ଏନ୍‌ଆଇଇପିଆଇଡି) ଓ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ସେନ୍ ଗ୍ଲୋବ ମିଳିତ ଉଦ୍ୟମରେ ଇଂଲଣ୍ଡର ୟୁନିଭରସିଟି ଅଫ୍ ସସେକ୍ସ ସହଯୋଗରେ ଏହି ସମ୍ମିଳନୀ ଉଦ୍‌ଘାଟିତ ହୋଇଛି। ଭାରତ ସରକାରଙ୍କ ଦିବ୍ୟାଙ୍ଗ ଜନ ସଶକ୍ତିକରଣ ବିଭାଗ ଓ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ (ଏସ୍‌ଏସ୍‌ଇପିଡି) ବିଭାଗ




ସହଯୋଗ କ୍ରମେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଉଦ୍‌ଘାଟନୀ ଅଧିବେଶନରେ ଉଦବୋଧନ ଦେଇ ସସେକ୍ସ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ଥମ୍ପସନ୍ କହିଲେ, ଅନ୍ତର୍ଭୁକ୍ତ ଶିକ୍ଷା ନୀତିଗତ ଢାଞ୍ଚାଠାରୁ ଅଧିକ ହେବ। ସେ କହିଲେ, ଏହାକୁ କେବଳ କଥାରେ କହିଲେ ହେବନାହିଁ, ଏହାକୁ କାମରେ କରି ଦେଖାଇବାକୁ ପଡ଼ିବ। ସ୍ଥାୟୀ ବିଶ୍ୱାସ-ଆଧାରିତ ସହଯୋଗ ଅର୍ଥପୂର୍ଣ୍ଣ ଅନ୍ତର୍ଭୁକ୍ତିକୁ ହାସଲ କରିବାର ଚାବିକାଠି। ଅନ୍ତର୍ଭୁକ୍ତ ଶିକ୍ଷା ନିଶ୍ଚିତ ରୂପେ ଅନୁକୂଳ ଓ ପରିବର୍ତ୍ତନ ପାଇଁ ଖୋଲା ରହିବ ବୋଲି ସେ କହିଥିଲେ। ସ୍ୱତନ୍ତ୍ର ଶିକ୍ଷା କ୍ଷେତ୍ରରେ ରାଜ୍ୟର ପଦକ୍ଷେପ ଉପରେ ଆଲୋକପାତ କରି ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ସଚିବ ରଜନୀ ଜାନି ସ୍ପେସିଆଲ୍ ଏଜୁକେସନ୍ କ୍ଷେତ୍ରରେ ନିଜ ଅଭିଜ୍ଞତା ବିଷୟରେ କହିଥିଲେ। ସେ କହିଲେ, ଛୋଟ ପ୍ରୟାସ ମଧ୍ୟ ବିଶେଷ ଆବଶ୍ୟକତା ଥିବା ବ୍ୟକ୍ତିଙ୍କ ଜୀବନରେ ଏକ ମହତ୍ୱପୂର୍ଣ୍ଣ ପ୍ରଭାବ ପକାଇପାରେ। ପ୍ରକୃତ ଅନ୍ତର୍ଭୁକ୍ତିକୁ ହାସଲ କରିବା ପାଇଁ ଦୟା, ଧୈର୍ଯ୍ୟ ସେମାନଙ୍କ ମଧ୍ୟରେ ଦୂରତାକୁ ଦୂର କରିବା ଉଚିତ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ଏଭଳି ସମ୍ମଳନୀ ବର୍ତ୍ତମାନ ସମୟରେ ଅତି ଗୁରୁତ୍ୱପୂର୍ଣ୍ଣ ଓ ଅନ୍ତର୍ଭୂକ୍ତ ଶିକ୍ଷା ପାଇଁ ଅନୁଷ୍ଠାନର ପ୍ରତିବଦ୍ଧତା ରହିଛି। କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ହେଉଛି ଦେଶର ଏକମାତ୍ର ଅନୁଷ୍ଠାନ ଯେଉଁଠି ସ୍ୱତନ୍ତ୍ର ପିଲାମାନଙ୍କୁ ଶିକ୍ଷା ଦେଉଥିବା ସେନ ଗ୍ଲୋବ ପଦକ୍ଷେପ ସହିତ ଅନ୍ତର୍ଭୁକ୍ତିକୁ ସମର୍ଥନ କରିଛି। ଏହାର ମାନବ-କେନ୍ଦ୍ରିକ ଆଭିମୁଖ୍ୟ ହେତୁ ଏହା ସଫଳ ହୋଇପାରିଛି ବୋଲି ସେ କହିଥିଲେ।

## ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ

ଭୁବନେଶ୍ୱର,୫।୫ (ମହାଭାରତ): ପୁରୀ କଣାସ ରେ ଯେଉଁ ଅମାନବୀୟ ଘଟଣା ଘଟିଛି ତାହାକୁ ସ୍ପଷ୍ଟ ପ୍ରମାଣ କରୁଛି ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି ରାଜ୍ୟର ଆଇନ ପରିସ୍ଥିତି । ୨୧ ମାସ ସରକାରରେ ଅରାଜକତାର କଳା ଅଧ୍ୟାୟ ସୃଷ୍ଟି ହୋଇଛି। ପୁରୀରେ ବାଲି ମାଫିଆଙ୍କ ବେପାର କାହା ଛତ୍ର ଛାୟା ତଳେ ଚାଲିଛି ଓ କାହା ପକେଟ୍ କୁ ଯାଉଛି ପିସି କାରବାର ପ୍ରଶ୍ନ କରିଛନ୍ତି। ସୁନାର ଓଡ଼ିଶା ଚୁନା କରିଛ ଓଡ଼ିଶାରେ ସୋନାର୍ ବାଙ୍ଗଲା ଗାଥା ଗାନ କରୁଛ ବୋଲି ସରକାରଙ୍କୁ ପ୍ରଶ୍ନ କରିଛନ୍ତି।

କଂଗ୍ରେସ ମୁଖପାତ୍ର ଶ୍ରୀମତୀ ଜୟଶ୍ରୀ ପାତ୍ର ପୋଲିସ ଓ ଜିଲ୍ଲା ପ୍ରଶାସନ ଶାସକ ଦଳ ପାଖରେ ବନ୍ଧା ପଡିବା ସହ ଗୃହ ବିଭାଗ ଅଚଳ ଅକାମୀ ଅବସ୍ଥା ରେ ବୋଲି ଭର୍ତ୍ସନା କରିବା ସହ। ଗୃହମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ସତ୍ୟବଦୀ ବିଧାୟକ ଓ ପୁରୀ ସାଂସଦ ନିଜ ଅଂଚଳ ରେ ଘର ବୁଡ଼ି ପାଣି ଆଣ୍ଠୁଏ ହେଲେ ଆଜି ଯାଏଁ ଚେତା ପଶିଲା ନାହିଁ। ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ପୁରୀ ମାଟି ହୋଇଥିଲେ ମଧ୍ୟ ନିଜ ଅଂଚଳରେ ସାଧାରଣ ଜନତା ଅସୁରକ୍ଷିତ ବେଳେ ଉପମଖ୍ୟମନ୍ତ୍ରୀ ଅନ୍ଧ ମୁକ ବଧିର ପାଲଟିଯିବା ଅତି ଦୁର୍ଭାଗ୍ୟଜନକ।

ଜଗନ୍ନାଥ ଧାମରେ ସାଧାରଣ ଲୋକ ସୁରକ୍ଷିତ ନୁହନ୍ତି ଯେଉଁ ସ୍ଥାନ ରେ ପୋଲିସ ଓ ଜିଲ୍ଲା ପ୍ରଶାସନର କଡା କଡି ବ୍ୟବସ୍ଥା ରହିବା କଥା ସେ ସ୍ଥାନରେ ସବୁଠି ସବୁ ହୁଗୁଳା ପଡ଼ିଛି ।ଆଉ କେତେ ଓଡ଼ିଶା ଲଜ୍ଜିତ ହେବ ପ୍ରଶ୍ନ କରିବା ସହ ଦୋଷୀଙ୍କୁ ତୁରନ୍ତ ଗିରଫ କରି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିବା ସହ ଅପରାଧ ରୋକିବା ପାଇଁ ସ୍ପେଶାଲ ଟାସ୍କ ଫୋର୍ସ ଗଠନ ସହ କଠୋର ଆଇନ ଆଣନ୍ତୁ ବୋଲି ଶ୍ରୀମତୀ ପାତ୍ର କହିଛନ୍ତି।

ମହିଳା କଂଗ୍ରେସ ମିଡ଼ିଆ ଅଧ୍ୟକ୍ଷ ଶ୍ରୀମତୀ ଜୟସ୍ମିତା ମହାନ୍ତି ମହିଳା ଅସୁରକ୍ଷିତ ସହ କିପରି ୨୧ ମାସରେ ରାଉରକେଲା ରେ ୨ ନାବାଳିକାଙ୍କୁ ଦୁଷ୍କର୍ମ, ଢେଙ୍କାନାଳ ଭାପୁର ରେ ମହିଳାଙ୍କୁ ଦୁଷ୍କର୍ମ ଏମିତି ତମାମ ଘଟଣା ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତର ବାସ୍ତବ ଚିତ୍ରକୁ ବଖାଣୁଛି କହି ନିନ୍ଦା କରିବା ସହ । ତୁରନ୍ତ ସରକାର କୁମ୍ଭକର୍ଣ୍ଣ ନିଦ୍ରା ରୁ ଉଠିନ୍ତୁ ବୋଲି କହିଛନ୍ତି।

## ମ୍ୟୁଚୁଆଲ୍ ଫଣ୍ଡ ବିତରକମାନଙ୍କ ବ୍ୟବସାୟ ବୃଦ୍ଧି

ଭୁବନେଶ୍ୱର,୫।୫ (ମହାଭାରତ): ମ୍ୟୁଚୁଆଲ୍ ଫଣ୍ଡ ବିତରକମାନଙ୍କ (ଏମଏଫଡିଏସ) ପାଇଁ ଏକ ଅଗ୍ରଣୀ ଫିନଟେକ୍ ପ୍ଲାଟଫର୍ମ, ପ୍ରୁଡେଂଟ କର୍ପୋରେଟ୍ ଆଡଭାଇଜରୀ ସର୍ଭିସେସ୍ ଲିମିଟେଡ୍ ପକ୍ଷରୁ ଏହାର ଏଆଇ-ପାୱାରଡ୍ ବ୍ୟବସାୟ ପରିଚାଳନା ଉପକରଣ ଲଂଚ୍ ଘୋଷଣା କରିଛି ଯାହା ଅଂଶୀଦାରମାନଙ୍କୁ ସ୍ମାର୍ଟ ଯୋଜନା, ଗ୍ରାହକମାନଙ୍କୁ ଭଲ ସେବା, ଦ୍ରୁତ ବଜାର ଏବଂ ସଠିକତା ସହିତ ସେମାନଙ୍କର ବ୍ୟବସାୟ ବୃଦ୍ଧି କରିବାରେ ସାହାଯ୍ୟ କରିବ।

ମ୍ୟୁଚୁଆଲ୍ ଫଣ୍ଡ ବିତରକ ବ୍ୟବହାର କରୁଥିବା ସଫ୍ଟୱେର୍ ଦ୍ୱାରା କେବେ ଜଣେ କ୍ଲାଏଂଟ୍‌ଙ୍କୁ ଜାଣିପାରିବ ନାହିଁ। ତାହା ହେଉଛି ଇମୋସନାଲ କ୍ୟୁଟେଂଟ (ଇକ୍ୟୁ), ଏବଂ ଏହା ଅଂଶୀଦାରଙ୍କ ସହିତ ରହିଥାଏ। ଏଜ୍ ପ୍ଲସ୍ ହେଉଛି ଇଟେଂଲିଜେନ୍ସ କ୍ୟୁଟେଂଟ(ଆଇକ୍ୟୁ), ସମର୍ଥନ ପ୍ରଣାଳୀ ଯାହା ପ୍ରତ୍ୟେକ ଅଂଶୀଦାରଙ୍କୁ ଦ୍ରୁତ, ତୀକ୍ଷ୍ଣ ଏବଂ ପରବର୍ତ୍ତୀ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ କରିବ। ଏଜ୍ ପ୍ଲସ୍ ଦୁଇଟି ଫଳାଫଳ ଉପରେ ନିର୍ମିତ ଯାହା ଜଣେ ଅଂଶୀଦାରଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟ ବୃଦ୍ଧି ଏବଂ କମ୍ ସମୟ ଲାଗିଥାଏ ।

ବିତରକମାନେ ଏବେ କିଛି ମିନିଟ୍ ମଧ୍ୟରେ କ୍ଲାଏଂଟମାନଙ୍କୁ ଲକ୍ଷ୍ୟ-ଆଧାରିତ ସମାଧାନ ପ୍ରଦାନ କରିପାରିବେ। ଜଣେ କ୍ଲାଏଂଟଙ୍କ ରିସ୍କ୍ ପ୍ରୋଫାଇଲ୍ ଏବଂ ନିବେଶ ଇନପୁଟ୍ କରି, ଏଆଇ ତୁରନ୍ତ ଇକ୍ୱିଟି, ଋଣ ଏବଂ ହାଇବ୍ରିଡ୍ ଉପକରଣଗୁଡ଼ିକରେ ଏକ ସର୍ବୋତ୍ତମ ଆସେଟ୍ ଆବଂଟନ ସୃଷ୍ଟି କରି କ୍ୟୁରେଟେଡ୍ ସ୍କିମ୍ ସୁପାରିଶ କରିଥାଏ। ଅଂଶୀଦାରମାନେ ଏକ ପ୍ରସ୍ତୁତ ଇମେଲ୍ ଯୋଗାଯୋଗ ପଠାଇପାରିବେ ଏବଂ ସମାନ ଏଆଇ-ଚାଳିତ ସ୍କ୍ରିନ୍ ରୁ କାରବାର ଆରମ୍ଭ କରିପାରିବେ।

ବିତରକମାନେ ଏବେ ସେମାନଙ୍କର ବିଦ୍ୟମାନ ବୁକ୍‌ରେ ବସି ପ୍ରତ୍ୟେକ ଅଭିବୃଦ୍ଧି ସୁଯୋଗକୁ ଚିହ୍ନଟ କରିପାରିବେ ଏବଂ କାର୍ଯ୍ୟ କରିପାରିବେ। ବୟସ ଅନୁଯାୟୀ ଏବଂ ଏୟୁଏମ ଅନୁଯାୟୀ ବିଭାଗୀକରଣ ବିତରକମାନଙ୍କୁ ଗ୍ରାହକମାନଙ୍କ ପାଇଁ ଉପଯୁକ୍ତ ଉତ୍ପାଦ ପିଚ୍ କରିବାରେ ସାହାଯ୍ୟ କରିପାରିବ। ବଡ଼ ଏମଏଫ୍ ଏୟୁଏମ୍ କିନ୍ତୁ କୌଣସି ବ୍ରୋକିଂ ଆକାଉଂଟ ନାହିଁ, କୌଣସି କିମ୍ବା କମ୍ ଏସଆଇପି, ୫୦ ଲକ୍ଷରୁ ଅଧିକ ଷ୍ଟକ୍ ପୋର୍ଟଫୋଲିଓ ପିଏମଏସ ଅନୁସନ୍ଧାନ କରିବାକୁ ଥିବା ଗ୍ରାହକମାନଙ୍କ ସହିତ ଯୋଗାଯୋଗ କରି ଶେଷ ଏସଆଇପି କିମ୍ବା ହ୍ରାସ ପାଉଥିବା ନିଟ୍ ବିକ୍ରୟ ଧାରା ଉପଲବ୍ଧ କରାଇବ।

## ହଷ୍ଟେଲରେ ଇଞ୍ଜିନିୟର ଛାତ୍ରଙ୍କ ମୃତ୍ୟୁକୁ ନେଇ ସନ୍ଦେହ

ଭୁବନେଶ୍ୱର,୫।୫ (ମହାଭାରତ): ସହରର ଶିଖରଚଣ୍ଡୀ ଅଂଚଳରେ ଅବସ୍ଥିତ ଏକ ବେସରକାରୀ ଇଞ୍ଜିନିୟରିଂ କଲେଜରେ ବିଟେକ ପ୍ରଥମ ବର୍ଷର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟଣାରେ ନୂଆ ଅଭିଯୋଗ ସାମ୍ନାକୁ ଆସିଛି। ମୃତକଙ୍କ ପରିବାର ପକ୍ଷରୁ କଲେଜ ପ୍ରଶାସନ ଉପରେ ରାଗିଂ ଓ ଅବହେଳାର ଅଭିଯୋଗ ଅଣାଯାଇଛି । ତେବେ କଲେଜ ପକ୍ଷରୁ ସମସ୍ତ ଅଭିଯୋଗକୁ ଖଣ୍ଡନ କରାଯାଇଛି। ମୃତ ଛାତ୍ରଙ୍କ ମାଆ ଅଭିଯୋଗ କରିଛନ୍ତି ଯେ, ତାଙ୍କ ପୁଅ କଲେଜରେ ରାଗିଂ ଓ ମାନସିକ ଉତ୍ପୀଡନର ସମ୍ମୁଖୀନ ହେଉଥିଲେ। ସେ କହିଛନ୍ତି ଯେ ଭୟର କାରଣରୁ ସେ ହଷ୍ଟେଲ କ୍ୟାଂଟିନରେ ଖାଦ୍ୟ ଖାଉନଥିଲେ ଏବଂ ଛତୁଆ ଓ ବାହାରୁ ଅଣାଯାଇଥିବା ଖାଦ୍ୟ ଖାଉଥିଲେ। ସେମାନଙ୍କ କହିବା ଅନୁଯାୟୀ, ତାଙ୍କୁ ଧମକ ଦିଆଯାଉଥିଲା, ଫଳରେ ସେ ନିଜ ଘରେ ରହୁଥିଲେ ଏବଂ ତାଙ୍କ ଖର୍ଚ୍ଚର ବଡ଼ ଅଂଶ ବାହାରର ଖାଦ୍ୟରେ ଖର୍ଚ୍ଚ କରୁଥିଲେ। ସେ ତାଙ୍କ ପୁଅଙ୍କ ମୃତ୍ୟୁକୁ ସନ୍ଦେହଜନକ ଭାବେ ଦେଖି ଏକ ଷଡଯନ୍ତ୍ରର ସନ୍ଦେହ ମଧ୍ୟ କରିଛନ୍ତି।

ଛାତ୍ରଙ୍କ ପିତା ବସନ୍ତ ସ୍ୱାଇଁ ରବିବାର ଇନ୍‌ଫୋସିଟି ଥାନାରେ ଅଭିଯୋଗ ଦାଖଲ କରିଛନ୍ତି। ସେ କହିଛନ୍ତି ଯେ କଲେଜ ପ୍ରଶାସନର ଅବହେଳା ଫଳରେ ତାଙ୍କ ପୁଅଙ୍କ ମୃତ୍ୟୁ ଘଟିଛି। ସେ କହିଛନ୍ତି ଯେ ଘଟଣା ଦିନ ରାତି ୧୦ଟାରେ ତାଙ୍କ ପୁଅ ସହ କଥା ହୋଇଥିଲା, କିନ୍ତୁ ପ୍ରାୟ ଏକ ଘଂଟା ପରେ ମାତ୍ର ଘଟଣା ସଂପର୍କରେ ସୂଚନା ମିଳିଥିଲା, ଯାହା ପରିସ୍ଥିତି ଉପରେ ପ୍ରଶ୍ନ ଉଠାଉଛି। ପିତା ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ ସିନିୟର ଛାତ୍ରମାନେ ନିରନ୍ତର ଧମକ ଓ ମାନସିକ



ଉତ୍ପୀଡନ କରୁଥିଲେ, ଯାହା ଫଳରେ ତାଙ୍କ ପୁଅ କ୍ଲାସ୍‌କୁ ଯାଉନଥିଲେ। ସେ କହିଛନ୍ତି ଯେ ରାଗିଂ ବିଷୟରେ ସେମାନେ କଲେଜ ପ୍ରଶାସନକୁ ଜଣାଇଥିଲେ, କିନ୍ତୁ କୌଣସି ପଦକ୍ଷେପ ନିଆଯାଇନଥିଲା। ଏପଟେ, କଲେଜ ପ୍ରଶାସନ ରାଗିଂ ଓ ଅବହେଳାର ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛି। କଲେଜର ପ୍ରଶାସନିକ ବିଭାଗର ପ୍ରମୁଖ ଗୋପାଳ ସାହୁ କହିଛନ୍ତି ଯେ ଛାତ୍ରଙ୍କ ଆତ୍ମହତ୍ୟା ସମ୍ବନ୍ଧୀୟ ସୂଚନା ମିଳିବା ପରେ ସେମାନେ ହଷ୍ଟେଲରେ ପହଂଚିଥିଲେ, ଯେଉଁଠାରେ ଡିସିପି ମଧ୍ୟ ଉପସ୍ଥିତ ଥିଲେ। ସେ କହିଛନ୍ତି ଯେ ମାମଲା ତଦନ୍ତ ଅଧୀନ ଅଛି ଏବଂ ସତ୍ୟତା ତଦନ୍ତ ପରେ ସ୍ପଷ୍ଟ ହେବ। ସେ ଏହା ମଧ୍ୟ କହିଛନ୍ତି ଯେ ଛାତ୍ରଙ୍କୁ କୌଣସି ପ୍ରକାରର ମାନସିକ ଉତ୍ପୀଡନ କରାଯାଇନଥିଲା ଏବଂ ହଷ୍ଟେଲ ୱାର୍ଡେନ୍ ନିଜ ଦାୟିତ୍ୱ ଠିକ୍ ଭାବରେ ତୁଲାଉଥିଲେ। ବର୍ତ୍ତମାନ ପୋଲିସ ଏହି ମାମଲାର ତଦନ୍ତ କରୁଛି। ଭୁବନେଶ୍ୱର ଡିସିପି କହିଛନ୍ତି ଯେ, ଏହି ଘଟଣା ସମ୍ପର୍କରେ ମାମଲା ରୁଜୁ ହୋଇଥିବା ସହ ତଦନ୍ତକୁ ଗୁରୁତ୍ୱର ସହ କରାଯାଉଛି। ଘଟଣା ସାମ୍ନାକୁ ଆସିବା ପରେ ସେ ନିଜେ କଲେଜ୍‌କୁ ଯାଇ ସ୍ଥିତିର ସମୀକ୍ଷା କରିଥିବା କଥା ମଧ୍ୟ କହିଛନ୍ତି। ତଦନ୍ତ ପ୍ରକ୍ରିୟାରେ ଛାତ୍ରର ହଷ୍ଟେଲ ସାଥୀ ଏବଂ ଅନ୍ୟ ସହପାଠୀମାନଙ୍କୁ ପଚରାଉଚରା କରାଯାଇଛି। ଏହାସହ ଛାତ୍ରଙ୍କ ପିତାମାତାଙ୍କ ଏତଲା ଆଧାରରେ ମଧ୍ୟ ପୋଲିସ ତଦନ୍ତ ଆଗେଇ ନେଉଛି। ଡିସିପି ଆହୁରି କହିଛନ୍ତି ଯେ, ଟେକ୍ନିକାଲ ତଥ୍ୟକୁ ମଧ୍ୟ ଆଧାର କରି ଘଟଣାର ସବୁ ପାଟିରୁ ତଦନ୍ତ କରାଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ଆସିଥିବା ଅଭିଯୋଗକୁ ସମର୍ଥନ କରିବା ପାଇଁ ସ୍ପଷ୍ଟ ପ୍ରମାଣ ମିଳିନାହିଁ, କିନ୍ତୁ ସବୁ ଦିଗରୁ ତଦନ୍ତ ଜାରି ରହିଛି ବୋଲି ସେ ସ୍ପଷ୍ଟ କରିଛନ୍ତି।

# ଭାଷାକୁ ନେଇ ବିବାଦ

ଅନେକ ସମୟରେ ରାଜନୈତିକ ଦଳମାନେ ନିଜ ଭୋଟ ବ୍ୟାଙ୍କ ସୁଦୃଢ଼ୀକରଣ ଲାଗି ଏହାକୁ ଉସୁକାଉଛନ୍ତି। ଆଞ୍ଚଳିକବାଦକୁ ସେମାନେ ନିଜ ଫାଇଦା ପାଇଁ ଉସୁକାଉଛନ୍ତି। ଏହା ଫଳରେ ସମାଜରେ ଅଯଥା ଅଶାନ୍ତି ଏବଂ ବିଭ୍ରାଟ ସୃଷ୍ଟି ହେଉଛି। ପରସ୍ପର ପ୍ରତି ଅବିଶ୍ୱାସର ବାତାବରଣ ସୃଷ୍ଟି ହେଉଛି ଯାହାକୁ ସହଜରେ ଏଡ଼ାଯାଇପାରିବ। ଦୁଇ ବେଳା ଖାଇବାକୁ ଏବଂ ପରିବାର ପ୍ରତିପୋଷଣ ନିମନ୍ତେ ବ୍ୟସ୍ତ ଥିବା ଗରିବ ଲୋକଙ୍କର ଭାଷାକୁ ନେଇ ପରସ୍ପର ସହ କଳିକରିବାକୁ ସମୟ କାହିଁ ? ଭାଷାର ଉଦ୍ଦେଶ୍ୟ ହେଲା ନିଜ ମନ କଥାକୁ ବାକ୍ୟ ମାଧ୍ୟମରେ ପରିପ୍ରକାଶ କରିବା। ଏହାକୁ ନେଇ ବିବାଦ ହାସ୍ୟାସ୍ପଦ। ଭାଷା ମାଧ୍ୟମରେ ବିଭେଦ ନୁହେଁ, ଏକତା ପ୍ରତିଷ୍ଠା ହୋଇଥାଏ। ଯାହାକୁ ଯେଉଁ ଭାଷାରେ ପରିପ୍ରକାଶ ସହଜ ଏବଂ ସୁବିଧାଜନକ ହେବ, ସେ ତାହାକୁ ଗ୍ରହଣ କରିବାରେ କ'ଣ ଅସୁବିଧା ? ଭାରତ ଏକ ବିଶାଳ ଏବଂ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର। ଏଠାରେ ବହୁ ଜାତି, ଧର୍ମ ଏବଂ ଭାଷାଭାଷି ଲୋକ ବସବାସ କରନ୍ତି। ଏହା ହିଁ ଭାରତର ବିଶେଷତ୍ୱ। ବିବିଧତା ମଧ୍ୟରେ ଏକତା ହେଉଛି ଭାରତର ପରିଚୟ। ଆଜି ଶହ ଶହ ବର୍ଷ ହେବ ଭାରତରେ ବିଭିନ୍ନ ଭାଷାଭାଷି ଲୋକ ଏକତ୍ର ବାସ କରିଆସୁଛନ୍ତି। ଭାଷାକୁ ନେଇ ଅନେକ ସମୟରେ ବିବାଦ ଏବଂ ତିକ୍ତତା ସୃଷ୍ଟି ହୁଏ। କାରଣ ସମସ୍ତେ ନିଜ ନିଜ ଭାଷାର ଶ୍ରେଷ୍ଠତ୍ୱ ଏବଂ ମହତ୍ୱ ପ୍ରତିବରଦନ କରିବାକୁ ପ୍ରୟାସ କରନ୍ତି। ସମସ୍ତେ ନିଜ ମାତୃଭାଷାକୁ ଭଲ ପାଆନ୍ତି ଏବଂ ଏହାର ଅବମାନନାକୁ କେହି ବରଦସ୍ତ କରନ୍ତି ନାହିଁ। ନିଜ ମାତୃଭାଷାକୁ ଭଲ ପାଇବା ସ୍ୱାଭାବିକ। କିନ୍ତୁ ନିଜ ଭାଷାକୁ ଭଲ ପାଇବାର ଅର୍ଥ ନୁହେଁ ଯେ, ଅନ୍ୟ ଭାଷାକୁ ଘୃଣା କରିବା ବା ସମ୍ପୃକ୍ତ ଭାଷାଭାଷିଙ୍କୁ ଅପମାନିତ କରିବା। ଓଡ଼ିଶା ହେଉଛି ଭାରତର ପ୍ରଥମ ରାଜ୍ୟ ଯାହା ଭାଷା ଭିତ୍ତିରେ ଗଠିତ ହୋଇଛି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ବେଙ୍ଗଲର ଅନେକ ଅସହିଷ୍ଣୁ ବ୍ୟକ୍ତି ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି କହିଥିଲେ। ଓଡ଼ିଆ ଭାଷାକୁ ସ୍ୱୀକୃତି ନମିଳୁ ଏଥିପାଇଁ ପଡ଼ୋଶୀ ରାଜ୍ୟରୁ ଅନେକ ଷଡ଼ଯନ୍ତ୍ର କରିଥିଲେ। ଦକ୍ଷିଣରେ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ବା ତତ୍କାଳୀନ ମାନ୍ଦ୍ରାଜ ପ୍ରଦେଶର ନେତୃବର୍ଗ ଓଡ଼ିଆ ଭାଷାର ବିଲୋପ ପାଇଁ ଉଦ୍ୟମ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ତେଲୁଗୁ ଏବଂ ବଙ୍ଗଳା ଭାଷାଭାଷି ଲୋକମାନେ ଓଡ଼ିଆ ଭାଷାର ବିଲୋପ ପାଇଁ ଅନେକ ପ୍ରୟାସ କରିଥିଲେ। କିନ୍ତୁ ତାହା ବିଫଳ ହୋଇଥିଲା। ଯଦିଓ ଅନେକ ଓଡ଼ିଆ ଭାଷାଭାଷି ଅଞ୍ଚଳ ପଡ଼ୋଶୀ ରାଜ୍ୟରେ ଚିରଦିନ ପାଇଁ ରହିଗଲା, କିନ୍ତୁ ଓଡ଼ିଆ ଭାଷାର ଅସ୍ତିତ୍ୱକୁ କେହି ଲୋପ କରିପାରିଲେନି। କାରଣ ଓଡ଼ିଆ ଭାଷା ଏକ ଅତି ପ୍ରାଚୀନ, ସମୃଦ୍ଧ ଏବଂ ଶାସ୍ତ୍ରୀୟ ଭାଷା। ଏହାକୁ କେହି ଅଣଦେଖା କରିପାରିବେ ନାହିଁ। ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ଏବେ ବି ସଂଘର୍ଷ ଚାଲିଛି। କିନ୍ତୁ ଓଡ଼ିଆ ମାନେ ନିଜ ମାତୃଭାଷାକୁ ଭଲ ପାଉଥିଲେ ମଧ୍ୟ ଅନ୍ୟ ଭାଷାଭକୁ କେବେ ଅସମ୍ମାନିତ କରନ୍ତି ନାହିଁ। କିନ୍ତୁ ଦକ୍ଷିଣ ଭାରତରେ ବିଶେଷ କରି ତାମିଲନାଡୁରେ ଭାଷାଗତ ବିବାଦ ବହୁ ପୁରୁଣା ଏବଂ ଉତ୍କଟ। ସ୍ୱାଧୀନତା ପୂର୍ବରୁ ତାମିଲ ମାନେ ଭାଷା ବିବାଦରେ ସମ୍ପୃକ୍ତ। ତାମିଲ ଏକ ସମୃଦ୍ଧ ଭାଷା। ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। କିନ୍ତୁ ତାମିଲମାନେ ବୁଝିବା ଉଚିତ ଯେ, ଭାରତରେ ଅନ୍ୟ ଭାଷା ମଧ୍ୟ ରହିଛି। ଏହାକୁ ମଧ୍ୟ ସ୍ୱୀକାର ତଥା ସମ୍ମାନ କରିବାକୁ ପଡ଼ିବ। ତାମିଲନାଡୁର ସରକାର ବା ସ୍ଥାନୀୟ ରାଜନୈତିକ ଦଳ ପକ୍ଷରୁ ସବୁ ବେଳେ ଅଭିଯୋଗ କରାଯାଇଆସୁଛି ଯେ, ଭାରତ ସରକାର ହିନ୍ଦୁ ଭାଷାକୁ ସେମାନଙ୍କ ଉପରେ ଲଦି ଦେଉଛନ୍ତି। ଏହି ଅଭିଯୋଗ ସମ୍ପୂର୍ଣ୍ଣ ନିରାଧାର ଏବଂ ସଂକୀର୍ଣ୍ଣ ଚିନ୍ତାଧାରା ସମ୍ପନ୍ନ। ତାମିଲମାନେ ହିନ୍ଦୁକୁ ଭାରତର ଜାତୀୟ ଭାଷା ଭାବେ ସ୍ୱୀକାର କରନ୍ତି ନାହିଁ।

# ସୁଖର ସନ୍ଧାନେ

॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥

*ଭଗବାନ ଶ୍ରୀସତ୍ୟସାଇ ବାବା କହନ୍ତି, କାମନାବାସନା ହିଁ ଦୁଃଖର କାରଣ । ସେଗୁଡ଼ିକୁ କମାଇ ପାରିଲେ ଦୁଃଖ ହ୍ରାସ ପାଇବ ଓ ସୁଖାନୁଭୂତି ଲାଭ ହେବ । ମଣିଷର ଯାହା ଆବଶ୍ୟକତା ତାହା ପୂରଣ ହେବ ଦରକାର ସେଥିପାଇଁ ଚେଷ୍ଟା କରିବା ଦରକାର । କିନ୍ତୁ କାମନାବାସନା ଜନିତ ବା ଲୋଭର ବଶବର୍ତ୍ତୀ ହୋଇ ମଣିଷ ଯାହାସବୁ କରିବସେ ତାହାର ଫଳ ସମସ୍ତଙ୍କୁ ଜଣା ତାହା ସବୁ ସୁଖ ନିର୍ବାପକ ବ୍ୟବସ୍ଥା । ଭଗବାନ ବାବାଙ୍କ ଅନ୍ୟତମ ଶିକ୍ଷା ହେଉଛି 'ଅନ୍ୟକୁ ସୁଖ ଦେଇପାରିଲେ ମଣିଷ ନିଜେ ସୁଖ ପାଇପାରିବ ।*

ମଣିଷ ସୁଖୀ ହେବାକୁ ଚାହେଁ କିନ୍ତୁ ସବୁ କ୍ଷେତ୍ରରେ ସବୁ ଦୃଷ୍ଟିରୁ ସର୍ବତୋଭାବେ ସୁଖୀ ହୋଇପାରେ ନାହିଁ । ମଣିଷ ଯାହା ଚାହୁଁଛି ତାହା ହାସଲ କରିବା ପାଇଁ ପ୍ରାଣପଣେ ଉଦ୍ୟମ କରୁଛି । ତେବେ ସୁଖୀ ହୋଇପାରିବ ନାହିଁ କାହିଁକି ? କ'ଣ ତ ଚାହିଁବାଟା ଦୁର୍ବଳ ଚାହିଁବା ବା ବାରମ୍ବାର ବିଫଳ ହୋଇସାରିବା ପରେ ତା'ର ମନବଳ ଭାଙ୍ଗି ଯାଉଛି । ବିଫଳ ହେବା ମଧ୍ୟ ଗୋଟିଏ ଭଲ ଶିକ୍ଷା । ସେ ଜାଣିପାରୁଥିବ ଯେ ସୁଖୀ ହେବା ତା'ହାତ ମୁଠାରେ ନାହିଁ । ଏବେ ଅନ୍ତତଃ ପକ୍ଷେ ସେ ଅନୁସନ୍ଧାନ କୁ ଯେ ବିଫଳତାର କାରଣ କ'ଣ ?

ଏ ସମୟର ସର୍ବୋଚ୍ଚ ଜ୍ଞାନ ସମ୍ପନ୍ନ ଅବତାର ଶ୍ରୀ ସତ୍ୟସାଇ ବାବାଙ୍କର ଉତ୍ତର ପୁରାପୁରି ଠିକ୍ ଭଳି ମନେହୁଏ । ତାଙ୍କ ଶିକ୍ଷାକୁ କାମରେ ଲଗାଇଲେ ତାହା କେତେ ପ୍ରଭାବଶାଳୀ ଆମେ ଉପଲବ୍ଧି କରିପାରିବା । ମଣିଷ ଭାବିଥାଏ ସେ ଯାହା ଚାହିଁଛି ତାହା ପାଇଗଲେ ସେ ଖୁସି ହେବ । ସେ କିଛି ପାଏ ନାହିଁ ବୋଲି କହି ହେବନାହିଁ । ଆମର ଇଛା କିଛି ହେଲେ ପୂରଣ ହୋଇନାହିଁ ବୋଲି ଆମେ କେବେ କହିପାରିବା ନାହିଁ । ନିଶ୍ଚିତ ଭାବେ କିଛି ଇଛା ପୁରଣା ହୋଇଛି । ତଥାପି ଜଣେ ନିଜକୁ ସୁଖି ବୋଲି ଘୋଷଣା କରିପାରେ ନାହିଁ । କାରଣ କିଛି ଇଛା ପୁରଣ ହୋଇଗଲା ମାତ୍ରେ ଖୁସିରେ ଆଉ ସେତିକି ଇଛା ପୁରଣ ହେବା ଆଶାରେ ତିଆରି ହୋଇଯାଆନ୍ତି ।

ମଣିଷ ଯାହା ସବୁ ଇଛା ସେଗୁଡ଼ିକ ଶାଶ୍ୱତ ବସ୍ତୁ ବା ପଦାର୍ଥ ନୁହେଁ । ତାହା କିପରି ଆମକୁ ଶାଶ୍ୱତ ସୁଖ ଦେଇପାରନ୍ତା ? ତେଣୁ ସେଗୁଡ଼ିକ ମିଳିଗଲେ ମଧ୍ୟ କ୍ଷଣିକ ସୁଖ ପ୍ରଦାନ କରି ଅତିଶୀଘ୍ର ନିଜର ସାମାନ୍ୟ ସାମର୍ଥ୍ୟର ପରିଚୟ ପ୍ରଦାନ କରି ଉଭେଇଯାଆନ୍ତି । ମଣିଷକୁ ପୁନଶ୍ଚ ଅସୁଖି କରି ଦିଅନ୍ତି । ମଣିଷ ଏହା ଉପଲବ୍ଧି କରେ ଏବଂ କୌଣସି ଦୀର୍ଘସ୍ଥାୟୀ ସୁଖପ୍ରଦାନ କଲାଭଳି ବସ୍ତୁ ବା ପଦାର୍ଥ ଆଶାରେ ଜୀବନ ବିତାଏ । କିଛି ଦିନ ପରେ ସେ ଅନୁଭବ କରେ ଯେ ଦୀର୍ଘସ୍ଥାୟୀ ସୁଖଟା, ଚିରସ୍ଥାୟୀ । ସେତେବେଳେ ସେ ଭାବେ ଚିରସ୍ଥାୟୀ ବସ୍ତୁ ହିଁ ଚିରସ୍ଥାୟୀ ସୁଖ ପ୍ରଦାନ କରିପାରେ । ଧୀରେ ଧୀରେ ତାହାର ଜ୍ଞାନ ଉଦୟ ହୁଏ ଏବଂ ସେ ବୁଝିପାରେ ଯେ ସଂସାରରେ ଦେଖାଯାଉଥିବା କୌଣସି ପଦାର୍ଥ ଚିରସ୍ଥାୟୀ ସୁଖ ଦେଇପାରନ୍ତି ନାହିଁ କାରଣ ସେଗୁଡ଼ିକ ନିଜେ ଚିରସ୍ଥାୟୀ ନୁହନ୍ତି । ଏହିଭଳି ଅନୁସନ୍ଧାନ କରୁ କରୁ ସେ ଜାଣିପାରେ ସେ ସ୍ଥାୟୀ ସୁଖ ଖୋଜିବା ଏକ ବ୍ୟର୍ଥ ପ୍ରୟାସ ।

କିନ୍ତୁ କେତେକ ଉଚ୍ଚତର ଜ୍ଞାନ ସମ୍ପନ୍ନ ବ୍ୟକ୍ତି ଅଛନ୍ତି ଯେଉଁମାନେ କହନ୍ତି, ନା, ନା ଏଥିରେ ହତାଶ ହେବାର ନାହିଁ । ଚିରସ୍ଥାୟୀ ସୁଖ ମିଳିବାର ଉପାୟ ଅଛି । ତାହାକୁ ଆପଣାଇଲେ ସୁଖ ସମ୍ଭବ । ଗୀତାଜ୍ଞାନ ଅନୁସାରେ 'ଅନିତ୍ୟଂ ଅସୁଖଂ ଲୋକେ ମେମ୍ ପ୍ରାପ୍ୟ ଭଜସ୍ୱ ମାସ୍' । ଅର୍ଥାତ୍ ଏ ସଂସାରଟା ଅନିତ୍ୟ ଓ ଅସୁଖପୂର୍ଣ୍ଣ, ଯଦି ସୁଖ ଚାହୁଁଛ ଭଗବାନଙ୍କୁ ଭଜ ବା ଖୋଜ । କାରଣ ଏଠାରେ ନିତ୍ୟ ବା ଚିରସ୍ଥାୟୀ ବସ୍ତୁ ଏକମାତ୍ର ଭଗବାନ । ଭଗବାନଙ୍କୁ ଖୋଜାଯାଏ ନିରବତା ମାଧ୍ୟମରେ । ନିରବପର ଗଭୀରତମ ପ୍ରଦେଶରେ ଭଗବାନଙ୍କ କଣ୍ଠସ୍ୱର ଶୁଣାଯାଇଥାଏ । ତାଙ୍କ ନିର୍ଦ୍ଦେଶ ମିଳିଥାଏ । ସେ ଯେହେତୁ ସମସ୍ତ ସୁଖର ଗନ୍ତାଘର ତାଙ୍କୁ ଜୀବନର କେନ୍ଦ୍ର କରିପାରିଲେ ପ୍ରକୃତ ସୁଖ, ଶାଶ୍ୱତ ସୁଖ ଓଝ ଜନ୍ମଜନ୍ମାନ୍ତରର ସୁଖ ପ୍ରାପ୍ତ ହେବାର ଆଶା ସୃଷ୍ଟି ନିଶ୍ଚିତ ହୋଇଯାଏ ।

ଭଗବାନ ଶ୍ରୀସତ୍ୟସାଇ ବାବା କହନ୍ତି, କାମନାବାସନା ହିଁ ଦୁଃଖର କାରଣ । ସେଗୁଡ଼ିକୁ କମାଇ ପାରିଲେ ଦୁଃଖ ହ୍ରାସ ପାଇବ ଓ ସୁଖାନୁଭୂତି ଲାଭ ହେବ । ମଣିଷର ଯାହା ଆବଶ୍ୟକତା ତାହା ପୂରଣ ହେବ ଦରକାର ସେଥିପାଇଁ ଚେଷ୍ଟା କରିବା ଦରକାର । କିନ୍ତୁ କାମନାବାସନା ଜନିତ ବା ଲୋଭର ବଶବର୍ତ୍ତୀ ହୋଇ ମଣିଷ ଯାହାସବୁ କରିବସେ ତାହାର ଫଳ ସମସ୍ତଙ୍କୁ ଜଣା ତାହା ସବୁ ସୁଖ ନିର୍ବାପକ ବ୍ୟବସ୍ଥା । ଭଗବାନ ବାବାଙ୍କ ଅନ୍ୟତମ ଶିକ୍ଷା ହେଉଛି 'ଅନ୍ୟକୁ ସୁଖ ଦେଇପାରିଲେ ମଣିଷ ନିଜେ ସୁଖ ପାଇପାରିବ । ଏହା ପୁରାପୁରି ଠିକ୍ କଥା । ଆମ ଶାସ୍ତ୍ରମାନେ କହିଛନ୍ତି ଯାହା ଦେଇଥିବ ତାହାହିଁ ପାଇବ । ଅନ୍ୟ ଅର୍ଥରେ ଆମର ଯାହା ଦରକାର ତାହା ଅନ୍ୟକୁ ଦେଲେ ଆମେ ପାଇଥାଉ । ଯଦି ସୁଖ ପାଇବାର ଆମର ଲକ୍ଷ୍ୟ ତେବେ ଅନ୍ୟକୁ ସୁଖ ଦେବା ହିଁ ଏକ ନିଶ୍ଚିତ ମାର୍ଗ । ଦେବାକୁ ହେବ ସବୁକଥା ଆମ ଶକ୍ତି ବା କ୍ଷମତା ଭିତରେ ରହିବା ଉଚିତ । ଅନ୍ୟଜଣେ ସୁଖି ହେବାକୁ ଯଦି ଲକ୍ଷ ଲକ୍ଷ ଟଙ୍କା ମାଗୁଥାଏ, କେତେଜଣ ତାହା କରିପାରିବେ ? ବାବାଙ୍କ ଭାଷାରେ ପରୋପକାର ମାଧ୍ୟମରେ ଜଣେ ସୁଖି ହୋଇପାରେ । ପରର ଆତ୍ମା ସନ୍ତୁଷ୍ଟ ହେଲେ ପରମାତ୍ମା ସନ୍ତୁଷ୍ଟ । ସେଥିପାଇଁ ଦରକାର ସନ୍ତୁଷ୍ଟ ବ୍ୟବହାର ଓ ମୂଲ୍ୟବାନ ପରାମର୍ଶ । ଅସହାୟ ବ୍ୟକ୍ତି ଲୋଡୁଥିବା ସେବା ସହାୟତା ପରର ଆତ୍ମାକୁ ତୃପ୍ତି ଦେଇଥାଏ । ଏହି କର୍ମରେ ନିୟୋଜିତ ହେବାକୁ ହେଲେ ସେବାକୁ ସାମାନ୍ୟ ଅଧିକ ନିଃସ୍ୱାର୍ଥପର ହେବାକୁ ପଡ଼ିଥାଏ । ନିଜ ସୁଖ କମାଇ ଅନ୍ୟର ସୁଖପାଇଁ ବ୍ୟବସ୍ଥା କରିବାରେ ପ୍ରକୃତ ସୁଖ ନିହିତ । ମହାପୁରୁଷମାନେ ସମ୍ପୂର୍ଣ୍ଣ ନିଃସ୍ୱାର୍ଥ ଜୀବନ ଯାପନ କରନ୍ତି ଏବଂ ତାଙ୍କ ସମ୍ବଳ ଉପଯୋଗ କରି ଦରିଦ୍ର ଅସହାୟ ମାନଙ୍କ ସେବା କରି ସୁଖ ଓ ଆନନ୍ଦ ପାଇଥାନ୍ତି ।

ଅନ୍ୟ ଏକ ମାର୍ଗ ଅଛି ଅବଶ୍ୟ ସଦାସର୍ବଦା ସନ୍ତୁଷ୍ଟ ରହିବାରେ ସୁଖ ଥାଏ । ଯାହାକୁ ଯାହା ମିଳିଛି ସେଥିରେ ଅସନ୍ତୁଷ୍ଟ ନ ହୋଇ ନିଜ କର୍ମକୁ ଦୋଷାରୋପ ନକରି, ଅନ୍ୟମାନଙ୍କ ସୌଭାଗ୍ୟ ସହ ନିଜ ଅବସ୍ଥାକୁ ତୁଳନା ନକରି, ଯାହା ମିଳିଛି ତାହାକୁ ଭଗବାନଙ୍କ ଉପହାର ମନେକରି ଯିଏ ସନ୍ତୁଷ୍ଟ ରହିପାରେ ସେ ସୁଖି ହୁଏ । ଅବଶ୍ୟ ଯାହା ମିଳିଛି ସେଥିରେ ସନ୍ତୁଷ୍ଟ ହୋଇ କୌଣସି ପରିଶ୍ରମ ନକରିବା, ଆଳସ୍ୟରେ ଜୀବନ ବିତାଇବା ଦ୍ୱାରା ଭଗବାନଙ୍କ ମୂଳ ଉପହାରକୁ ବଞ୍ଚାଇ ପାରିବାନାହିଁ । କର୍ମକୁ ହେଳା କରିବା, କର୍ମର ମହତ୍ୱ ନ ବୁଝିବା, ଜୀବନ ଓ କର୍ମ ମଧ୍ୟରେ ଥିବା ସମ୍ପର୍କକୁ ମର୍ଯ୍ୟାଦା ନଦେବା ଠିକ୍ ନୁହେଁ । ସୁଖ ପାଇବା ଦିଗରେ ଇନ୍ଦ୍ରିୟ ସଂଯମର ଭୂମିକା ଗୁରୁତ୍ୱପୂର୍ଣ୍ଣ । ନୈତିକ ଜୀବନ ବିନା ସୁଖ ସୁଦୂର ପରାହତ ହୋଇଯିବ । ଭଗବାନ ଶ୍ରୀସତ୍ୟସାଇ ବାବା କହନ୍ତି କୌଣସି ପଦାର୍ଥର ଅପଚୟ ମଣିଷକୁ ସୁଖ ଦେଇପାରିବ ନାହିଁ । ତେଣୁ କିଛି ବି ଅପଚୟ କରନାହିଁ । ବିଶେଷକରି, ଖାଦ୍ୟ, ଧନ, ସମୟ ଓ ଶକ୍ତି କେବେହେଲେ ନଷ୍ଟ ହେବା ଉଚିତ ନୁହେଁ । ବର୍ତ୍ତମାନ ସୁଖରେ ଥିବା ବ୍ୟକ୍ତି ଯଦି ଏଗୁଡ଼ିକର ଅପଚୟ କରେ ତେବେ ସେ ଅବିଳମ୍ବେ ଅସୁଖି ହୋଇଯିବ । ଏହାର ସଦ୍‌ବ୍ୟବହାରରେ ହିଁ ସୁଖ ଏଗୁଡ଼ିକ ନଷ୍ଟ ହେବା ଅର୍ଥ ନିଜର ସୁଖ ନଷ୍ଟ ହେବା ।

ସୁଖର ସଂଜ୍ଞା ଦେବାକୁ ଯାଇ ଭଗବାନ ବାବା କହନ୍ତି 'ଭଗବାନଙ୍କ ସହ ସଂଯୁକ୍ତ ହେବା ହିଁ ସୁଖ' । ଏହା ସାଧାରଣ ଲୋକଙ୍କ ପକ୍ଷେ ସମ୍ଭବ ନୁହେଁ, ସାଧକ ମାନଙ୍କ ପକ୍ଷେ ବି କଷ୍ଟକର । ତଥାପି ସଫଳତାର ଆଶା ଅଛି । ଭଗବାନଙ୍କ ସହ ସଂଯୁକ୍ତ ହେବାର ମାର୍ଗରେ ଚାଲିଲେ ଯଥେଷ୍ଟ, ପରିଶେଷରେ ତାହା ଆମକୁ ନେଇ ଗନ୍ତବ୍ୟ ଲକ୍ଷରେ ପହଞ୍ଚାଇ ଦେବ । ସେ ମାର୍ଗରେ ଥିବା ବିଭିନ୍ନ ସୋପାନ ଗୁଡ଼ିକ ନବଧାଭକ୍ତି । ମୁଖ୍ୟତଃ ଭଜନ, କୀର୍ତ୍ତନ, ଦାସ୍ୟଭାବ, ସେବକ ଭାବେ ଜୀବନ ଯାପନକରୁ କରୁ ସାଧାରଣ ବ୍ୟକ୍ତି ସାଧକ ପାଲଟି ଯିବ ଓ ସାଧକ ମୁମୁକ୍ଷୁ ଓ ମୁମୁକ୍ଷୁ ଜୀବନର ଲକ୍ଷ ସୁଖଶାନ୍ତି ପ୍ରାପ୍ତି ହୋଇପାରିବ ।


ଅଲିଶା ବଜାର, କଟକ, ଦୂରଭାଷ : ୯୩୩୭୨୪୨୯୫୫


# ଗୁରୁ - ନିର୍ବାଚନ


॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥


ଗୁରୁ ପରମ୍ପରାର ଏକ ବିଶେଷ ନେତିବାଚକ ଦିଗ ହେଉଛି ଯେ ଗୁରୁ ଯଦି ଠିକ୍ ନ ହୁଅନ୍ତି ତାହାହେଲେ ତାଙ୍କର ଦୋଷଗୁଡ଼ିକୁ ଶିଷ୍ୟମାନେ ନିର୍ବିଚାରରେ ଅନୁସରଣ କରି ପତନାଭିମୁଖୀ ହୁଅନ୍ତି । ଏହିପରି ବହୁ ଭଣ୍ଡ ଓ ଛଦ୍ମବେଶୀ ଗୁରୁମାନେ ସମାଜରେ ତାଙ୍କର ପ୍ରତିପତ୍ତି ବିସ୍ତାର କରି ଚାଲିଛନ୍ତି । ଗୁରୁ ଯଦି ବେତ୍ତା ବା ଅବତାର ପୁରୁଷ ନ ହୁଅନ୍ତି ବା ଆଚରଣ ସିଦ୍ଧ ଆଚାର୍ଯ୍ୟ ନ ହୁଅନ୍ତି ତାହାହେଲେ ସେ କିନ୍ତୁ ଆମ୍ଭମାନଙ୍କୁ ଠିକ୍ ଅନୁସାରେ ପରିଚାଳନା କରିପାରିବେ ନାହିଁ । ଗୁରୁଙ୍କର ଗୋଟିଏ ମଧ୍ୟ ପ୍ରବୃତ୍ତି ଯଦି ଅନିୟନ୍ତ୍ରିତ ଥାଏ ତେବେ ସେହି ପ୍ରବୃତ୍ତି ଦ୍ୱାରା ଯାବତୀୟ ବିଷୟର ଜ୍ଞାନ ଓ ଗୁଣ ରଙ୍ଗୀନ ହୋଇ ଉଠେ । ତେଣୁ ସେ ଯାହା କିଛି କହନ୍ତି ତାହା ଭିତରେ ସତ୍ୟର ଆଲୋକ ଉଦ୍‌ଭାସିତ ହୁଏ ନାହିଁ । ଏହିପରି ଏକ ସଂଶୟାତ୍ମକ ପରିବେଶ ମଧ୍ୟରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମୁକ୍ତ କଣ୍ଠରେ କହିଛନ୍ତି - ଗୁରୁ ହିସାବରେ କାହାକୁ ଗ୍ରହଣ କରିବା ପୂର୍ବରୁ ଭଲ କରି ଦେଖି ଶୁଣି ନେବାକୁ ହୁଏ । ବିଶେଷତଃ ଦେଖିବାକୁ ହୁଏ ଗୁରୁଙ୍କର ଗୁରୁଭକ୍ତି କିପରି ଏବଂ ସେ ଯେଉଁ ଉପଦେଶ ଦିଅନ୍ତି ତାହା ସେ ନିଜେ ପାଳନ କରନ୍ତି କି ନାହିଁ ? ପ୍ରକୃତ ଗୁରୁ ଯିଏ ସେ ନିଜର ସ୍ୱାର୍ଥକୁ ଅନ୍ୟର ସ୍ୱାର୍ଥ ଠାରୁ ଅଲଗା କରି ଭାବି ପାରନ୍ତି ନାହିଁ । ସବୁ ସମୟରେ ତାଙ୍କର ବୁଦ୍ଧି ଥାଏ ମଣିଷକୁ ବଡ କରି ତୋଳିବା । ସେ ଯେତେବେଳେ ଭକ୍ତମାନଙ୍କ ପାଖରୁ କିଛି ନିଅନ୍ତି ସେତେବେଳେ ମଧ୍ୟ ସେହି ଦେବା ଭିତର ଦେଇ ଭକ୍ତର ଉପକାର ହେବ ବୋଲି ହିଁ ନିଅନ୍ତି, ନଚେତ୍ ନେବାର ଗରଜରେ ନିଅନ୍ତି ନାହିଁ । ତେଣୁ ଶୋଷଣ କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ । ବରଂ ସେ ଆମ୍ଭମାନଙ୍କର ସତ୍ତାକୁ ସେବା କରିବା ପାଇଁ ଆମ୍ଭମାନଙ୍କର ପ୍ରବୃତ୍ତି ଗୁଡ଼ିକୁ ଶୋଷଣ କରିପାରନ୍ତି । ଗୁରୁକରଣ କରିବାକୁ ଗଲେ ଦେଖିବାକୁ ହୁଏ ଗୁରୁ ଆତ୍ମ-ନିବେଦିତ କି ନା ? ସେ ପ୍ରବୃତ୍ତି ଅଭିଭୂତିର ଊର୍ଦ୍ଧ୍ୱ ରାଜ୍ୟରେ ଅଛନ୍ତି କି ନା ? ତାଙ୍କର ଭାଗବତ ଗୁଣାବଳୀ ଅଛି କି ନା? ଯିଏ ପ୍ରକତ ଗୁରୁ ତାଙ୍କ ଭିତରେ ପୂର୍ବବର୍ତ୍ତୀ ପ୍ରତ୍ୟେକ ଅବତାର ଙ୍କୁ ଖୋଜି ପାଇ ହେବ । ଏହା ପୂରାପୂରି ମାନଚିତ୍ର ଦେଖିବା ପରି । ଯେପରି ଶ୍ରୀରାମକୃଷ୍ଣଙ୍କୁ ଦେଖିଲେ ବୁଝି ହେବ ସେ ହିଁ ଶ୍ରୀକୃଷ୍ଣ, ସେ ହିଁ ବୁଦ୍ଧ, ସେ ହିଁ ଯୀଶୁ, ସେ ହିଁ ମହମ୍ମଦ ଓ ସେ ହିଁ ଶ୍ରୀଚୈତନ୍ୟ । ପରିଷ୍କାର ଭାବରେ ସମସ୍ତଙ୍କୁ ବୁଝି ହେବ ଓ ତାଙ୍କ ଭିତରେ ସମସ୍ତଙ୍କୁ ଦେଖା ମିଳିବ । ଏହା ନ ହେଲେ ସେ ଗୁରୁ ହେବା ପାଇଁ ଉପଯୁକ୍ତ ନୁହଁନ୍ତି । ଯୁଗ ପୁରୁଷୋତ୍ତମଙ୍କୁ କେନ୍ଦ୍ର କରି ସମନ୍ୱୟୀ ସଙ୍ଗତି ଅକ୍ଷୁର୍ଣ୍ଣ ରଖି ପାରିଲେ ହଜାରେ ମତର ଲୋକ ରହିଲେ ମଧ୍ୟ କିଛି ଯାଏ ଆସେ ନାହିଁ । ଆମ ଦେଶରେ ଭଗବାନ ଶ୍ରୀକୃଷ୍ଣ ବା ତଜ୍ଜାତୀୟ ଅବତାରମାନଙ୍କୁ ନମାନି, ଅସ୍ୱୀକାର ବା ଅପମାନ କରି ମଧ୍ୟ ମଣିଷ ଗୁରୁଙ୍କ ଆସନରେ ବସି ପାରେ, ଏହାଠାରୁ ଦୂରାବସ୍ଥା ଆଉ କ'ଣ କିଛି ହୋଇପାରେ ?

ଗୁରୁ ମାନେ ହିଁ ସଦ୍‌ଗୁରୁ ବା ଆଚାର୍ଯ୍ୟ । ଗୁରୁ ପୁରୁଷୋତ୍ତମ ହିଁ ସଚ୍ଚିଦାନନ୍ଦଙ୍କର ମୂର୍ତ୍ତ ବିଗ୍ରହ । ସେ ହିଁ ରୂପାୟିତ ଈଶ୍ୱର ପ୍ରେରଣା, ସେ ହିଁ ଆତ୍ମିକ ଶକ୍ତିର ପ୍ରୋଜ୍ଜ୍ୱଳ ପ୍ରକାଶ, ଅସ୍ତି ବୃଦ୍ଧିର ପରମ ଅମୃତପଥ, ସମସ୍ତ ଦ୍ୱନ୍ଦ ଭିତରେ ଅନ୍ୱୟୀ ସ୍ୱାର୍ଥକତାର ସାରକେନ୍ଦ୍ର ।

ଗୁରୁ ନିର୍ବାଚନରେ ଚାରୋଟି ଜିନିଷ ବିଶେଷ କରି ଦେଖିବାକୁ ହୁଏ । ପ୍ରଥମତଃ ଦେଖିବାକୁ ହୁଏ - ପୂର୍ବତନ ପ୍ରାଜ୍ଞ ଆଚାର୍ଯ୍ୟମାନଙ୍କର ଧାରା ସହିତ ତାଙ୍କର ସାମଞ୍ଜସ୍ୟ ଅଛି କି ନାହିଁ? ଦ୍ୱିତୀୟତଃ ଦେଖିବାକୁ ହୁଏ - ସେ ବୈଶିଷ୍ଟ୍ୟର ପରିପାଳନ ଓ ପରିପୋଷଣ କରି ଚାଲନ୍ତି କି ନାହିଁ ? ତୃତୀୟତଃ ଦେଖିବାକୁ ହୁଏ ତାଙ୍କର ଗୁରୁନିଷ୍ଠା କିପରି ? ଗୁରୁ ନିଷ୍ଠାର ଲକ୍ଷଣ ହେଲା ଆତ୍ମପ୍ରତିଷ୍ଠାରେ ଔଦାସୀନ୍ୟ ଓ ଗୁରୁଙ୍କ ପ୍ରତିଷ୍ଠାରେ ଉଦଗ୍ର ଆଗ୍ରହ । ଆଉ ଚତୁର୍ଥ ଜିନିଷ ହେଲା - ଗୁରୁଙ୍କ କଥା ଓ କାମରେ ସଙ୍ଗତି । ମଣିଷ ଯାହା କହେ ତାହା ଯଦି ନିଜେ ଆଚରଣ ନ କରେ, ତାହାହେଲେ ସେଠାରେ ସନ୍ଦେହର ଅବକାଶ ଅଛି । ତେବେ ମୂଳଗୁଡିକ ଯଦି ଠିକ୍ ନଥାଏ କେବଳ କଥାରେ - କାମରେ ମେଳ ବା ସାମଞ୍ଜସ୍ୟ ରହିଲେ ମଧ୍ୟ ସେ କିନ୍ତୁ ଅନୁସରଣଯୋଗ୍ୟ ବା ଗୁରୁ ପଦବାଚ୍ୟ ନୁହଁନ୍ତି ।

ପ୍ରବୃତିବଶ୍ୟତା ଠାରୁ ମୁକ୍ତ ନ ହେଲେ ଅଖଣ୍ଡ ବ୍ୟକ୍ତିତ୍ୱ ଗଜାଏ ନାହିଁ । ବ୍ୟଷ୍ଟିବ୍ୟକ୍ତିତ୍ୱ ଭୂମାୟିତ ହୋଇ ସମଷ୍ଟି ବ୍ୟକ୍ତିତ୍ୱରେ ଉଦ୍ଭିନ୍ନ ହୋଇ ଉଠେ । ସମଷ୍ଟି ବ୍ୟକ୍ତିତ୍ୱରେ ଥାଏ ପ୍ରତ୍ୟେକଙ୍କୁ ତାର ବୈଶିଷ୍ଟ୍ୟ ଅନୁଯାୟୀ ପରିପୂରଣ କରିବାର ଆକୂତି ଓ କ୍ଷମତା । ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ମଣିଷ ଛଡ଼ା ଅନ୍ୟ କେହି ଗୁରୁ ହୋଇପାରେ ନାହିଁ । ଜଣଙ୍କ ପାଖରେ ଯଦି କେବଳ ହିନ୍ଦୁମାନଙ୍କ ପାଇଁ ସ୍ଥାନ ଥାଏ ଓ ମୁସଲମାନ ଏବଂ ଖ୍ରୀଷ୍ଟିୟାନ ପ୍ରଭୃତି ଅନ୍ୟ ସମ୍ପ୍ରଦାୟର ଲୋକଟି ସ୍ୱ-ସ୍ୱ ବିଶ୍ୱାସ ଓ ଶୁଭ ବୈଶିଷ୍ଟ୍ୟର ପୋଷଣ ତାଙ୍କ ପାଖରୁ ପାଆନ୍ତି ନାହିଁ, ସେ ପୁଣି କିପରି ଗୁରୁ ପଦବାଚ୍ୟ ହେବେ ? ବିଭିନ୍ନ ବ୍ୟକ୍ତିଙ୍କର ବିଭିନ୍ନ ରୁଚି, କାହାର ବିଜ୍ଞାନ ଦିଗକୁ ଆକର୍ଷଣ, କାହାର ଦର୍ଶନ ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ବ୍ୟବସାୟ-ବାଣିଜ୍ୟ ଦିଗକୁ, କାହାର କୃଷି ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ସଙ୍ଗୀତ-ବାଦ୍ୟ ଦିଗକୁ, କିମ୍ବା କାହାର ସାଧନା-ତପସ୍ୟା ଦିଗକୁ, ଏହି ବିଭିନ୍ନ ପ୍ରକାର ବ୍ୟକ୍ତିଙ୍କୁ ଯିଏ ବିହିତ ଭାବରେ ସମାଦର ଓ ସମାବେଶ କରି ଉଦ୍‌ବର୍ଦ୍ଧନ ଦିଗକୁ ପ୍ରେରଣା ଓ ନିର୍ଦ୍ଦେଶ ଦେଇପାରନ୍ତି, ସେ ହିଁ ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ଗୁରୁ ବା ଗୁରୁ-ପୁରୁଷୋତ୍ତମ । ଜାତି, ଧର୍ମ, ବର୍ଣ୍ଣ ଓ ପ୍ରକୃତି ନିର୍ବିଶେଷରେ ଯାହାଙ୍କ ପାଖରେ ପ୍ରତ୍ୟେକଙ୍କ ସମର୍ଦ୍ଧନୀ ଆଶ୍ରୟ ରହିଛି ସେ ହିଁ ପ୍ରକୃତ ଗୁରୁ । ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ କଥିତ ମଦ୍‌ଗୁରୁ ଶ୍ରୀଜଗତ୍‌ଗୁରୁ ଅର୍ଥ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମୋରୁ ଗୁରୁ ଯିଏ ଜଗତର ସମସ୍ତ ଗୁରୁ ମଧ୍ୟ ସିଏ । ସେମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ସମସ୍ତ ପ୍ରେରିତ ପୁରୁଷ ବା ଅବତାର ପୁରୁଷ ଏକ । କଥା ପ୍ରସଙ୍ଗରେ କଳ୍କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଚିରକାଳ ଏକ ଆଦେଶ ହିଁ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସିଛି, ତାହା ହେଉଛି ଭାଗବତ ଆଦେଶ, ସେହି ଆଦେଶର ବାର୍ତ୍ତାବହ ହେଲେ ଅବତାର । ଯେତେ ଦେହରେ, ଯେତେ ରୂପରେ, ଯେତେ ଥର ହିଁ ସେ ଆସନ୍ତୁ, ସେ ଜଣେ ହିଁ । ଈଶ୍ୱର ଯେପରି ଏକ ଓ ଅଦ୍ୱିତୀୟ, ଅବତାର ପୁରୁଷମାନେ ମଧ୍ୟ ସେହିପରି ଏକ ଓ ଅଦ୍ୱିତୀୟ । ଅବତାର ପୁରୁଷମାନଙ୍କ ମଧ୍ୟରେ ଭେଦ କରିବା ମହା ପାପ । ଯିଏ ପ୍ରକୃତ ଗୁରୁ ତାଙ୍କ ଭିତରେ କୌଣସି ଭୁଲ ଭ୍ରାନ୍ତି ନାହିଁ । ତେବେ ତାଙ୍କର ସବୁ ଆଚରଣର ଅର୍ଥ ଆମ୍ଭେମାନେ ହୁଏତ ଠିକ୍ ଭାବରେ ବୁଝି ପାରୁ ନାହୁଁ । ତାହା ମଧ୍ୟ ବୁଝି ପାରିବୁ ଯଦି ତାଙ୍କ ପାଖରୁ ପଚାରି ଜାଣି ନେଉ । କାହାଙ୍କୁ ଗୁରୁ ବୋଲି ଗ୍ରହଣ କରିବା ଆଗରୁ ହିସାବ କରି ଗ୍ରହଣ କରିବା ଭଲ । କିନ୍ତୁ ଗୁରୁ ବୋଲି ଗ୍ରହଣ କରିବା ପରେ ଶ୍ରଦ୍ଧା ସହକାରେ ଅନୁସରଣ କରିବାକୁ ହୁଏ । କିନ୍ତୁ କେହି ଯଦି ଅବତାର ବା ବେତ୍ତା ଗୁରୁ ନ ହୁଅନ୍ତି ତାଙ୍କର ଉଚିତ୍ ନିଜକୁ ଦୀକ୍ଷା-ଉପଦେଷ୍ଟା ବା ଋତ୍ୱିକ୍ ବୋଲି ପରିଚିତ କରି ପୂର୍ବତନ ବେତ୍ତା ଗୁରୁଙ୍କୁ ଗୁରୁ ହିସାବରେ ଦେଖାଇ ଦେବା ଓ ସେହି ସଙ୍ଗେ ସଙ୍ଗେ ଜୀବନ୍ତ ସଦ୍‌ଗୁରୁ ବା ବେତ୍ତା ପୁରୁଷଙ୍କୁ ପାଇଲେ ତାଙ୍କୁ ଗ୍ରହଣ କରିବାକୁ କହିବା ଉଚିତ୍ । ଭଗବାନ୍ ଯୀଶୁ କହିଛନ୍ତି - ମୋ ମାଧ୍ୟମ ବ୍ୟତୀତ କେହି ପରମ ପିତାଙ୍କ ପାଖକୁ ଆସିପାରିବେ ନାହିଁ । ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ବୈଷ୍ଣବ ଶାସ୍ତ୍ରରେ ଅଛି - କୃଷ୍ଣଙ୍କର ଯେତେ ଲୀଳା ସର୍ବୋତ୍ତମ ନରଲୀଳା, ନରବପୁ ତାଙ୍କର ସ୍ୱରୂପ, ଗୋପ ବେଶ ବେଣୁକର, ନବ କିଶୋର ନଟବର, ନରଲୀଳା ହୁଏ ଅନୁରୂପ । କୋରାନ୍‌ରେ ଅଛି ପ୍ରେରିତଙ୍କୁ ବାଦ୍ ଦେଇ ଈଶ୍ୱରଙ୍କର ଉପାସନା ହୁଏ ନାହିଁ । ବୌଦ୍ଧ ଧର୍ମରେ ଅଛି - ବୁଦ୍ଧଂ ଶରଣଂ ଗଚ୍ଛାମି । ତେଣୁ ମୂଳ କଥା ହେଲା - ଆଦର୍ଶଙ୍କ ନିର୍ବାଚନ ବା ଗୁରୁ ନିର୍ବାଚନ । ସଦ୍‌ଗୁରୁ ହିଁ ଚିରୋପାସ୍ୟ ଓ ଚିର ବନ୍ଦନୀୟ ।


ଏସ୍.ସି.ବି. ମେଡ଼ିକାଲ କଲେଜ, କଟକ
ମୋବାଇଲ୍-୯୪୩୭୦୫୧୯୫୭


# ଜୀବନ ଝୁଣୁଛି ତମାଖୁ


॥ ଡାକ୍ତର କାନ୍ତୀ ନାୟକ ॥


ନିଶା ସେବନ ଯେ ଶରୀର ପାଇଁ ଅତ୍ୟନ୍ତ ଭୟଙ୍କର ଓ କ୍ଷତିକାରକ ଏହା ସମସ୍ତେ ଜାଣନ୍ତି । ତଥାପି ଏହି ଦିଗଟିକୁ ନିଶାଗ୍ରସ୍ତମାନେ ସାମାନ୍ୟତମ ଭାବେ ଖାତିର କରିନଥାନ୍ତି । ତମାଖୁ ରାକ୍ଷାସ ନିଶାଖୋରଟିକୁ ପଙ୍ଗୁ କରି ବିକଳାଙ୍ଗ କରିଦେବା ସହ ସବୁକିଛି ଜାଳି ପୋଡ଼ି ଭିତରେ ଛାରଖାର କରିଦେଇଥାଏ । ତମାଖୁକୁ ଯଥେଷ୍ଟ ଦୂରତାରେ ରଖି ଏହାକୁ ସାଥୀ ନକରିବାର ସଂକଳ୍ପ ପାଇଁ ପ୍ରତିବର୍ଷ ମେ ମାସ ୩୧ ତାରିଖରେ ବିଶ୍ୱ ତମାଖୁ ନିଷେଧ ଦିବସ ପାଳନ କରାଯାଉଛି । ତମାଖୁର ଭୟାବହତା ଜାଣିବା ଆସନ୍ତୁ । ଧୂମପାନ ହୃଦ୍‌ଘାତର କାରଣ । ଫୁସ୍‌ଫୁସ୍ କ୍ୟାନସରର ମୁଖ୍ୟ କାରଣ ହେଉଛି ଧୂମପାନ (୯୦ ପ୍ରତିଶତ)। ଗଲ୍‌ବ୍ଲାଡ଼ର କ୍ୟାନସର, ସର୍ଭିକ୍ସ କ୍ୟାନସର, ଖାଦ୍ୟନଳୀ କ୍ୟାନସର, କିଡ଼୍‌ନୀ, ଅଗ୍ନ୍ୟାଶୟ, ପରିସ୍ରାଥଳି ଓ ସ୍ୱରଯନ୍ତ୍ରରେ କର୍କଟ ହେବାର ଆଶଙ୍କା ସର୍ବାଧିକ। ବିପଦ କେବଳ ସେତିକିରେ ରହିନାହିଁ, ମୁଖ କର୍କଟ, ଗଳା କର୍କଟ ଠାରୁ ପେଟରେ କର୍କଟ ଏପରିକି ଗର୍ଭାଶୟରେ କର୍କଟ ରୋଗ ବି ହୋଇପାରେ । ଧୂମପାନ ଠାରୁ ଦୂରେଇଥିବା ବ୍ୟକ୍ତି ତୁଳନାରେ ନିଶା ଗ୍ରସ୍ତ ଲୋକଙ୍କ ହୃଦ୍‌ଘାତ ହେବାର ଆଶଙ୍କା ଦୁଇରୁ ଚାରିଗୁଣା ଅଧିକ । ସେହିପରି ମହିଳାମାନେ ଧୂମପାନ କଲେ ସେମାନଙ୍କର ପାକସ୍ଥଳୀରେ କର୍କଟ ହେବାର ଆଶଙ୍କା ଅଧିକ ରହୁଛି । ଏକ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ମହିଳାଙ୍କ କ୍ଷେତ୍ରରେ ପାଖାପାଖି ୭୦ ପ୍ରତିଶତ ପାକସ୍ଥଳୀ କର୍କଟ ହେବାର କାରଣ ହେଉଛି ଏହି ଭୟାବହ ଧୂମପାନ । ମନେରଖନ୍ତୁ ତମାଖୁ ସେବନ ଦ୍ୱାରା ଦାନ୍ତର ସୌନ୍ଦର୍ଯ୍ୟ ସହ ଏହାର ଗଠନ ଶୀଳତା ନଷ୍ଟ ହୋଇଥାଏ, ଯାହାଦ୍ୱାରା କି ଖାଦ୍ୟର ସ୍ୱାଦ ଜାଣିବାର କ୍ଷମତା ହରାଇବା ସହ ଗଳାରୁ ରକ୍ତ ପଡ଼ିବା ସାଙ୍ଗରେ ମୁଖ କର୍କଟ ହେବାର ଆଶଙ୍କା ସର୍ବାଧିକ । ସେହିପରି ଧୂମପାନ ହୃଦ୍‌ସ୍ପନ୍ଦନ ବୃଦ୍ଧି କରି ଉଚ୍ଚରକ୍ତ ଚାପର କାରଣ ହୋଇପାରେ ଏବଂ ହୃଦ୍‌ଘାତର ଆଶଙ୍କା ବଢ଼ାଇଥାଏ । ତମାଖୁ ସେବନ ଦ୍ୱାରା ପାକସ୍ଥଳୀଟି ସାଙ୍ଘାତିକ ଭାବରେ କ୍ଷତିଗ୍ରସ୍ତ ହୋଇଥାଏ । ଆଉ ଯଦି ପୂର୍ବରୁ ଶ୍ୱାସ ରୋଗଥାଏ ତେବେ ଏହି ସମସ୍ୟା ଜଟିଳ। ସେହିପରି ଧୂମପାନ ବା ତମାଖୁ ସେବନ ଦ୍ୱାରା ଶରୀରର ତ୍ୱଚା ଶୁଖିଲା ହେବା ସଙ୍ଗେ ସଙ୍ଗେ କେତେଙ୍କ କ୍ଷେତ୍ରରେ ହଳଦିଆ ପଡ଼ି ରିଙ୍କିଲ୍ ପଡ଼ିଯାଇପାରେ । ଧୂମପାନ କରିବା ଦ୍ୱାରା ମାଂସପେଶୀକୁ କମ୍ ପରିମାଣର ଅମ୍ଳଜାନ ଓ ରକ୍ତ ଆସିଥାଏ ଯାହାଦ୍ୱାରା ପରବର୍ତ୍ତୀ ସମୟରେ ମାଂସପେଶୀ ପାଇଁ ସବୁଠାରୁ ବଡ଼ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଥାଏ । ଧୂମପାନ କରୁଥିବା ବ୍ୟକ୍ତିଙ୍କର ନିୟମିତ ବ୍ୟବଧାନରେ ପେଟ ଯନ୍ତ୍ରଣା ହୁଏ ଓ ଏହା ବିଶେଷକରି ଲିଭର ଓ ବୃକକ୍ ଉପରେ ଗୁରୁତର ପ୍ରଭାବ ପକାଇଥାଏ ଯାହାକି ପରବର୍ତ୍ତୀ ସମୟରେ ପେଟ ସମ୍ବନ୍ଧୀୟ ବିଭିନ୍ନ ଭୟାନକ ରୋଗର୍ କାରଣ ପାଲଟିଥାଏ । ପ୍ରତିବର୍ଷ ଏହି ତମାଖୁ ରାକ୍ଷାସର କବଳରେ ଛଅ ମିଲିଅନ୍‌ର ଲୋକ ଶିକାର ହୋଇଥାନ୍ତି । ସବୁଠାରୁ ଉଦ୍‌ବେଗଜନକ ପ୍ରସଙ୍ଗ ହେଉଛି ସେମାନଙ୍କ ଭିତରୁ ୬୦୦୦୦୦ ଲୋକ ଧୂମପାନ ବା ନିଶା ସେବନ କରିନଥାନ୍ତି କିନ୍ତୁ ତାଙ୍କ ପାଖରେ ଏହି ନିଶାଖୋରଙ୍କ ସଂସ୍ପର୍ଶ ରହୁଥିବାରୁ ପାରିପାର୍ଶ୍ୱିକ ପ୍ରଭାବ ସେମାନଙ୍କୁ ମୃତ୍ୟୁମୁଖକୁ ଟାଣି ନେଇଥାଏ (ସେକେଣ୍ଡହ୍ୟାଣ୍ଡ ଧୂମପାନ) । ତମାଖୁ ରାକ୍ଷାସ କବଳରୁ ଜଣେ ଯେ ମୁକ୍ତି ପାଇ ପାରିବ ନାହିଁ ତାହାନୁହେଁ । ଧୂମପାନରେ ୫୦ ପ୍ରକାରର ଉପାଦାନ ଅଛି ଯାହା କ୍ୟାନସର ସୃଷ୍ଟିର କାରଣ। ଏହାଭିତରୁ ନାଇଟ୍ରୋସାମିନ୍ ଓ ପଲିସାଇକ୍ଲିକ୍ ଏରୋମାଟିକ୍ ହାଇଡ୍ରୋକାର୍ବନ ମୁଖ୍ୟ। କଳକାରଖାନା ମାନଙ୍କରେ କାମ କରୁଥିବା ସହସ୍ରାଧିକ ବ୍ୟକ୍ତି କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି( ୨-୨୦%)। ପ୍ରତିବର୍ଷ ଦୁଇଲକ୍ଷ ବ୍ୟକ୍ତି କଳାକାରଖାନା ପ୍ରଦୂଷଣ ଯୋଗୁଁ କର୍ମସ୍ଥଳୀରେ କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି। ଏଜ୍‌ବେଷ୍ଟସ୍ ତନ୍ତୁ ବା ଧୂମ ସେବନ ଦ୍ୱାରା ଫୁସ୍‌ଫୁସ୍ କ୍ୟାନସର ହୁଏ। ତେବେ ଶରୀରରୁ ନିକୋଟିନ୍ ଏବଂ ଅନ୍ୟାନ୍ୟ କାର୍ସିନୋଜେନ୍ କାଢ଼ିବା ପାଇଁ ପ୍ରତିଦିନ ତାଜା ଫଳ ସହ ସବୁଜ ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ । ପ୍ରଚୁର ପରିମାଣରେ ସବୁଜ ପନିପରିବା ଖାଆନ୍ତୁ ଏବଂ ଆଣ୍ଟିଅକ୍ସିଡେଣ୍ଟ ଏବଂ ଅଧିକ ପୁଷ୍ଟିସାର ଥିବା ଖାଦ୍ୟ ଖାଆନ୍ତୁ।


ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ,
ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ବନ୍ଦରନଗରୀରେ ବଢୁଛି ଧଳାଜହର କାରବାର, ଡ୍ରଗ୍ସ ଖାଇ ବୃଦ୍ଧାଙ୍କୁ ଅସଦାଚରଣ କଲା ୧୮ ବର୍ଷର ଯୁବକ

ପାରାଦୀପ, (ମହାଭାରତ) : ବନ୍ଦରନଗରୀ ରେ ଡ୍ରଗ୍ସ ବା ଧଳାଜହର କବ୍ଜା ରେ ଯୁବପିଢ଼ି । କିଛିଦିନ ମଧ୍ୟରେ ଅନେକ ଘଟଣା ନଜର କୁ ଆସିଥିବା ବେଳେ ପୋଲିସ କେବଳ ଦେଖଣାହାରି ସାଜିଥିବା ଭଳି ଦେଖିବାକୁ ମିଳିଛି । ଆଜି ଅପରାହ୍ନ ରେ ମଧୁବନ ଅଞ୍ଚଳରେ ଜଣେ ୧୮ ବର୍ଷର ଯୁବକ ଜଣେ ବୟସ୍କା ମହିଳାଙ୍କୁ ଟଣା ଘୋଷରା କରୁଥିବା ସମୟରେ ସ୍ଥାନୀୟ ଲୋକ ପହଞ୍ଚି ଉକ୍ତ ଯୁବକକୁ ଅଟକାଇବା ସହିତ ନିର୍ଧୁମ ଉତ୍ତମ ମାଧମ ଦେଇ ପୋଲିସକୁ ହସ୍ତାନ୍ତର କରିଛନ୍ତି । ସେହିଭଳି କିଛିଦିନ ତଳେ କିଛି ଯୁବକ ସମୁଦ୍ର କୂଳ ଝାଉଁ ଜଙ୍ଗଲ ଭିତରେ ବ୍ରାଉନ ସୁଗାର ବେପାର କରୁଥିବା ର ଭିଡିଓ ସୋସିଆଲ ମିଡିଆରେ ଭାଇରଲ ହେଉଥିବା ଦେଖିବାକୁ ମିଳିଛି । ଏଥିରେ ଜଣେ ଯୁବକ ବ୍ରାଉନ ସୁଗାର ପୁଡିଆ କୁ ସବୁ ଗଣି ଦିଆସିଲି ଭିତରେ ଅତି ଚତୁର ଭାବରେ ଗଣି କୁ ରଖୁଥିବା ବେଳେ କିଛି ଯୁବକ ଗଞ୍ଜେଇ ସାଙ୍ଗରେ ବ୍ରାଉନ ସୁଗାର ମିଶାଇ ଟାଣୁଥିବା ବେଳେ ଜଣେ ଯୁବକ ବାକି ମାଗୁଥିବା ର ଶୁଣିବାକୁ ମିଳୁଛି । ଏହି ଭିଡିଓ ଷଣ୍ଢକୁଦ ପାର୍ଶ୍ୱ ଝାଉଁ ଜଙ୍ଗଲ ଭିତରେ ବୋଲି ସୂଚନା ମିଳିଥିବା ବେଳେ ଏହାର କିଛିଦିନ ପୂର୍ବରୁ ଏହି ଷଣ୍ଢକୁଦ ଜଙ୍ଗଲ ମଧ୍ୟରେ ଡ୍ରଗ୍ସ ଖାଇ ବାକି ଟଙ୍କା ଦେବାରେ ବିଳମ୍ବ କରିବାରୁ ସ୍ଥାନୀୟ ଜଣେ ଯୁବକ ର ହାତ ବାନ୍ଧି ମରଣାନ୍ତକ ଆକ୍ରମଣ କରିଥିଲେ । ଯାହା ଜଟାଧାର ପୋଲିସ ରେ ଅଭିଯୋଗ ହୋଇଥିଲେ ମଧ ତାହା ସମାଧାନ ହୋଇଯାଇଥିବା ସୂଚନା ମିଳିଛି । ଏହାର କିଛିଦିନ ପୂର୍ବରୁ ଜଣେ ଯୁବକ ଡ୍ରଗ୍ସ ନିଶାରେ ଷଣ୍ଢକୁଦ ଶ୍ରୀରାମ କଲୋନୀ ରେ ମହିଳା ମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିବା ସହିତ ଘରେ ପଶି ଆକ୍ରମଣ ଘଟଣା ରେ ଜଟାଧାର ପୋଲିସ ରେ ମହିଳା ମାନେ ଅଭିଯୋଗ କରିଥିଲେ ମଧ ପୋଲିସ ଅଭିଯୁକ୍ତ କୁ ନିଶାଡି କହି ଛାଡିଦେଇଥିବ ନେଇ ମହିଳା ମାନେ ଅଭିଯୋଗ କରିଥିଲେ । ଏହିଭଳି ଅନେକ ଘଟଣା ର ମୁଖ୍ୟ କାରଣ ପାଲଟିଛି ଏହି ମାରାତ୍ମକ ଡ୍ରଗ୍ସ ବା ଧଳାଜହର । ବିଭିନ୍ନ ବସ୍ତି ଅଞ୍ଚଳ ରେ ବହୁଳ ମାତ୍ରାରେ ବ୍ରାଉନସୁଗାର ବେପାର ବଢିବା ସହିତ ଯୁବପିଢ଼ି ନିଶଗ୍ରସ୍ତ ହୋଇ ସନ୍ଧ୍ୟା ହେଲେ ପ୍ରତ୍ୟେକ ଛକ ଅଞ୍ଚଳ ରେ ମୁଣ୍ଡ ତଳକୁ କରି ବସିରହିଥିବା ଦେଖିବାକୁ ମିଳୁଛି । ଯାହା ଅତି ମାରାତ୍ମକ ରୂପ ଧାରଣ କରୁଥିବା ବେଳେ ପୋଲିସ ହେଉ କିମ୍ବା ଅବକାରୀ ବିଭାଗ ଏହାକୁ ରୋକିବାକୁ ଅସଫଳ ହେଉଥିବା ଆଜିର ଘଟଣା ରୁ ସ୍ପଷ୍ଟ ପ୍ରମାଣିତ ହୋଇଛି ।

## ମରଣଯନ୍ତା ପାଲଟିଛି ନାଲକୋ –ଅନୁଗୋଳ ଦେଇ ଯାଇଥିବା ଜାତୀୟ ରାଜପଥ

ଅନୁଗୋଳ, (ମହାଭାରତ):ଅନୁଗୋଳ ଜିଲ୍ଲାର ନାଲକୋ ଛକଠାରୁ ଅନୁଗୋଳ ଦେଇ ଯାଇଥିବା ଯାଇଥିବା ଜାତୀୟ ରାଜପଥ ଏବେ ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଛି । ରାସ୍ତା ପାର୍ଶ୍ୱରେ ବିଭିନ୍ନ ସ୍ଥାନରେ ଗର୍ତ୍ତ ଖୋଳି ଦୀର୍ଘଦିନ ଧରି ଛାଡ଼ି ଦିଆଯାଇଥିବାରୁ ପ୍ରତିଦିନ ଯାତାୟାତରେ ନାକେଦମ ହେଉଛନ୍ତି ସାଧାରଣ ଲୋକ ।ବିଶେଷକରି ରାତି ସମୟରେ ଗର୍ତ୍ତ ଦେଖିବା କଷ୍ଟସାଧ ହେଉଥିବାରୁ ଦୁଇଚକିଆ ଓ ଛୋଟ ଗାଡ଼ି ଚାଳକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । କେତେକ ସ୍ଥାନରେ ବର୍ଷା ପାଣି ଜମି ରହୁଥିବାରୁ ସମସ୍ୟା ଆହୁରି ଗମ୍ଭୀର ହୋଇପଡ଼ିଛି ।ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ପାଇପଲାଇନ୍ କିମ୍ବା ଅନ୍ୟାନ୍ୟ ନିର୍ମାଣ କାମ ପାଇଁ ରାସ୍ତା ଖୋଳାଯାଇଥିଲେ ମଧ କାମ ସରିବା ପରେ ଠିକ ଭାବେ ମରାମତି କରାଯାଇନାହିଁ । ଏହାକୁ ନେଇ ପ୍ରଶାସନ ଓ ସମ୍ପୃକ୍ତ ବିଭାଗର ଅବହେଳାକୁ ଦାୟୀ କରିଛନ୍ତି ଅଞ୍ଚଳବାସୀ ।ଏନେଇ ଶୀଘ୍ର ପଦକ୍ଷେପ ନେଇ ରାସ୍ତା ମରାମତି କରିବାକୁ ଦାବି କରିଛନ୍ତି ସ୍ଥାନୀୟ ଲୋକ । ନଚେତ୍ ଆଗାମୀ ଦିନରେ ବଡ଼ଧରଣର ଦୁର୍ଘଟଣା ଘଟିବା ଆଶଙ୍କା ରହିଛି ।

## ୩୨ ତମ ଶ୍ରୀମଦ ରାମ ଚରିତ ମାନସ ପାରାୟଣ ଓ ଭକ୍ତି ଜ୍ଞାନଯଜ୍ଞ

ଅନୁଗୋଳ:( ମହାଭାରତ):ବଣ୍ଟାଁରପାଳ ବ୍ଲକ୍ କାଣ୍ଡସର ଗ୍ରାମ ପଞ୍ଚାୟତର ଶ୍ରୀରାମ ମଣ୍ଡପ ଠାରେ ଶ୍ରୀମଦ ରାମ ଚରିତ ମାନସ ପରାୟଣ ଓ ଭକ୍ତି ଜ୍ଞାନଯଜ୍ଞ ଆରମ୍ଭ ହୋଇଯାଇଛି ।୩୨ ତମ ରାମ ଚରିତ ମାନସ ପାରାୟଣ ଓ ଭକ୍ତି ଜ୍ଞାନଯଜ୍ଞ ପାରାୟଣ ପରିଷଦ ଓ କାଣ୍ଡସର ଗ୍ରାମବାସୀ ଙ୍କ ଆନୁକୁଲ୍ୟରେ ସ୍ଥାନୀୟ ଭାଗବତ ପ୍ରେମୀ, ଭକ୍ତ ଓ ଭାବୁକ ମାନଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଯାଇଛି ।ଏହା ୦୩,୦୫,୨୦୨୬ ରିଖ ରବିବାର ଠାରୁ ତା ୧୧,୦୫,୨୦୨୬ ରିଖ ସୋମବାର ପର୍ଯ୍ୟନ୍ତ ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀ ରାମଚନ୍ଦ୍ର ମହାପ୍ରଭୁ ଙ୍କ ପବନ ଲୀଳା ଓ କୀର୍ତ୍ତି ସମ୍ବଳିତ ଗୋସ୍ୱାମୀ ସନ୍ଥ ତୁଳସୀ ଦାସ ଜୀ ମହାରାଜ ଙ୍କ ବିରଚିତ ଶ୍ରୀମଦ୍ ରାମଚରିତ ମାନସ ମହାଗ୍ରନ୍ଥାନୁ ମୋଦିତ ନବମ ଦୀପ ବ୍ୟାପି ପ୍ରବଚନ ଜ୍ଞାନଯଜ୍ଞ କଥାବୃତ ଚାଲିବ ।ଏଥିରେ ବିଶିଷ୍ଟ ସାଧୁ ,ସନ୍ଥ, ଜ୍ଞାନୀ, ଗୁଣି ପ୍ରବଚକ ବ୍ୟାସ ଶ୍ରୀ ମୈଥିଳି ଦାସ ମହାରାଜ,ପଣ୍ଡିତ ବସନ୍ତ ବିଶୋଇ, ପଣ୍ଡିତ ବସନ୍ତ ପଣ୍ଡା ଓ ପଣ୍ଡିତ ସୂର୍ଯ୍ୟକାନ୍ତ ରଥଶର୍ମା ରାମାୟଣ ଧର୍ମ, ଆଦର୍ଶ, ଜ୍ଞାନ ଭକ୍ତି ଓ ତତ୍ତ୍ୱ ଦର୍ଶନ ସମ୍ପର୍କିତ ବିଶଦ ଆଲୋଚନା ମାନ ଉପସ୍ଥାପନ କରିବେ ।ପାରାୟଣ ଆରମ୍ଭ ପ୍ରତ୍ୟହ ସନ୍ଧ୍ୟା ୭ଘଣ୍ଟିକା ଠାରୁ୧୦ ଘଣ୍ଟିକା ପର୍ଯ୍ୟନ୍ତ ଚାଲିବ ।ଗ୍ରାମରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ଦେଖିବକୁ ମିଳିଛି ।ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ପ୍ରତ୍ୟେକ ଦିନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ।

## ମ୍ୟାଟ୍ରିକ୍ ଟପର୍ ଆଖି ମଣ୍ଡଳଙ୍କୁ 'ସ୍ୱର୍ଗତ ମାଣିକ ଲାଲ ଘୋଷ ସ୍ମାରକୀ ସମ୍ମାନ' — ୧୦ ହଜାର ଟଙ୍କା ପୁରସ୍କାର

ମାଲକାନଗିରି, (ମହାଭାରତ) : ସଂଘର୍ଷ ଓ ପରିଶ୍ରମର ଅଦ୍ଭୁତ ମିଶ୍ରଣରେ ଉଜ୍ଜ୍ୱଳ ସଫଳତା ଲେଖିଛନ୍ତି ଏମଭି–୭୯ ସରକାରୀ ସାବରୀ ବିଦ୍ୟା ଭବନର ଛାତ୍ରୀ କୁମାରୀ ଆଖି ମଣ୍ଡଳ । ଚଳିତ ବର୍ଷ ମାଧ୍ୟମିକ ପରୀକ୍ଷାରେ ସର୍ବାଧିକ ନମ୍ବର ଅର୍ଜନ କରି ବିଦ୍ୟାଳୟର ଗୌରବ ବଢ଼ାଇଥିବା ଆଖିଙ୍କୁ ପୁର୍ବତନ ଛାତ୍ରଛାତ୍ରୀ (୧୯୮୦–୧୯୯୦ ବ୍ୟାଚ୍) ପକ୍ଷରୁ ପ୍ରଥମଥର ପାଇଁ 'ସ୍ୱର୍ଗତ ମାଣିକ ଲାଲ ଘୋଷ ସ୍ମାରକୀ ସମ୍ମାନ' ପ୍ରଦାନ କରାଯାଇଛି । ଏହି ଅବସରରେ ଆଖିଙ୍କୁ ଉତ୍ତରୀୟ, ପ୍ରମାଣପତ୍ର ସହ ନଗଦ ୧୦,୦୦୦ ଟଙ୍କା ପୁରସ୍କାର ଦିଆଯାଇଥିଲା । ରାକ୍ଷୀ ମଣ୍ଡଳଙ୍କ ଆଇଙ୍କ ଦୋକାନ ପରିସରରେ ଆୟୋଜିତ ସରଳ କିନ୍ତୁ ଗମ୍ଭୀର କାର୍ଯ୍ୟକ୍ରମରେ ପୁର୍ବତନ ଛାତ୍ରଛାତ୍ରୀମାନେ ଆଖିଙ୍କୁ ସମ୍ମାନିତ କରିଥିଲେ । ସଭାରେ ଛାତ୍ର ସଂଘ ସହସଭାପତି ଦୀପକ ଦତ୍ତ, ସମ୍ପାଦକ ପ୍ରଶାନ୍ତ ସର୍ଦ୍ଦାର, ସହ–ସମ୍ପାଦକ ସଚିନ କୃଷ୍ଣ ସାନା, କୃଷ୍ଣ ମଣ୍ଡଳ, କୋଷାଧ୍ୟକ୍ଷ ଗୋବିନ୍ଦ ହାଲଦାର, ଉପଦେଷ୍ଟା ସମୀର ମିସ୍ତ୍ରୀ, ସୁରେଶ ମେହତା ଓ ଦୟାଳ ବୈରାଗୀ ପ୍ରମୁଖ ଉପସ୍ଥିତ ଥିଲେ । ଏହାସହ ବୁଲବୁଲି ମଜୁମଦାର, ଗୋବିନ୍ଦ ରାୟ, ପରିମଳ ମଣ୍ଡଳ, ସନ୍ତୋଷ ବରାଳ, ସୁଶେନ ବରାଳ, ଶଶାନ ସରକାର, ଦିଲ୍ଲିପ ମଣ୍ଡଳ ଓ ନାରାୟଣ ବୈଦ୍ୟ ସହ ଅନେକ ପୁର୍ବତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ନାୟକ, ଆଖିଙ୍କ ମାତା ଓ ମାମୁଁ ସହ ଗ୍ରାମବାସୀମାନେ ମଧ୍ୟ ଉପସ୍ଥିତ ରହି ତାଙ୍କୁ ଆଶୀର୍ବାଦ ଜଣାଇଥିଲେ । ଆଖି ପିଲାଦିନରୁ ଆଇଙ୍କ ଘରେ ରହି ମାମୁଁଙ୍କ ଦୋକାନରେ ସହଯୋଗ କରିବା ସହ ପଢ଼ା ଜାରି ରଖିଥିଲେ । ଘରୋଇ ଦାୟିତ୍ୱ ସହ ବିଭିନ୍ନ ପ୍ରତିକୂଳତାକୁ ଜୟ କରି ସେ ଚଳିତ ମାଟ୍ରିକ୍ ପରୀକ୍ଷାରେ ୪୮୦ ନମ୍ବର ଅର୍ଜନ କରିଛନ୍ତି । ତାଙ୍କର ଏହି ସଫଳତା ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାର ସ୍ରୋତ ହୋଇଉଠିଛି । ପୁର୍ବତନ ଛାତ୍ରଛାତ୍ରୀମାନେ କହିଥିଲେ, "ପରିବେଶ ଯେତେ ପ୍ରତିକୂଳ ହେଉ ନାହିଁ, ଦୃଢ଼ ଇଚ୍ଛାଶକ୍ତି ଓ ଅନବରତ ପରିଶ୍ରମ ଥିଲେ ସଫଳତା ନିଶ୍ଚିତ ।" ଏହି ସ୍ମାରକୀ ସମ୍ମାନ ପ୍ରତିବର୍ଷ ଜାରି ରହିବ ଓ ପ୍ରତିବର୍ଷର ମ୍ୟାଟ୍ରିକ୍ ଟପର୍କୁ ସମ୍ମାନିତ କରାଯିବ ବୋଲି ସେମାନେ ଜଣାଇଥିଲେ । ସ୍ମରଣୀୟ ଯେ, ସ୍ୱର୍ଗତ ମାଣିକ ଲାଲ ଘୋଷ ଏମଭି–୭୯ ବିଦ୍ୟାଳୟର ପ୍ରଥମ ପ୍ରଧାନ ଶିକ୍ଷକ ଥିଲେ । ସେ ନିଜ ଜୀବନକାଳରେ ଅନେକ ଛାତ୍ରଛାତ୍ରୀଙ୍କୁ ମଣିଷ ରୂପେ ଗଢ଼ି ତୋଳିବା ସହ ଉଚ୍ଚ ଶିକ୍ଷାରେ ପ୍ରେରିତ କରିଥିଲେ । ତାଙ୍କର ସ୍ମୃତିକୁ ଅମର ରଖିବା ପାଇଁ ଏହି ସ୍ମାରକୀ ସମ୍ମାନର ଆରମ୍ଭ ହୋଇଛି ।

# ବିନା ଜନସାଧାରଣରେ ବ୍ଲକ ସ୍ତରୀୟ ମନରେଗା ସାମାଜିକ ସମୀକ୍ଷା ଜନଶୁଣାଣୀ ଶିବିର : କାର୍ଯ୍ୟ ପ୍ରଣାଳୀ ଉପରେ ଉଠିଲା ପ୍ରଶ୍ନ




କରଞ୍ଜିଆ, (ମହାଭାରତ) : ମୟୁରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକରେ ବ୍ଲକ ସ୍ତରୀୟ ମନରେଗା ସାମାଜିକ ସମୀକ୍ଷା ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଛି । କିନ୍ତୁ ଏହି ଜନଶୁଣାଣୀ ଶିବିରଟି ଜନସାଧାରଣଙ୍କ ଉପସ୍ଥିତି ବିନା ଆୟୋଜିତ ହୋଇଥିବାରୁ ସ୍ଥାନୀୟ ମହଲରେ ଚର୍ଚ୍ଚା ଓ ଅସନ୍ତୋଷର ସୃଷ୍ଟି କରିଛି । ଏହି କାର୍ଯ୍ୟକ୍ରମରେ ସମ୍ନିତ ଆଦିବାସୀ ଉନ୍ନୟନ ପରିଷଦର ପ୍ରକଳ୍ପ ପ୍ରଶାସକ ଚିତ୍ତରଞ୍ଜନ ମହାନ୍ତ, ଗୋଷ୍ଠି ଉନ୍ନୟନ ଅଧିକାରୀ ସ୍ୱପ୍ନେଶ୍ୱର ବେହେରା, ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା ଓ ଉପାଧକ୍ଷ ସନ୍ତୋଷ କୁମାର ମହାନ୍ତ ଯୋଗଦେଇଥିଲେ । ସାମାଜିକ ସମୀକ୍ଷକ ପଙ୍କଜ କୁମାର ଗିରି ମନରେଗା ଯୋଜନାର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବା ସହିତ କାମର ଅବସ୍ଥା, ବ୍ୟୟ ବିବରଣୀ ଓ ଅନ୍ୟାନ୍ୟ ପ୍ରଶାସନିକ ତଥ୍ୟ ପ୍ରସ୍ତୁତ କରିଥିଲେ । ସମୀକ୍ଷା ସମୟରେ ବ୍ଲକର ଅଧିକାଂଶ ପଞ୍ଚାୟତରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ଡକ୍ୟୁମେଣ୍ଟ ଅଭାବ ଥିବା ଜଣାପଡ଼ିଥିଲା । ବିଶେଷ କରି ଉ-୧ ଓ ଉ-୨ ଫର୍ମ, ଫଟୋକପି ରେକର୍ଡ ଓ କେସ ସମ୍ପର୍କିତ ତଥ୍ୟ ଅନେକ ସ୍ଥାନରେ ଉପଲବ୍ଧ ନଥିବା ଦେଖାଯାଇଥିଲା, ଯାହା ଯୋଜନାର ପାରଦର୍ଶିତା ଉପରେ ପ୍ରଶ୍ନ ଉଠାଇଛି । ଏହା ସହିତ, ଜନଶୁଣାଣୀର ମୂଳ ଉଦ୍ଦେଶ୍ୟ ହେଉଛି ଜନସାଧାରଣଙ୍କ ମତାମତ ଓ ଅଭିଯୋଗ ଶୁଣିବା, କିନ୍ତୁ ଏହି ଶିବିରରେ ସାଧାରଣ ଲୋକଙ୍କ ଅନୁପସ୍ଥିତି ଏହାର ପ୍ରାସଙ୍ଗିକତାକୁ ପ୍ରଶ୍ନବାଚକ କରିଛି । ବ୍ଲକର ୧୮ଟି ସରପଞ୍ଚ ମଧ୍ୟରୁ କେବଳ ୬ଜଣ ଉପସ୍ଥିତ ଥିଲେ ଓ କେତେକ ସଭ୍ୟଙ୍କ ସହିତ ସମୁଦାୟ ଉପସ୍ଥିତି ଅତ୍ୟନ୍ତ କମ୍ ଥିଲା । ଅନ୍ୟପଟେ, ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିବା ସତ୍ତ୍ୱେ ମତ୍ସ୍ୟ ଚାଷ ବିଭାଗ ଓ ପ୍ରାଣୀ ଚିକିତ୍ସା ବିଭାଗର ଅଧିକାରୀମାନଙ୍କ ଅନୁପସ୍ଥିତି ଲକ୍ଷ୍ୟ କରାଯାଇଥିଲା, ଯାହା ପ୍ରଶାସନିକ ସମନ୍ୱୟ ଉପରେ ପ୍ରଶ୍ନ ଉଠାଇଛି । ସମଗ୍ର ଘଟଣାକୁ ଦେଖି ସ୍ଥାନୀୟ ଲୋକମାନେ ମନରେଗା ସାମାଜିକ ସମୀକ୍ଷା ପ୍ରକ୍ରିୟାର ସଠିକ ରୂପାୟଣ ଓ ପାରଦର୍ଶିତା ନେଇ ସନ୍ଦେହ ପ୍ରକାଶ କରୁଛନ୍ତି । ଏହି ପରିସ୍ଥିତିରେ ଆଗାମୀଦିନରେ ଏପରି କାର୍ଯ୍ୟକ୍ରମରେ ସାଧାରଣ ଲୋକଙ୍କ ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ଦାବି ଉଠୁଛି ।

## ନୀଳମଣି ଦୁର୍ଗା ପୂଜା ଅନୁଷ୍ଠିତ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି କ୍ଲଥ ମାର୍ଚେଣ୍ଟ ସାହି ଠାରେ ମାଆ ଗ୍ରାମଦେବୀ ନୀଳମଣି ଦୁର୍ଗା ପୂଜା ଅନୁଷ୍ଠିତ ହେଉଅଛି ।ଏହି ପୂଜା ଚଳିତ ତିନି ତାରିଖ ଠାରୁ ଛଅ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହଉଛି । ଏହି ପୂଜା ପ୍ରତି ପାଞ୍ଚ ବର୍ଷ ରେ ହୁଏ କିନ୍ତୁ କୋରାନ ଯୋଗୁଁ ହୋଇ ପାରିନଥିଲା ଦଶ ବର୍ଷ ପରେ ପୂଜା ହୋଇଛି । ବହୁ ଆଡ ମ୍ବର୍ ରେ ପାଳନ ହଉଛି । ସହର ଆଲୋକ ସଜ୍ୟରେ ଝଲସି ଉଠୁଛି । ମାଙ୍କ ଘଟ ପରିକ୍ରମା କରାଯାଉଛି । ସହର ରେ ସନ୍ଧ୍ୟାବେଳେ ନାଚ ଗୀତ ବାଦ୍ୟ ବାଜଣ ରେ ମାଆଙ୍କୁ ପରିକ୍ରମା କରାଯାଉଛି । କମିଟି ର ସଭା ପତି କେ ଶ୍ରୀନିବାସ ରାଓ, ଜେ ପ୍ରସାନ୍ତ ଉପସଭା ପତି, ବି ସମ୍ପଦ କୁମାର ସମ୍ପାଦକ, ପରାମର୍ଶ ଭାବେ ବି ଏସ ରାଜୁ, କମିଟି ର ସଦସ୍ୟ ମାନେ ବି ସତୀଶ, ପି କିରନ୍, ଏମ ଶ୍ରୀନୁ ଏମ ସତୀଶ ପ୍ରମୁଖ ସଯୋଗରେ ଚାଲିଛି । ଏହି ପୂଜା ସମସ୍ତଙ୍କ ସହଯୋଗ ରେ ଅନୁଷ୍ଠିତ ହଉଛି ।

## କୋଚିଲାଡିହାରେ ବିଜେପିର ଜନ- ଆକ୍ରାଶ ମହିଳା ସମାବେଶ




ଉଦଳା, (ମହାଭାରତ) : ଉଦଳା ସଦର ମଣ୍ଡଳ ବିଜେପି ପକ୍ଷରୁ ଉଦଳା ବ୍ଲକ କୋଚିଲାଡିହକ୍ଷ ପଞ୍ଚାୟତ ରେ ଜନ ଆକ୍ରାଶ ମହିଳା ସମାବେଶ ଆୟୋଜିତ ହୋଇଯାଇଛି । ପାର୍ଲ୍ୟାମେଣ୍ଟ ରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ପାଇଁ ବିଜେପି ପକ୍ଷରୁ ବିଲ ଅଣାଯାଇଥିବା ବେଳେ ବିରୋଧୀ ଦଳ ପକ୍ଷରୁ ଘୋର ବିରୋଧ କରିବା ସହ ବିଲ କୁ ପ୍ରୋତ୍ୟାଖ୍ୟାନ କରିଥିଲେ । ଯାହାକି ସାରା ଭାରତ ବର୍ଷ ରେ ନାରୀ ମାନଙ୍କ ସନ୍ନମକ୍ଷନ ଏବଂ ଅଧିକାର ପାଇଁ ସରକାର ଏହି ବିଲ ଆଣିବା ସହ ନାରୀ ଶକ୍ତି କେମିତି ସମାଜ ର ମୁଖ୍ୟ ସ୍ରୋତ ରେ ସାମିଲ ହୋଇପାରିବେ ସେଥିନେଇ ପାର୍ଲ୍ୟାମେଣ୍ଟ ରେ ସତନ୍ତ ବିଲ ଆଣିଥିଲେ । ତେବେ ନାରୀ ଶକ୍ତି ର ଅଧିକାର ପାଇଁ ସାରା ଭାରତ ବର୍ଷ ରେ ବିଜେପି ପକ୍ଷରୁ ଜନ ଆକ୍ରାଶ ମହିଳା ସମାବେଶ ଚାଲୁ ରହିଛି । ମୟୁରଭଞ୍ଜ ଜିଲ୍ଲା ବିଜେପି ସଭାପତି ନିହାର ମୋଦି ଏବଂ ଉଦଳା ବିଧାୟକ ଭାସ୍କର ମଢେଇ ଙ୍କ ନିର୍ଦ୍ଦେଶ କ୍ରମେ ଆଜି ଉଦଳା ସଦର ମଣ୍ଡଳ ର ସଭାପତି ଭାଗିରଥି ସେଠି ଙ୍କ ଆହ୍ୱାନ କ୍ରମେ ସହ ସହ ମହିଳା ଯୋଗ ଦେଇ ଜନ ଆକ୍ରାଶ ମହିଳା ସମାବେଶ ରେ ବିରଧୀ ଙ୍କୁ ଜବାବ ମାଗିବା ସହ ଆଗାମୀ ଦିନରେ ନାରୀ ଶକ୍ତି କେମିତି ମୁଖ୍ୟ ସ୍ରୋତ ରେ ସାମିଲ ହୋଇପାଇବେ ସେଥିନେଇ ମଣ୍ଡଳ ର ନାରୀ ସଭାନେତ୍ରୀ ସୁଲମଣୀ ମଢେଇ ଆହ୍ୱାନ କରିଥିଲେ । ଡିମଗଡିଆ ଯାତ୍ରା ପଡିଆ ରୁ ଏକ ସଭାଯାତ୍ରା ବାହାରି ବିଭିନ୍ନ ୱାର୍ଡ ରେ ବୁଲିବା ସହ ନାରୀ ମାନଙ୍କୁ କେମିତି ନ୍ୟାୟ ମିଳିବା ସହ ୩୨% ସଂରକ୍ଷଣ କ୍ଷେତ୍ରରେ କେମିତି ସାମିଲ କରାଯାଇପାରିବ ସେଥିନେଇ ରାସ୍ତା ରେ ଗର୍ଜି ଥିଲେ । ଆଜିର କାର୍ଯ୍ୟକ୍ରମ ରେ ମୟୁରଭଞ୍ଜ ଲୋକସଭା ସାଂସଦଙ୍କ ପ୍ରତିନିଧି ଜିତେନ୍ ଦତ୍ତ, ମୟୁରଭଞ୍ଜ ଜିଲ୍ଲା ବିକେପି ସମ୍ପାଦକ ହରି ପ୍ରସାଦ ଭଞ୍ଜବାବୁ ପଞ୍ଚାୟତ ପ୍ରଭାରୀ ରାକେଶ କୁମାର ପୁହାଣ ଯୋଗ ଦେଇଥିବା ବେଳେ ସଦର ମଣ୍ଡଳ ର ଯୁବ ନେତା ପୀତବାସ ସେଠି, ଗୁଣମାଣୀ ଖଣ୍ଡେଇ, ହିମାଂଶୁ ବେହେରା, ପୋରେଶ ବେହେରା, ଦୀପକ ମିଶ୍ର ପ୍ରମୁଖ ଯୋଗ ଦେଇଥିବା ବେଳେ ସମସ୍ତ ସଦର ମଣ୍ଡଳି ର ବିଭିନ୍ନ ୱାର୍ଡ ରୁ ମହିଳା କର୍ମୀ ଆସି ଏହି ଜନ ଆକ୍ରାସ ସମାବେଶ ରେ ଯୋଗ ଦେଇଥିଲେ ।

## ବିନା ସୂଚନା ଫଳକରେ ଚାଲିଛି ଚେକ୍ ଡ୍ୟାମ କାମ

କେନ୍ଦୁଝର, (ମହାଭାରତ): କେନ୍ଦୁଝର ବନଖଣ୍ଡ ଚମ୍ପୁଆ ରେଞ୍ଜ ବାମେବାରୀ ସେକ୍ସନ ଦୁବୁନା ବିଟ୍ ଅନ୍ତର୍ଗତ କାଇଯୋଡା ଗ୍ରାମ ପୁଟୁଘର ନାଳ ଉପରେ ଏକ ଚେକ୍ ଡ୍ୟାମ ନିର୍ମାଣ ଚାଲିଛି । ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଓମ୍ବାଡସି ଅନୁଦାନରେ ଏହି କାମ ଚାଲିଛି । ନିର୍ମାଣ ସ୍ଥାନରେ କୌଣସି ସୂଚନା ଫଳକ ନଥିବାବେଳେ ନିମ୍ନମାନର କାମ ହେଉଥିବା ନେଇ ସ୍ଥାନୀୟ ନଈବୁଗା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବନ ବିଭାଗ ଏବଂ ଓମ୍ବାଡସିର କୌଣସି ଅଧିକାରୀ କାମ ହେଉଥିବା ସ୍ଥାନ ପରିଦର୍ଶନ କରୁନଥିବାରୁ ଠିକାଦାର ନିଜ ଇଚ୍ଛାରେ କାମ କରୁଛନ୍ତି । ଚୋରା ଚିପ୍ସ ଏବଂ ମାଟି ମିଶା ବାଲିରେ ଚେକ୍ ଡ୍ୟାମ କାମ କରାଯାଉଛି । ଫଳରେ ଚେକ୍ ଡ୍ୟାମର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ଦୁବୁନା ବିଟ୍ ବନରକ୍ଷୀ ସୁବ୍ରତ ପାତ୍ରଙ୍କୁ ପଚାରିବାରୁ ମାଟି ମିଶା ବାଲିରେ କାମ ନ କରିବା ପାଇଁ ଠିକାଦାରଙ୍କୁ ତାଗିଦ୍ କରାଯାଇଛି । କେନ୍ଦୁଝର ବନଖଣ୍ଡ କାର୍ଯ୍ୟାଳୟର ୨ଜଣ ଅଧିକାରୀ ବିଜୟ କୁମାର ମହାନ୍ତ ଏବଂ ସୁଶାନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ଷେତ୍ର ପରିଦର୍ଶନ କରି କାମର ମାନ ଯାଂଚ କରିବେ ବୋଲି କହିଛନ୍ତି । କେନ୍ଦୁଝର ବନଖଣ୍ଡରେ ୨୦୨୫-୨୬ ଆର୍ଥିକ ବର୍ଷରେ ଅନେକ ପ୍ରକଳ୍ପ ପାଇଁ ଓମ୍ବାଡସି ଅନୁଦାନ ପ୍ରଦାନ କରାଯାଇଛି । ଅନେକ ପ୍ରକଳ୍ପ ତଦାରଖ ଅଭାବରୁ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଆସୁଛି । ଓମ୍ବାଡସିର ଟେକନିକାଲ ଟିମ ଦ୍ୱାରା ସମସ୍ତ କାମର ମାନ ଯାଂଚ କରିବାକୁ ଦାବୀ ହୋଇଛି ।

## ଏନଆରଏଲ ସୁରକ୍ଷା କର୍ମୀଙ୍କ ଦାଦାଗିରି, ମଇଁଷି ଚରାଇବାକୁ ଛାଡିଲେନି, ମଇଁଷି ସହିତ ମଇଁଷିଆଳଙ୍କୁ ମାଡ଼ ମରିଥିବା ଅଭିଯୋଗ ନେଇ ଉତ୍ତେଜନା



ପାରାଦୀପ, (ମହାଭାରତ) : ପାରାଦୀପ ଷଣ୍ଢକୁଦ ଏନଆରଏଲ ଫାଟକ ନିକଟରେ ଉତ୍ତେଜନା, ସିକ୍ୟୁରିଟି ଗାର୍ଡ ଓ ସ୍ଥାନୀୟ ଗୋପାଳକଙ୍କ ମଧ୍ୟରେ ଯୁକ୍ତିତର୍କ, ଉତ୍ତେଜନା, ମଇଁଷି ଚରିବାକୁ ଯାଉଥିବା ସମୟରେ ମଇଁଷିକୁ ବାଟ ଛାଡିଲେନି ଏନଆରଏଲ କମ୍ପାନୀର ସିକ୍ୟୁରିଟି ଗାର୍ଡ, ଓଲଟା ମଇଁଷିଙ୍କୁ ମାଡ଼ ମରି ଯଖମ କରିଲେ, ତାଙ୍କୁ ବିରୋଧ କରିବାରୁ ଦୁଇଜଣ ଗୋପାଳକଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ନେଇ ଉତ୍ତେଜନା ଲାଗି ରହିଥିବା ବେଳେ ରାଧାକୃଷ୍ଣ ଗୋରସ ସମିତିର ସଭାପତି ଗଦାଧର ଦାସ, ନିତ୍ୟାନନ୍ଦ ବେହେରା, ପାରିଷଦ ନବ କୁମାର ବେହେରା, ବିଧାନ ସାମନ୍ତ ପ୍ରମୁଖ ପହଞ୍ଚି ଆଲୋଚନା କରିବା ପରେ ଉତ୍ତେଜନା ଶାନ୍ତ ପଡିଥିଲା । ସୂଚନା ଅନୁଯାଇ ଷଣ୍ଢକୁଦ ବସ୍ତି ନିକଟରେ ନିର୍ମାଣ ହୋଇଛି ଏନଆରଏଲ କମ୍ପାନୀର ଅଶୋଧିତ ତୈଳ ଭଣ୍ଡାର । ନିର୍ମାଣ କାର୍ଯ୍ୟ ଆରମ୍ଭ ସମୟରେ ସ୍ଥାନୀୟ ଲୋକଙ୍କ ସମସ୍ତ ସମସ୍ୟା ସମାଧାନ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ପାଣି ନିଷ୍କାସନ କରିବା ପାଇଁ ପ୍ରତିଶୃତି ଦେଇଥିଲେ ମଧ ତାହା ପାଳନ କରିନାହିଁ କମ୍ପାନୀ, ଆଲୋଚନା ମାଧ୍ୟମରେ ଏନଆରଏଲ ଅଧିକାରୀ ସ୍ଥାନୀୟ ଜନପ୍ରତିନିଧିମାନଙ୍କୁ ଦେଇଥିବା ପ୍ରତିଶୃତି କିଛି ବି ପାଳନ କରି ନ ଥିବା ସ୍ଥାନୀୟ ଲୋକ ଅଭିଯୋଗ ଆଣିଥିବା ବେଳେ ସ୍ଥାନୀୟ ଲୋକଙ୍କ ଗାଇ, ମଇଁଷି ଚରିବା ପାଇଁ କମ୍ପାନୀ ପାର୍ଶ୍ୱରେ ଏକ ରାସ୍ତା ଦେଇ ଯାଇଥାନ୍ତି । ଆଜି ସକାଳୁ ମଇଁଷି ଗୋଚର ଜମିକୁ ଚରିବାକୁ ଯାଉଥିବା ସମୟରେ ହଠାତ କମ୍ପାନୀର ସିକ୍ୟୁରିଟି ମାନେ ଲାଠି ଧରି ଆସି ମଇଁଷି ଗୁଡିକୁ ବାଡେଇବା ସହିତ ରାସ୍ତା ଛାଡି ନ ଥିଲେ । ଯାହାକୁ ନେଇ ପ୍ରତିବାଦ କରିଥିଲେ ମଇଁଷି ନେଇ ଯାଉଥିବା ଗୋପାଳକ । ଯାହା ଫଳରେ କିଛି ସମୟ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିବା ବେଳେ ହଠାତ ସିକ୍ୟୁରିଟି ମାନେ ଦୁଇଜଣ ଗୋପାଳକ ଙ୍କୁ ୨ ପାହାର ପକାଇଥିଲେ । ଯାହାକୁ ନେଇ ଉତ୍ତେଜନା ଲାଗି ରହିଥିବା ବେଳେ କମ୍ପାନୀ ସିକ୍ୟୁରିଟି ଓଲଟା ମାଡ଼ମାରି ଭିଡିଓ କରୁଥିବା ସମୟରେ ରାଧାକୃଷ୍ଣ ଗୋରସ ସମିତି ର ସଭାପତି ଗଦାଧର ଦାସ, ନିତ୍ୟାନନ୍ଦ ବେହେରା ପ୍ରମୁଖ ପହଞ୍ଚି ସିକ୍ୟୁରିଟି ମାନଙ୍କୁ ପଚାରିବାରୁ ଆମ ଅଫିସର ମନା କରିଛନ୍ତି, ମଇଁଷି ଛଡ଼ାଯିବ ନାହିଁ, ଯାହାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ଲାଗି ରହିଥିବା ବେଳେ ୧୯ ନମ୍ବର ପାରିଷଦ ନବକୁମାର ବେହେରା ପହଞ୍ଚିବା ପରେ ଉଭୟଙ୍କ ମଧ୍ୟରେ ଆଲୋଚନା ପରେ ମଇଁଷି ଛାଡ଼ିଥିଲେ । ଯାହା ଫଳରେ ପରିସ୍ଥିତି ଶାନ୍ତ ପଡିଥିଲା । ଗୋଚର ଜମିକୁ ଗାଇ, ମଇଁଷି ଚରିବାକୁ ଯିବାବେଳେ କମ୍ପାନୀ ସିକ୍ୟୁରିଟି ଅଟକାଇବାକୁ କିଏ ବୋଲି ପ୍ରଶ୍ନ କରିବାରୁ ଆମର ଗଛ ଲାଗିଛି ତାକୁ ଗାଇ ମଇଁଷି ଖାଇଯାଉଛନ୍ତି ସେଥିପାଇଁ ଆଉ ମଇଁଷି ନ ଛାଡିବାକୁ କମ୍ପାନୀ ଅଧିକାରୀ କହିଛନ୍ତି ବୋଲି ସିକ୍ୟୁରିଟି କହିଥିଲେ । ଘଟଣା କୁ ନେଇ ଏନଆରଏଲ ର ଉପରିସ୍ଥ ଅଧିକାରୀ ଓ ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରାଯିବା ନେଇ କହିଥିଲେ ପାରିଷଦ ନବକୁମାର ବେହେରା ।

# ସାମାଜିକ ଗଣମାଧ୍ୟମରେ ଅପମାନଜନକ ଓ ଅଶାଳୀନ ପୋଷ୍ଟ : ଏସ୍‌ପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କଲେ ସାମ୍ବାଦିକ



ନୟାଗଡ଼, (ମହାଭାରତ) : ସୋସିଆଲ ମିଡିଆକୁ ଅସ୍ତ୍ର କରି ବହୁ ପ୍ରଭାବଶାଳୀ ଲୋକଙ୍କୁ ଟାର୍ଗେଟ କରାଯାଉଛି । ସମାଜରେ ଘଟୁଥିବା ଘଟଣା ଓ ଦୁର୍ଘଟଣାକୁ ଭିନ୍ନ ମୋଡ଼ ଦେବାକୁ ପ୍ରୟାସ କରାଯାଉଛି । ନୟାଗଡ଼ ଜିଲ୍ଲାର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ରାଜ୍ୟ ବାହାରେ ରହି ଏଭଳି ଅପରାଧିକ କାର୍ଯ୍ୟକଳାପ ଚଳାଇ ଆସୁଛନ୍ତି । ଏହି ବ୍ୟକ୍ତି ମାନେ ଏକ ର୍ୟାକେଟ ଗଠନ କରି ବିଭିନ୍ନ ରାଜନୈତିକ ବ୍ୟକ୍ତିତ୍ୱ, ଆଇନଜୀବୀ, ସାମ୍ବାଦିକ ତଥା ପ୍ରଭାବଶାଳୀ ବ୍ୟକ୍ତିଙ୍କ ନାମରେ ଅଶାଳୀନ ଭାବେ ପୋଷ୍ଟ କରୁଥିଲେ । ଏହି ର୍ୟାକେଟ ରେ ଆହୁରି କିଛି ଲୋକ ପ୍ରଚ୍ଛଦ ପଟରେ ରହିଛନ୍ତି । ଗତକିଛି ଦିନ ହେବ ଏହି ଗୋଷ୍ଠି ନୟାଗଡ଼ ଜିଲ୍ଲାର ପ୍ରମୂଖ ସାମ୍ବାଦିକ ଙ୍କୁ ବ୍ୟକ୍ତିଗତ ଭାବେ ଏବଂ ସଂଘ ନାମରେ ଅନେକ ଅପମାନଜନକ ପୋଷ୍ଟ କରି ଆସୁଛନ୍ତି । ଏହାକୁ ନେଇ ଆଜି ନୟାଗଡ଼ ସାମ୍ବାଦିକ ଭବନର ସଦସ୍ୟ ମାନେ ନୟାଗଡ଼ ଏସ୍‌ପି ଏସ୍ ସୁଶ୍ରୀ ଙ୍କୁ ଭେଟି ଏହାରି ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ମୁଖ୍ୟ କାର୍ପଟଦାର ଭାବେ ସାମ୍ବାଦିକଙ୍କୁ ଟାର୍ଗେଟ କରୁଥିବା ନୟାଗଡ଼ ଜିଲ୍ଲା ରାଜବଗିଚା ନିବାସୀ ଦାମୋଦର ସାହୁଙ୍କ ପୁଅ ଜିତେନ୍ଦ୍ର କୁମାର ସାହୁ ଏବଂ ଓଡ଼ଗାଁ ଥାନା ଦଣ୍ଡୋର ଗ୍ରାମର ସୁବାଷ ବିଷୋଇଙ୍କ ପୁଅ ଶାନ୍ତନୁ ବିଷୋଇଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି । ନୟାଗଡ଼ ସାମ୍ବାଦିକ ଭବନରେ ଗତକାଲି ରାତିରେ ଏକ ବୈଠକ ବସି ନିଷ୍ପତ୍ତି ନିଆଯିବା ପରେ ଆଜି ଭବନ ପରିସରରୁ ଉପଦେଷ୍ଟା ଶ୍ରୀକାନ୍ତ କୁମାର ଖଟେଇ, ସଭାପତି ବୈଦ୍ୟଭୂଷଣ ମହାପାତ୍ର, ସମ୍ପାଦକ ଅନୀଲ କୁମାର ପଣ୍ଡା, ଉପସଭାପତି ପ୍ରଶାନ୍ତ କୁମାର ଜେନାଙ୍କ ନେତୃତ୍ୱରେ ବହୁ ସାମ୍ବାଦିକ ନୟାଗଡ଼ ଏସ୍‌ପିଙ୍କୁ ସାକ୍ଷାତ କରିଥିଲେ । ସାର୍ବଜନୀନ କ୍ଷେତ୍ରରେ ପ୍ରତିଷ୍ଠିତ ସାମ୍ବାଦିକଙ୍କ ବିରୁଦ୍ଧରେ ଘୃଣା ଏବଂ ଅବିଶ୍ୱାସ ସୃଷ୍ଟି କରିବା, ଭୟଭୀତ କରିବା ଏବଂ ଧମକ ଦେବା,ପରିବାର ସଦସ୍ୟଙ୍କ ବିରୁଦ୍ଧରେ ମାନହାନିକାରକ ମନ୍ତବ୍ୟ ସହିତ ବ୍ୟକ୍ତିଗତ ଆକ୍ରମଣ କରିବା ଏବଂ ବ୍ଲାକମେଲ୍ କରି ମାସିକ ଚାନ୍ଦା ଆଦାୟ କରିବାକୁ ଚେଷ୍ଟା କରିବା ଅଭିଯୋଗ ହୋଇଛି । ଏନେଇ ଦାବିପତ୍ର ପ୍ରଦାନ କରାଯାଇଛି । ଅଭିଯୁକ୍ତଙ୍କ ବିରୁଦ୍ଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ, ସେମାନଙ୍କୁ ଗିରଫ କରିବା ପାଇଁ ପଦକ୍ଷେପ, ସେମାନଙ୍କ କାର୍ଯ୍ୟ କଳାପ ର ପୁଙ୍ଖାନୁପୁଙ୍ଖ ତଦନ୍ତ, ଆଇନ ଅନୁଯାୟୀ ସମ୍ପୃକ୍ତ ଫେସବୁକ୍ ଆକାଉଣ୍ଟ ଗୁଡ଼ିକୁ ନିଷିଦ୍ଧ କରିବା ପାଇଁ ଦାବି କରାଯାଇଛି । ତା ସହିତ ଅନେକ ପ୍ରମାଣ ମଧ୍ୟ ଏସ୍‌ପିଙ୍କୁ ଦିଆଯାଇଛି । ଏଠାରେ ପ୍ରକାଶ ଯୋଗ୍ୟ, କିଛିଦିନ ହେବ ଏହି ଗୋଷ୍ଠୀ ଦୈନିକ 'ସକାଳ' ଖବରକାଗଜ ଜିଲ୍ଲା ପ୍ରତିନିଧି ଅନୀଲ କୁମାର ପଣ୍ଡାଙ୍କୁ ଟାର୍ଗେଟ କରି ତାଙ୍କ ନାମରେ ସୋସିଆଲ ମିଡିଆରେ ଅପମାନ ଜନକ ତଥା ଅଶାଳୀନ ଶବ୍ଦ ବ୍ୟବହାର କରି ପୋଷ୍ଟ କରୁଥିଲେ । ଏପରିକି ତାଙ୍କ ପରିବାରକୁ ଅପମାନ କରି ପୋଷ୍ଟ କରୁଥିଲେ । ଅଶାଳୀନ ପୋଷ୍ଟ ଭାଇରାଲ କରିବା ଘଟଣାକୁ ନେଇ ଅନୀଲ କୁମାର ପଣ୍ଡାଙ୍କ ଅଭିଯୋଗ ଆଧାରରେ ଟାଉନ ଥାନାରେ ୧୩୦/୨୬ରେ ଉଭୟଙ୍କ ନାମରେ ମାମଲା ରୁଜୁ ହୋଇଛି । ଏହି ମାମଲା ରୁଜୁ ହେବା ପରେ ଦୁଇ ବ୍ୟକ୍ତି ସାମ୍ବାଦିକ ସଂଘ ଏବଂ ଏହାର କାର୍ଯ୍ୟକର୍ତ୍ତା ଙ୍କ ନାମରେ ପୋଷ୍ଟ କରିବା ଏବଂ ଭିଡିଓ ଜାରି କରିବା ଘଟଣା ସାମ୍ନାକୁ ଆସିଛି । ଏସପି ଙ୍କୁ ଦାବିପତ୍ର ପ୍ରଦାନ ବେଳେ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ, ହୁସେନ୍ ଖାନ, ରଜତ ପଟ୍ଟନାୟକ, ନବକିଶୋର ମିଶ୍ର, ଚିତ୍ତରଞ୍ଜନ ପାଶା, ଅଶୋକ କୁମାର ସାଥୁଆ, ଧିରେନ୍ଦ୍ର ପଟ୍ଟନାୟକ, ମହେଶ ମିଶ୍ର, ବିଶ୍ୱଜିତ ନାୟକ, କ୍ଷୀରୋଦ ପଟ୍ଟନାୟକ, ଦୀନମଣୀ ମହାନ୍ତି, ଜନ୍ମେଜୟ ମହାନ୍ତି, ଗୌରୀଶଙ୍କର ଦାଶ, ବିଭୂତି ଭୂଷଣ ସ୍ୱାଇଁ, ମାନସ କୁମାର ସାହୁ, ବିଶ୍ୱଭୂଷଣ ମହାପାତ୍ର, ନିହାର ରଞ୍ଜନ ପଟ୍ଟନାୟକ, ପ୍ରଭାତ ମହାପାତ୍ର, ସନ୍ତୋଷ କୁମାର ନାୟକ, ସ୍ୱରୂପ ପଟ୍ଟନାୟକ, ଅମିତ ପଟ୍ଟନାୟକ, ଭାଷ୍କର ଚନ୍ଦ୍ର ସ୍ୱାଇଁ, ଶୁଭେନ୍ଦୁ କୁମାର ଦାସ , ସନ୍ତୋଷ କୁମାର ଷଡ଼ଙ୍ଗୀ, ଜୟନ୍ତ ମିଶ୍ର , କୈଳାଶ ଚନ୍ଦ୍ର ସିଅ, ଭବାନୀ ଶଙ୍କର ଦାଶ, ଯଯାତୀ କେଶରୀ ମହାପାତ୍ର, ବିଶ୍ୱନାଥ ବେହେରା, ପ୍ରଦୀପ୍ତ ପାତ୍ର ଙ୍କ ସମେତ ବହୁ ସାମ୍ବାଦିକ ଉପସ୍ଥିତ ରହିଥିଲେ ।

# ଅଞ୍ଚଳ କଥା
ଆପଣା ମାଟିର କଥା ଓ ବ୍ୟଥା




## ଅବସରପ୍ରାପ୍ତ ଶିକ୍ଷକଙ୍କୁ ୨ ବର୍ଷ ଜେଲ୍

ବିଷମକଟକ, (ମହାଭାରତ) : ଜୟପୁର ବିଶେଷ ଭିଜିଲାନ୍ସ ଅଦାଲତ ଆଜି ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦୁଇ ବର୍ଷର ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ଦୁକୁମ୍ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଉମା ରାଜେନ୍ଦ୍ର ପାତ୍ରଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ, ୧୯୮୮ର ଧାରା ୧୩(୨) ଏବଂ ୧୩(୧)(ଇ) ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କୋର୍ଟ ଶ୍ରୀ ପାତ୍ରଙ୍କୁ ଜେଲ ଦଣ୍ଡ ସହିତ ୫୦,୦୦୦ ଟଙ୍କା ଜରିମାନା ମଧ୍ୟ କରିଛନ୍ତି। ନିଜର ଆୟର ଉତ୍ସଠାରୁ ଅଧିକ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ବିଭାଗ ତାଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା। ଏହି ଦଣ୍ଡାଦେଶ ପରେ ତାଙ୍କର ପେନସନ ବନ୍ଦ କରିବା ପାଇଁ ଭିଜିଲାନ୍ସ ବିଭାଗ ପକ୍ଷରୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ଜଣାପଡ଼ିଛି।

## ଶ୍ରୀ ମେଟାଲିକ୍ସରେ ଦୁର୍ଘଟଣା, ତିନି ଶ୍ରମିକ ମୃତ

ଅନୁଗୋଳ, (ମହାଭାରତ): ଅନୁଗୋଳ ଜିଲ୍ଲାର ନିଶା ଥାନା ଅନ୍ତର୍ଗତ ଶ୍ରୀ ମେଟାଲିକ୍ସ ସଞ୍ଜ ଆଇରନ ପ୍ଲାଣ୍ଟରେ ଘଟିଥିବା ଏହି ଦୁର୍ଘଟଣା ଅତ୍ୟନ୍ତ ଦୁଃଖଦ ଓ ଚିନ୍ତାଜନକ। କିଲନ୍‌ରେ ମେଣ୍ଟେନାନ୍ସ କାମ ସମୟରେ ଗ୍ୟାସ ଲିକ୍ ହେବାରୁ ୩ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତକମାନେ ହେଉଛନ୍ତି ସୁନ୍ଦରଗଡ଼ ଜିଲ୍ଲାର ଶ୍ରୀଧର ବୋଗେନ (୩୭), ମଣ୍ଟୁ କୁମାର (୩୨) ଓ ରାଜଗାଙ୍ଗପୁର ସୁନାଖଣି ଅଞ୍ଚଳର ମଙ୍ଗଳ ମାଝି (୪୦) ବୋଲି ଜଣାପଡ଼ିଛି।ଏହି ଘଟଣା ପରେ ଅନେକ ପ୍ରଶ୍ନ ଉଠୁଛି। ବିଶେଷକରି ଦୁର୍ଘଟଣା ପରେ ଶ୍ରମିକମାନଙ୍କୁ ସିଧାସଳଖ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନ ନେଇ ଜିନ୍ଦଲ ଉଦଯାଖ ଚିକିତ୍ସାଳୟକୁ କାହିଁକି ନିଆଯାଇଥିଲା, ସେଥି ପ୍ରଶ୍ନ ଲୋକମାନଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। ଯଦି ଗ୍ୟାସ ଲିକ୍ ଭଳି ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଆବଶ୍ୟକ ସୁବିଧା ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନଥାଏ, ତେବେ ଏହା ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଏ।ତାସହିତ, କିଛି ଦିନ ପୂର୍ବରୁ ମଧ୍ୟ ଏଭଳି ଏକ ଶିଳ୍ପ ଦୁର୍ଘଟଣା ଘଟିଥିଲା ଓ ସେଥିରେ ମଧ୍ୟ ଆହତଙ୍କୁ ଜିନ୍ଦଲ ଉଦଯାଖ ଚିକିତ୍ସାଳୟକୁ ନେଇଯାଇଥିବା ସତ୍ତ୍ୱେ ଜୀବନ ବଞ୍ଚି ପାରିନଥିବା ଘଟଣା ଲୋକମାନଙ୍କ ଚିନ୍ତାକୁ ଆହୁରି ବଢ଼ାଇଛି। ପୁନଃପୁନି ଏପରି ଘଟଣା ଘଟିବା ଶିଳ୍ପ ସୁରକ୍ଷା ବ୍ୟବସ୍ଥା, କମ୍ପାନୀର ସତର୍କତା ଓ ଜରୁରୀକାଳୀନ ଚିକିତ୍ସା ପ୍ରଣାଳୀକୁ ନେଇ ସନ୍ଦେହ ସୃଷ୍ଟି କରୁଛି।ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେବା ସହିତ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଓ ଶିଳ୍ପ କ୍ଷେତ୍ରରେ ସୁରକ୍ଷା ମାନଦଣ୍ଡ କଠୋର ଭାବେ ପାଳନ ହେବାକୁ ସାଧାରଣ ଲୋକ ଦାବି କରୁଛନ୍ତି।

## ବାଲ୍ୟ ବିବାହ ବନ୍ଦ କରିଲା ପୋଲିସ

କପ୍ତିପଦା, (ମହାଭାରତ) : ସାଜସଜ୍ଜା ସରିଥିଲା, ବାହାଘର ପାଇଁ ବର ଆସି ଗାଁ ମୁଣ୍ଡରେ ପହଞ୍ଚିଯାଇଥିଲେ। ହେଲେ ଖବର ପାଇ ଗାଁ ରେ ପହଂଚି ବାହାଘର ବନ୍ଦ କରିବା ସହିତ କନ୍ୟା କୁ ଥାନାକୁ ଆଣିଛି। କାରଣ କନ୍ୟା ଜଣଙ୍କ ନାବାଳିକା। ଉଦଳା ଥାନା ଡାଙ୍ଗରଦୁଆ ଗ୍ରାମରେ ଚାଲିଥିବା ବାଲ୍ୟ ବିବାହ କୁ ଅଟକାଇଛି ପୋଲିସ। ଗ୍ରାମରେ ଜଣେ ନାବାଳିକାଙ୍କ ବାଲ୍ୟ ବିବାହ ହେଉଥିବା ଖବର ପାଇବା ପରେ ସମନ୍ୱିତ ମହିଳା ଓ ଶିଶୁ ବିକାଶ ବିଭାଗର ସୁପରଭାଇଜର ଉଦଳା ପୋଲିସ ସହାୟତାରେ ଚଢ଼ାଉ କରିଥିଲା। ଚଢ଼ାଉ କରି ନାବାଳିକାର ସମସ୍ତ ଦସ୍ତାବିଜ ଯାଞ୍ଚ କରିଥିଲା। ଦସ୍ତାବିଜ ଯାଞ୍ଚ କରିବା ପରେ ନାବାଳିକା ର ବୟସ ୧୭ ବର୍ଷ ହୋଇଥିବା ଜାଣିବାକୁ ପାଇଥିଲେ। ଯାହା ପରେ ପୋଲିସ ଉକ୍ତ ନାବାଳିକା କୁ ସାଙ୍ଗରେ ନେଇ ଥାନାକୁ ଆଣିଥିବା ବେଳେ ବାହାଘର ବନ୍ଦ କରାଯାଇଛି।

## ତମାଖୁ ଓ ପଲିଥିନ ବିକ୍ରି ନିଷେଧ କାଗଜ କଲମରେ ସୀମିତ

ଗଜପତି, (ମହାଭାରତ) : ଆଧୁନିକ ପରିଭାଷାରେ ମନୁଷ୍ୟ ଭୁଲି ବାକୁବସିଲାଣି ପରିବେସର ସୁରକ୍ଷା ତା ଭିତରେ ମନୁଷ୍ୟ ଭୁଲି ଯାଉଛି ନିଜର ସୁରକ୍ଷା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ତମାଖୁ ବିକ୍ରି କରିବା ନିଷେଧ କିନ୍ତୁ କର୍ଯ୍ୟାନୁଷ୍ଠାନ ନ ହୋଇ ପାରିଥିବାରୁ ଅବାଧରେ ବିକ୍ରି ଚାଲିଛି ଗଜପତି ଜିଲ୍ଲାରେ ଗାଁ। ଠାରୁ ସହର ସ୍କୁଲ କଲେଜ ସରକାରୀ ଅଫିସ ସମୁଖରେ ବିକ୍ରୀ ହେଉଥିବା ଦେଖିବାକୁ ମିଳୁଛି ।ଏଥି ପ୍ରତି ସ୍ୱାସ୍ଥ୍ୟ ବିଭାଗ ହେଉ କିମ୍ବା ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଉ ନାହାନ୍ତି ଯାହା ଫଳରେ ଜିଲ୍ଲା ରେ ଅବାଧ ତମାଖୁ ବିକ୍ରି ବଟ। ଚାଲିଛି । ସେହି ଭଳି ପଲିଥିନ ଦ୍ୱାର। ପରିବେଶ ପ୍ରଦୂଷଣ ହଉଛି ଜିଲ୍ଲାରେ ବହୁଳ ମାତ୍ରାରେ ବ୍ୟବହାର ହେଉଛି। ଚ। ଦୋକାନ ଠାରୁ ଆରମ୍ଭ କରି ହୋଟେଲ ବଜା।ର ସବୁ ଜାଗାରେ ବହୁଳ ବ୍ୟବହାର ହେଉଛି। ଜରିରେ ଲାଗି ଥିବା ଖାଦ୍ୟ ପେଟକୁ ଗଲେ ଗୋରୁ ଗାଈ ବିଭିନ୍ନ ରୋଗରେ ଆକ୍ରାନ୍ତ ହୁଅନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଗୁରୁତ୍ୟ ଦେଲେ ପରିବେସ ପ୍ରଦୂଷଣ ରୋକା ଯାଇ ପାରିବ।

## କଙ୍ଗାରୁ କୋର୍ଟକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ

ନୟାଗଡ, (ମହାଭାରତ) : ନୟାଗଡରେ କଙ୍ଗାରୁ କୋର୍ଟକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ। ଗାଁ ସଭାପତିଙ୍କ କଥା ନ ମାନିବା ରୁ ଗୋଟିଏ ପରିବାର ଉପରେ ଗାଁ ଲୋକଙ୍କ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ପୋଲିସ ଉପସ୍ଥିତି ଏହି ଗୋଷ୍ଠୀ ସଂଘର୍ଷ ହୋଇଛି। ଏଥିରେ ଗୋଟିଏ ପରିବାରର ପାଞ୍ଚ ଜଣ ଆହାତ ହୋଇଛନ୍ତି। ଗାଁ ଲୋକ ମାନେ ଘର ଭାଙ୍ଗି ଆସବାପତ୍ର ଲୁଟ କରିଥିବା ଅଭିଯୋଗ ହୋଇଛି। ଗାଁ ଲୋକଙ୍କ ଆକ୍ରମଣରେ ଗୁରୁତର ଆହତ ହୋଇଥିବା ବାବୁଲା ନାୟକଙ୍କ ପରିବାର ଲୋକଙ୍କୁ ନୟାଗଡ ମୁଖ୍ୟ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗାଁ ଠାକୁର ଙ୍କ ଚାରି ଡ଼ିସିମିଲି ଜାଗା ବାଡ଼ି ବିବାଦକୁ କେନ୍ଦ୍ର କରି ବାବୁଲା ନାୟକଙ୍କ ପରିବାର ଉପରେ ଗ୍ରାମବାସୀ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ବାବୁଲାଙ୍କ ପରିବାର ଲୋକ ଯେଉଁ ଜାଗାରେ ଘର ନିର୍ମାଣ କରୁଛନ୍ତି ତାହା ଗାଁ ଠାକୁରଙ୍କ ଜମି। କିନ୍ତୁ ଏହାକୁ ବାବୁଲା ଙ୍କ ପରିବାର ବହୁ ବର୍ଷ ହେଲା ଦଖଲ ରହିଛନ୍ତି। ଗାଁ ଲୋକେ ଏହାକୁ ଉଚ୍ଛେଦ ପାଇଁ ଉଦ୍ୟମ କରିବା ରୁ ବିବାଦ ଦେଖା ଦେଇଛି। ପୂର୍ବରୁ ଗାଁ ଠାକୁରଙ୍କ ଜାଗା ବିବାଦକୁ ନେଇ ଗ୍ରାମ ବାସୀଙ୍କ ଦ୍ୱାରା ଏକ ଘରିଆ ଥିଲେ ବାବୁଲା ଙ୍କ ପରିବାର। ଗାଁ ର ଗ୍ରାମବାସୀ ମାନେ ଯିଏ ବାବୁଲା ଙ୍କ ପରିବାର ଲୋକ ଙ୍କ ସହ କଥା ହେବ ତ ଗାଁ କୁ ଦେବେ ପାଞ୍ଚ ହଜାର ଟଙ୍କା ର ଜୋରିମାନା। ଏଭଳି ଘଟଣା ଘଟିଛି ଶରଣକୂଳ ଥାନା ଅଧିନ ଭାଲିଆଡିହ ପଞ୍ଚାୟତ ର ଜାମୁସାହି ଗାଁରେ। ଗତକାଲି ଗାଁରେ ସାମାଜିକ ନାଟକ ଚାଲିଥିବା ବେଳେ ବିଦ୍ୟୁତ ସର୍ଟ ସର୍କିଟ ହୋଇଥିଲା। ଏହାକୁ ବାବୁଲା ଙ୍କ ପରିବାର ଲୋକ ବିରୋଧ କରିଥିଲେ। ଏହାକୁ ନେଇ ମୁହାଁମୁହିଁ ହୋଇଥିଲେ ଗ୍ରାମ ବାସୀ ଏବଂ ବାବୁଲା ଙ୍କ ପରିବାର ଲୋକ। ଗତକାଲି ଏହି ରାଗ ରଖି ଆଜି ପୂର୍ବ ବିବାଦକୁ କେନ୍ଦ୍ର କରି ବାବୁଲା ଙ୍କ ପରିବାର ଉପରେ ଗାଁ ଲୋକେ ଆକ୍ରମଣ କରିବା ସହ ତାଙ୍କ ଘର ଭାଙ୍ଗି ଦେଇଥିବା ସେ ଅଭିଯୋଗ କରିଛନ୍ତି। ପୋଲିସ ଉପସ୍ଥିତି ବାବୁଲା ଙ୍କ ଘର ଭାଙ୍ଗିବା ସହ ତାଙ୍କ ପରିବାର ଉପରେ ଗାଁ ଲୋକେ ଆକ୍ରମଣ କରିଥିବା ସେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିବାରୁ ଗାଁରେ ପୋଲିସ ଫୋର୍ସ ମୃତୟନ କରାଯାଇଛି। ଏହି ଘଟଣାରେ ଶରଣକୂଳ ଥାନା ପୋଲିସ ୯ ଜଣ ଗ୍ରାମ ବାସୀ ଙ୍କୁ ଥାନାରେ ଅଟକ ରଖିଥିବା ସୂଚନା ମିଳିଛି।

## ମାଲକାନଗିରିରେ ବିକାଶର ନୂଆ ଫର୍ଦ୍ଦ : ୮୦୦ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଲୋକାର୍ପିତ ଓ ଶିଳାନ୍ୟାସ



ମାଲକାନଗିରି, (ମହାଭାରତ): ରାଜ୍ୟ ସରକାରଙ୍କ ବିକଶିତ ଗାଁ, ବିକଶିତ ଓଡ଼ିଶା ଅଭିଯାନ ମାଧ୍ୟମରେ ମାଲକାନଗିରି ଜିଲ୍ଲାରେ ଗ୍ରାମୀଣ ଭିତ୍ତିଭୂମିର କାୟାକଳ୍ପ ବଦଳିବାରେ ଲାଗିଛି। ଆଜି ସ୍ଥାନୀୟ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମାନ୍ୟବର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ଜିଲ୍ଲା ପାଇଁ ମୋଟ ୮୪୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିମଧ୍ୟରୁ ୩୧୮.୯୨ କୋଟି ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ହୋଇଥିବା ୩୧ଟି ପ୍ରକଳ୍ପକୁ ଲୋକାର୍ପିତ କରାଯାଇଥିବା ବେଳେ ୧୮୪.୬୩ କୋଟି ଟଙ୍କା ଅଟକଳ ମୂଲ୍ୟର ୩୦ଟି ନୂତନ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଜିଲ୍ଲାରେ ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ୪୨୨ଟି ପ୍ରକଳ୍ପ ମଧ୍ୟରୁ ୩୯୨ଟି ସଫଳତାର ସହ ଶେଷ ହୋଇଥିବା ବେଳେ ଚଳିତ ୨୦୨୫-୨୬ ବର୍ଷରେ ୪୩.୯୬ କୋଟି ଟଙ୍କା ବ୍ୟୟରେ ୯୬୪ଟି ନୂତନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁ,ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ସୋଡ଼ି ଏବଂ ଉପାଧକ୍ଷା ସାବିତ୍ରୀ ପର୍ଡ଼ିଆମୀ ଉପସ୍ଥିତ ରହି ବିକାଶମୂଳକ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥୀ ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଓ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ରତ୍ନାକର ସିଆଲ ମଧ୍ୟ ସାମିଲ ହୋଇଥିଲେ। ଏହି ସମସ୍ତ ପ୍ରକଳ୍ପ ଜିଲ୍ଲାର ଶିକ୍ଷା, ଯୋଗାଯୋଗ ଓ ସାମାଜିକ ସୁବିଧା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ସରକାରଙ୍କ ସମସ୍ତଙ୍କ ସାଥୀରେ, ସମସ୍ତଙ୍କ ବିକାଶ ମନ୍ତ୍ରକୁ ଆଗରେ ରଖି ଗ୍ରାମୀଣ ସଂଯୋଗ, ପାନୀୟ ଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟାପକ କାମ ହେଉଛି ।ସେ ଆହୁରି କହିଛନ୍ତି ଯେ, ପିଏମଜିଏସୱାଇ ଯୋଜନାରେ ୧୬୮ଟି ରାସ୍ତା ନିର୍ମାଣ ସହ ଦୁର୍ଗମ ଅଞ୍ଚଳକୁ ସଂଯୋଗ କରାଯିବ। ଏହା ସହିତ ଆୟୁର୍ବେଦିକ ମେଡିକାଲ କଲେଜ, ପାନୀୟ ଜଳ ପ୍ରକଳ୍ପ ଓ ରେଳ ସଂଯୋଗ ଭଳି ମୁଖ୍ୟ ପ୍ରକଳ୍ପ ମାଲକାନଗିରିର ଉନ୍ନତିକୁ ଆହୁରି ଗତି ଦେବ। ଆରମ୍ଭ ହେବ ବୋଲି ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ, ଯୁବ ସମାଜଙ୍କ ସମଗ୍ର ବିକାଶ ଓ ସଶକ୍ତିକରଣ ପାଇଁ ସ୍ପୋର୍ଟସ୍ ସାମଗ୍ରୀ, ଆଧୁନିକ ଜିମ୍ ଉପକରଣ ଓ ସମ୍ବାଦପତ୍ର ଇତ୍ୟାଦି ପ୍ରଦାନ କରାଯିବ, ଯାହା ତାଙ୍କର ଶାରୀରିକ ଓ ମାନସିକ ଉନ୍ନତିରେ ନିଶ୍ଚିତ ଭାବେ ସହାୟକ ହେବ। ଅନ୍ତୋଦୟ ଗୃହ ଯୋଜନାରେ ହିତାଧିକାରୀ ମାନଙ୍କୁ ସହାୟତା ରାଶି ସହ କାର୍ଯ୍ୟାଦେଶ ପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ସେହିପରି ଜିଲ୍ଲାର ଶ୍ରେଷ୍ଠ ତିନିଟି ବିଦ୍ୟାଳୟକୁ ଚଳିତ ବର୍ଷ ଦଶମ ପରୀକ୍ଷାରେ ସଫଳତା ପାଇଁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସରାବୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ କୁ ସଫଳ ରୂପାୟନ କରିବାରେ ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀ କର୍ମଚାରୀ ସହଯୋଗ କରିଥିଲେ।

## ଅଜଣା ବ୍ୟକ୍ତିର ମୃତଦେହ ଠାବ

ବିଷମକଟକ, (ମହାଭାରତ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଚାଟିକଣା ଷ୍ଟେସନ ନିକଟରୁ ଜଣେ ପ୍ରବାସୀ ଶ୍ରମିକଙ୍କ ମୃତଦେହ ଉଦ୍ଧାର ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କଲମପୁର ଥାନା ପାଣିଗାଁ ଅଞ୍ଚଳର ଯୁଧିଷ୍ଠିର ନାୟକଙ୍କ ସମେତ ୫ ଜଣ ଶ୍ରମିକ ରୋଜଗାର ଅନ୍ୱେଷଣରେ ବାଙ୍ଗାଲୋର ଯାଇଥିଲେ। ସେଠାରେ କାମ ସାରି ସମସ୍ତେ ଟ୍ରେନ ଯୋଗେ ନିଜ ଗାଁକୁ ଫେରୁଥିବା ସମୟରେ ଯୁଧିଷ୍ଠିର ନାୟକ କୌଣସି କାରଣ ବଶତଃ ସେମାନଙ୍କ ମଧ୍ୟରୁ ବିଷମକଟକ ଷ୍ଟେସନରେ ଓହ୍ଲାଇ ଯାଇଥିଲେ। ପରବର୍ତ୍ତୀ ସମୟରେ ଚାଟିକଣା ନିକଟସ୍ଥ ନାଳ ଠାରେ ତାଙ୍କର ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ବିଷମକଟକ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ପହଞ୍ଚିବା ପରେ ସବ ଚିହ୍ନଟ କରିଛନ୍ତି ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବର୍ଦ୍ଧିତ ହାରରେ ଭତ୍ତା ପାଇବାରୁ ବଞ୍ଚିତ ଭିନ୍ନକ୍ଷମ ଶରତ



ଗଣିଆ/ଖଣ୍ଡପଡ଼ା, (ମହାଭାରତ) : ଖଣ୍ଡପଡ଼ା ବ୍ଲକ ଅଧୀନ ରୟତି ଢୋଲମରା ଗ୍ରାମର ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ଶରତ ପାତ୍ର(୫୨) ସରକାରଙ୍କ ବିଭିନ୍ନ ଲୋକ ହିତକର ଯୋଜନାରୁ ବଞ୍ଚିତ ହୋଇଥିବା ଜଣାଯାଇଛି।୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ଏହି ବ୍ୟକ୍ତି ଜଣକ ପ୍ରତି ମାସରେ ବର୍ଦ୍ଧିତ ହାରରେ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ହୋଇଥିବା ବେଳେ ଭଲ ଘର ଖଣ୍ଡିଏ ନ ଥିବାରୁ ସେ ଏକ ଝାଟିମାଟି ଟାଇଲ ଛପର କଚ୍ଚା ଘରେ କର୍ମକୁ ଆଦରି ଦୁଃଖରେ ଦିନ କାଟୁଥିବା ଜଣାପଡିଛି ।ଦାରିଦ୍ର୍ୟର ସୀମାରେଖା ତଳେ ବାସ କରୁଥିବା ଜନସାଧାରଣଙ୍କ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ କଲ୍ୟାଣକାରୀ ଯୋଜନାମାନ ପ୍ରଣୟନ କରିଥିଲେ ହେଁ ଭିନ୍ନକ୍ଷମ ଏହି ବ୍ୟକ୍ତିଙ୍କ ପାଇଁ ସମସ୍ତ ଲୋକହିତକର ଯୋଜନା ସତେ ଯେମିତି ପ୍ରହସନ ପାଲଟିଥିବା ଜଣାପଡିଛି। ପ୍ରକାଶଥାଉକି ଗତ କିଛି ବର୍ଷ ଧରି ଏଡସ ପରି ମାରାତ୍ମକ ରୋଗରେ ପୀଡ଼ିତ ଏହି ଭିନ୍ନକ୍ଷମ ବ୍ୟକ୍ତି ଜଣକ ପ୍ରତି ମାସରେ ଭତ୍ତା ବାବଦରେ ୩୫୦୦ ଟଙ୍କା ପାଇବା ପରିବର୍ତ୍ତେ ଏବେ ମାତ୍ର ୧୦୦୦ ଟଙ୍କା ପାଉଥିବା ଜଣାପଡିଛି। ବର୍ଦ୍ଧିତ ହାରରେ ଭତ୍ତା ଟଙ୍କା ପ୍ରଦାନ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନତୁବା ଅନ୍ତ୍ୟୋଦୟ ଗୃହ ଯୋଜନାରେ ବାସଗୃହ ଖଣ୍ଡେ ପାଇବା ନିମନ୍ତେ ଶରତ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ଖଣ୍ଡପଡ଼ା ବ୍ଲକ ପ୍ରଶାସନର ବାରମ୍ବାର ଦ୍ୱାରସ୍ଥ ହୋଇଥିଲେ ହେଁ ପ୍ରଶାସନିକ ଅଧିକାରୀ ନତୁବା ଜନ ପ୍ରତିନିଧି କେହି ହେଲେ ଉକ୍ତ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସମସ୍ୟା ପ୍ରତି ଧ୍ୟାନ ଦେଇ ନଥିବାରୁ ସେ ଦୁଃଖରେ ଭାଙ୍ଗି ପଡିଛନ୍ତି। ନୟାଗଡ ଜିଲ୍ଲାପାଳ ଓ ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଏହି ଭିନ୍ନକ୍ଷମ ବ୍ୟକ୍ତିଙ୍କ ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସଂର୍ପକରେ ଖଣ୍ଡପଡ଼ା ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷଙ୍କୁ ଯୋଗାଯୋଗ କରିବାରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସମସ୍ୟା ନେଇ ସେ ଅବଗତ ଥିବା ବେଳେ ଖୁବଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ସେ କହିଛନ୍ତି।

## ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ପୁନଃ ମନୋନୀତ ହୋଇଛନ୍ତି ଶ୍ରମିକ ନେତା ସନ୍ତୋଷ କୁମାର ପଟ୍ଟନାୟକ



ପାରାଦ୍ୱୀପ, (ମହାଭାରତ): ପାରାଦ୍ୱୀପର ବିଶିଷ୍ଟ ଶ୍ରମିକ ନେତା ସନ୍ତୋଷ କୁମାର ପଟ୍ଟନାୟକ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ପୁନଃ ମନୋନୀତ ହୋଇଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକ ତାଙ୍କ ଉପରେ ଏହି ଗୁରୁ ଦାୟିତ୍ୱ ଦେଇ ଥିବାରୁ ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହିତ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଶ୍ରୀଯୁକ୍ତ ପଟ୍ଟନାୟକ କୁଜଙ୍ଗ ପାରାଦ୍ୱୀପ ଅଞ୍ଚଳରେ ବିଜେଡିର ଜଣେ ଛାମୁଆ ସଙ୍ଗଠକ ଭାବେ ବେଶ ପରିଚିତ। ବିଜେଡି ପକ୍ଷରୁ ରାଜ୍ୟର ରକ୍ତ ସଙ୍କଟ ଦୂର କରିବା ପାଇଁ ସାରା ରାଜ୍ୟରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ ହୋଇ ଥିଲା ବେଳେ ସନ୍ତୋଷ କୁମାର ପଟ୍ଟନାୟକଙ୍କ ଦ୍ୱାରା ଆୟୋଜିତ ରକ୍ତଦାନ ଶିବିରରେ ୫ହଜାର ୟୁନିଟରୁ ଅଧିକ ରକ୍ତ ସଂଗ୍ରହ କରି ସାରା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଉଚ୍ଚ ପ୍ରଶଂସିତ ହୋଇ ଥିଲେ। ସେହି ପରି ଦଳୀୟ କାର୍ଯ୍ୟକ୍ରମ ଆୟୋଜନ କରି ଦଳୀୟ ସଂଗଠନ ଦୃଢ କରିଥିଲେ। ସେ ଏକାଧିକ ସଂଗଠନର ମୁଖ୍ୟ ଭାବେ କାର୍ଯ୍ୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବେ ଦଳର ନେତା ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ କାର୍ଯ୍ୟ କରନ୍ତି।

## ଶିକ୍ଷା ’ଓ’ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରୁ ରାଜଶ୍ରୀ ପାଣିଗ୍ରାହୀଙ୍କୁ ପିଏଚ.ଡି ଉପାଧି

ଗଣିଆ,(ମହାଭାରତ): ଶିକ୍ଷା ’ଓ’ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରୁ ବାୟୋଟେକ୍ନୋଲୋଜି ବିଭାଗରେ ରାଜଶ୍ରୀ ପାଣିଗ୍ରାହୀଙ୍କୁ ପିଏଚ.ଡି ଉପାଧି ପ୍ରଦାନ କରାଯାଇଛି। ସେ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ବାୟୋଟେକ୍ନୋଲୋଜି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ରୀନା ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିଜର ଗବେଷଣା କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି। ରାଜଶ୍ରୀଙ୍କ ଗବେଷଣାତ୍ମକ ନିବନ୍ଧର ଶୀର୍ଷକ ଥିଲା ‘ଇନ୍-ଭିଟ୍ରୋ ପଦ୍ଧତିରେ ବଂଶବୃଦ୍ଧି କରାଯାଇଥିବା କେମ୍ପଫେରିଆ ପାର୍ଭିଫ୍ଲୋରା ଏବଂ ଜିଞ୍ଜିବର କାସୁମୁନାର ଜେନେଟିକ୍ ସ୍ଥିରତା ଏବଂ ଫାଇଟୋକେମିକାଲ୍ ଗୁଣର ମୂଲ୍ୟାଙ୍କନ’ ତାଙ୍କର ଏହି ନିବନ୍ଧଟି ଆସାମର କାଜିରଙ୍ଗା ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ଶୈଳେନ୍ଦ୍ର କୁମାର ମହାନ୍ତଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଡକ୍ଟର ରାଜଶ୍ରୀ ପାଣିଗ୍ରାହୀ ହେଉଛନ୍ତି ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ପତ୍ରା ଗ୍ରାମ ନିବାସୀ ରଘୁନାଥ ପାଣିଗ୍ରାହୀ ଏବଂ କଟକ ଜିଲ୍ଲା ନରସିଂହପୁର ଅଞ୍ଚଳ ଲେମ୍ବୋ ଗ୍ରାମର ପ୍ରଭାତ ଚନ୍ଦ୍ର ପଣ୍ଡାଙ୍କ ନାତୁଣୀ। ସେ ତାଙ୍କର ଏହି ସଫଳତା ପାଇଁ ପିତା ଉମେଶ ଚନ୍ଦ୍ର ପାଣିଗ୍ରାହୀ, ମାତା ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ଭାଇ ରିତେଶ ପାଣିଗ୍ରାହୀ, ଏବଂ ସମସ୍ତ ଶୁଭେଚ୍ଛୁମାନଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଅବସରରେ ସେ ନିଜର ସମସ୍ତ ଶ୍ରେୟ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଅର୍ପଣ କରିଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

## ୫୦ ରୁ ଉର୍ଦ୍ଧ୍ୱ ଗୋରୁ ଉଦ୍ଧାର

କପ୍ତିପଦା, (ମହାଭାରତ) : ବେଆଇନ ଭାବେ ଗୋରୁ ଚୋରା ଚାଲାଣ କରିବା ନିମନ୍ତେ ମାଫିଆ କରିଥିଲେ ଯୋଜନା। ୮୦ ରୁ ଉର୍ଦ୍ଧ୍ୱ ଗୋରୁ ଆଣି ଜଙ୍ଗଲ ଭିତରେ ବାନ୍ଧି ରଖିଥିଲେ। ଖବର ପାଇ ପୋଲିସ ଜଙ୍ଗଲରେ ଚଢ଼ାଉ କରିଥିବା ବେଳେ ୫୦ ଗୋରୁ କୁ ଉଦ୍ଧାର କରିଥିବା ବେଳେ ବାକି ଗୋରୁ ଙ୍କୁ ଉଦ୍ଧାର କରି ପାରିନାହିଁ। ଉଦଳା ଥାନା ଚୁଳିଆପୋଷି ଗୋରୁ ହାଟ ପଛ ପାଖ ଜଙ୍ଗଲରେ ବେଆଇନ ଭାବେ ଗୋରୁ ଚାଲାଣ କରାଯିବା ନିମନ୍ତେ ୮୦ ରୁ ଉର୍ଦ୍ଧ୍ୱ ଗୋରୁ ବନ୍ଧା ଯାଇଥିବା ପୋଲିସ ଖବର ପାଇଥିଲା। ଖବର ପାଇ ଉଦଳା ପୋଲିସ ଜଙ୍ଗଲରେ ଚଢ଼ାଉ କରିଥିବା ବେଳେ ୫୦ ଗୋରୁଙ୍କୁ ଉଦ୍ଧାର କରିଥିଲା। ଗୋରୁ ମାଫିଆ ଗୋରୁ ଆଣି ବାନ୍ଧି ରଖିଥିବା ବେଳେ ତାହାକୁ ବାହାରକୁ ଚାଲାଣ କରିବେ ବୋଲି ଯୋଜନା କରିଥିଲେ। ହେଲେ ପୋଲିସ ଚଢ଼ାଉ କରି ଗୋରୁ ଜବତ କରିଛି। ହେଲେ ଘଟଣାସ୍ଥଳରେ ଥିବା ମାଫିଆଙ୍କ ଗୋରୁ ଗାଡି ନେଇ ମାଫିଆ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

## ଜନସାଧାରଣଙ୍କ ସମସ୍ୟା ବୁଝିଲେ ଜିଲ୍ଲାପାଳ



ଦଶପଲ୍ଲା, (ମହାଭାରତ): ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଆଜି ଦଶପଲ୍ଲା ବ୍ଲକର ବିଭିନ୍ନ ଗ୍ରାମ ପରିଦର୍ଶନ କରି ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ପ୍ରତ୍ୟକ୍ଷ ଅନୁଧ୍ୟାନ କରିଛନ୍ତି। ବିଶେଷ କରି ବାଣୀଗୋଛା ଓ କୁଲୁରୁକୁମ୍ଭା ପଞ୍ଚାୟତର ବିଭିନ୍ନ ଗାଁକୁ ଯାଇ ଜିଲ୍ଲାପାଳ ଲୋକଙ୍କ ସହ ଆଲୋଚନା କରିବା ସହ ସେମାନଙ୍କ ଅଭିଯୋଗ ଶୁଣିଥିଲେ। ଗସ୍ତ ସମୟରେ ଜନସାଧାରଣ ନିଜ ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଲୋକଙ୍କ ସମସ୍ୟା ଶୁଣିବା ପରେ ଜିଲ୍ଲାପାଳ ଏହାର ତୁରନ୍ତ ସମାଧାନ ପାଇଁ ପ୍ରତିଶୃତି ଦେବା ସହ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ବିଭିନ୍ନ ଗ୍ରାମରେ ଅଧାପନ୍ତରିଆ ହୋଇ ପଡ଼ି ରହିଥିବା ସରକାରୀ ପ୍ରକଳ୍ପ ଓ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ପାଇଁ ସେ ଗୁରୁତ୍ୱାରୋପ କରିଛନ୍ତି। ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ବ୍ଲକ ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପ୍ରଶାସନ ନିଜ ଦ୍ୱାରମୁହଁରେ ପହଞ୍ଚି ସମସ୍ୟା ବୁଝୁଥିବାରୁ ସ୍ଥାନୀୟ ଅଞ୍ଚଳରେ ସନ୍ତୋଷ ପ୍ରକାଶ ପାଇଛି।

## ଛାତ୍ର-ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଅନୁଗୋଳ, (ମହାଭାରତ): ବଣ୍ଟଁରପାଳ ବ୍ଲକ କୁକୁଡ଼ାଙ୍ଗ ଗ୍ରାମ ପଞ୍ଚାୟତ ହରିହର କୁକୁଡ଼ାଙ୍ଗ ଉଚ୍ଚ ବିଦ୍ୟାଳୟ ରେ ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷାରେ ଉତ୍କୃଷ୍ଟ ଫଳାଫଳ କରି ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର-ଛାତ୍ରୀ ମାନଙ୍କୁ ଆଜି ଏକ ବିଶେଷ ସମାରୋହରେ ସମ୍ବର୍ଦ୍ଧନା କରାଯାଇଛି । ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକମାନେ, ଅଭିଭାବକ ଓ ଅନେକ ଗଣମାନ୍ୟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ । ଏହି ଅବସରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଅଙ୍କିତା ବେହେରା ୫୪୦ ମାର୍କ ରଖି ଏ୧ ରେ, ତେଜସ୍ୱିନି ସାହୁ ବି୨ ରେ, ସାଲିନି ପ୍ରଧାନ ବି୨ ରେ ଓ ରାଜଶ୍ରୀ ଦାସ ବି୨ଙ୍କୁ ଫୁଲତୋଡା, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଟିଏଫ୍‌ଏଲ୍ ର ଏମଡି ବିବେକ ଶ୍ରୀବାସ୍ତବ, ସମ୍ମାନିତ ଅତିଥି ଜିଲ୍ଲାପରିଷଦ ଛେଣ୍ଡିପଦା ଯଶୋବନ୍ତ ବେହେରା, ସରପଞ୍ଚ କୁକୁଡ଼ାଙ୍ଗ ଗ୍ରାମ ପଞ୍ଚାୟତ ପାରିଜାତ ସେଠୀ, ସରପଞ୍ଚ ବଳରାମ ପ୍ରସାଦ ଗ୍ରାମ ପଞ୍ଚାୟତ ଜୟନ୍ତୀ ସାହୁ, ସରପଞ୍ଚ କୁରୁଡୋଳ ଗ୍ରାମ ପଞ୍ଚାୟତ ଦିବାକର ମହାଳିକ, ସରପଞ୍ଚ କାଣ୍ଡସର ଗ୍ରାମ ପଞ୍ଚାୟତ ସବିତା ମହାଳିକ, ପୂର୍ବତନ ମଣ୍ଡଳ ସଭାପତି ଫକୀର ମୋହନ ସାହୁ, ସମାଜ ସେବୀ ଭିକାରୀ ମହାନ୍ତି , ଅମିର ଦାସ, ଗ୍ରାମ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ, ଯୁଧିଷ୍ଠିର ପ୍ରଧାନ ଏବଂ ବିଜେପି ନେତା ତଥା ସମାଜ ସେବୀ ଅମୀୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଗଣିଆ କଲେଜରେ ମନମାନୀ ଓ କର୍ମଚାରୀଙ୍କୁ ନିର୍ଯ୍ୟାତନା : ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଜୋର ଧରିଲା ଆନ୍ଦୋଳନ




ନୟାଗଡ଼, (ମହାଭାରତ) : ନୟାଗଡ଼ ଜିଲ୍ଲା ଗଣିଆ ରଘୁନାଥ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ସଲିଲା ସେଠୀଙ୍କୁ ବଦଳି ଦାବି ଜୋର ଧରିଛି। ଗତ ଶନିବାର ଠାରୁ ବିଦ୍ୟାଳୟର ୧୨ ଜଣ କର୍ମଚାରୀ ଧାରଣା ଦେଇଛନ୍ତି। ଅଧ୍ୟକ୍ଷା ହଟାଅ, କଲେଜ ବଞ୍ଚାଅ ନାରା ସହିତ ପ୍ଲାକାର୍ଡ ପ୍ରଦର୍ଶନ କରି ବସି ରହିଛନ୍ତି। କର୍ମଚାରୀଙ୍କ ସହ ଛାତ୍ରଛାତ୍ରୀ ଓ ଅଭିଭାବକ ସାମିଲ ହୋଇଛନ୍ତି । ଏ ନେଇ ସେମାନେ ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଠାରୁ ଆରମ୍ଭ କରି କନ୍ଧମାଳ ସାଂସଦ, ଗଣଶିକ୍ଷା ମନ୍ତ୍ରୀ, ଶିକ୍ଷା ସଚିବ, ଜିଲ୍ଲାପାଳ, ପରିଚାଳନା କମିଟିର ସଭାପତି ତଥା ଉପ-ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି। ଲିଖିତ ଅଭିଯୋଗରେ ସେମାନେ ୧୭ଟି ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଅଧ୍ୟକ୍ଷା କଲେଜର କର୍ମଚାରୀଙ୍କୁ ମାନସିକ ଭାବେ ନିର୍ଯ୍ୟାତନା ଦେଉଛନ୍ତି। ଅଧ୍ୟକ୍ଷା ଉକ୍ତ କଲେଜର ସୁପରିଟେଣ୍ଡେଡ ହୋଇଥିଲେ ମଧ୍ୟ ନିଜ ସ୍ୱାମୀ ଚଲାଉଥିବା ଆଡଭାନ୍ସ ଟ୍ୟୁଟୋରିଆଲ ରେ ପାଠ ପଢିବାକୁ ଛାତ୍ରଛାତ୍ରୀଙ୍କୁ ପ୍ରଲୋଭିତ କରିବା, ଇଣ୍ଟରନାଲ ମାର୍କ ଅଧିକ ଦେବା, କଲେଜର ସବୁ ସ୍ଥାନରେ ଅଡିଓ, ଭିଡିଓ ସିସିଟିଭି ଲଗାଇଥିବା ବେଳେ ତାଙ୍କ ଅଫିସ ଭିତରେ କେବଳ ଭିଡିଓ ସିସିଟିଭି ଲଗାଇ କର୍ମଚାରୀଙ୍କୁ ଗାଳି ଗୁଲଜ କରିବା, କିରାଣୀଙ୍କୁ ଧମକ ଦେଇ ଅଫିସ କାଗଜପତ୍ର ନିଜ ପାଖରେ ରଖିବା, ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ କୋର୍ଟ ପେପର ରେ ଦସ୍ତଖତ କରି ଦରମା ପ୍ରଦାନ କରିବା, କର୍ମଚାରୀଙ୍କୁ ବାରମ୍ବାର ଥାନା ଦ୍ୱାରସ୍ଥ କରିବା, କଲେଜର ସହକାରୀ ଲାଇବ୍ରେରୀୟାନ କୁ ହାତ କରି ମିଛ ଭାଉଚର ଯୋଡି କଲେଜ ଅର୍ଥ ଖର୍ଚ୍ଚ କରିବା, କର୍ମଚାରୀଙ୍କ ଠାରୁ ଗତବର୍ଷ ସେପ୍ଟେମ୍ବର ମାସରୁ ଅଦ୍ୟାବଧି ଦରମାରୁ ସରକାରଙ୍କ ବିନା ନିର୍ଦ୍ଦେଶରେ ଇପିଏଫ ପାଇଁ ଟଙ୍କା କାଟିବା, ନିଜେ ଇଂରାଜୀ ଅଧ୍ୟାପିକା ହୋଇ ମଧ୍ୟ କ୍ଲାସ ନକରିବା, ଅଭିଭାବକ ବୈଠକରେ ଅଳ୍ପ ଆସିଥିଲେ ମଧ୍ୟ ମିଛ ଭାଉଚର କରି ଅଧିକ ଯୋଗ ଦେଉଛନ୍ତି ବୋଲି ଦର୍ଶାଇବା, ଗତବର୍ଷ ବାର୍ଷିକ ପରୀକ୍ଷାରେ ରସିଦ ମାଧ୍ୟମରେ ୨ ଶହ ଟଙ୍କା ଆଦାୟ କରିବା, ଦରମା ଠିକରେ ନଦେବା, କଲେଜର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବିରୁଦ୍ଧରେ ମିଥ୍ୟା ଜାତିଆଣ କେସ ଲଗାଇ ତାଙ୍କୁ ଡ଼େପୁଟେସନରେ ଅନ୍ୟତ୍ର ପଠାଇବା, କ୍ରିଡ଼ା ଶିକ୍ଷକ ଏବଂ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବାର୍ଷିକ ଇନକ୍ରିମେଣ୍ଟ ବନ୍ଦ କରିବା, ଦୁଇଟି ଇଚ୍ଛାଧିନ ବିଷୟକୁ ଚଳିତ ଶିକ୍ଷାବର୍ଷରୁ ବନ୍ଦ କରିବା ପାଇଁ ଆବେଦନ କରିବା କଲେଜର ସମସ୍ତ ସାମଗ୍ରୀ ଷ୍ଟାଫଙ୍କୁ ନଜଣାଇ ସ୍ୱାମୀଙ୍କ ହାତରେ କିଣିବା, ବାର୍ଷିକ ପରୀକ୍ଷାରେ କଲେଜରେ କର୍ମଚାରୀ ଥିଲେ ମଧ୍ୟ ବାହାରୁ ଶିକ୍ଷକ ଆଣିବା ଭଳି ଅନେକ ଅଭିଯୋଗ ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ସେମାନେ ଜଣାଇଛନ୍ତି। ସୋମବାର ଠାରୁ ଗଣିଆ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଖିଳ କୁମାର ହୋତାଙ୍କ ସହିତ ସମସ୍ତ ଅଧ୍ୟାପକ ଏବଂ ଛାତ୍ରଛାତ୍ରୀ ମାନେ ମଧ୍ୟ ଯୁକ୍ତ ଦୁଇ ଅଧ୍ୟକ୍ଷାଙ୍କ ବିରୁଦ୍ଧରେ କଲେଜ ସମ୍ମୁଖରେ ଧାରଣାରେ ବସିଥିଲେ। ଗଣିଆରେ ଦୀର୍ଘ ୩୫ ବର୍ଷ ଧରି ଗୋଟିଏ କ୍ୟାମ୍ପସ ଭିତରେ ଦୁଇଟି କଲେଜ ଥିଲେ ମଧ୍ୟ ଅଧ୍ୟକ୍ଷାଙ୍କ କ୍ୟାମ୍ପସ ଭିତରେ ଡିଗ୍ରୀ ମହାବିଦ୍ୟାଳୟର ଚାଲିଥିବା କାର୍ଯ୍ୟାଳୟରେ ତାଲା ପକାଇବା ସହିତ ଏଇଟା ମୋ କଲେଜ ବୋଲି ପ୍ରକାଶ କରିଥିଲେ। ମହାବିଦ୍ୟାଳୟ ତରଫରୁ ପ୍ରତିନିଧି ମଣ୍ଡଳୀ ଯାଇ ତାଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେ ଶୁଣିନଥିଲେ। ଯାହା ଫଳରେ ସେମାନେ ମଧ୍ୟ ଆନ୍ଦୋଳନ ଆରମ୍ଭ କରିଛନ୍ତି।

# ତାମିଲନାଡୁର କିଙ୍ଗ୍ ହେଲେ ବିଜୟ କୁହୁକ ସଂଖ୍ୟା ୧୧୮ ପାଇଁ ଅଙ୍କକଷା

ଚେନ୍ନାଇ: ଚଳିତ ବର୍ଷ ତାମିଲନାଡୁ ବିଧାନସଭା ନିର୍ବାଚନରେ ଏକ ବଡ଼ ପରିବର୍ତ୍ତନ ଦେଖାଯାଇଛି। ଦୁଇ ବର୍ଷ ପୂର୍ବେ ଗଠିତ ଅଭିନେତା ବିଜୟଙ୍କ ଦଳ, ତାମିଲାଗା ଭେଟ୍ରି କାଝାଗମ (ଟିଭିକେ) ବିଧାନସଭା ନିର୍ବାଚନରେ ଏକ ଐତିହାସିକ ପ୍ରଦର୍ଶନ କରିଛି। ବିଜୟଙ୍କ ଦଳ, ଟିଭିକେ, ୧୦୮ ଆସନ ଜିତି ସବୁଠାରୁ ବଡ଼ ଦଳ ଭାବରେ ଉଭା ହୋଇଛି। ତାମିଲନାଡୁରେ ବିଜୟ କିଙ୍ଗ୍ ହୋଇଛନ୍ତି। ତେବେ ଏବେ ନଜର କିଙ୍ଗ୍‌ମେକରଙ୍କ ଉପରେ ରହିଛି।



ତାମିଲନାଡୁରେ କୌଣସି ଦଳ ବହୁମତ ହାସଲ କରିନାହାନ୍ତି। ଥାଲାପତି ବିଜୟଙ୍କ ଟିଭିକେ ବହୁମତ ଠାରୁ ମାତ୍ର ୧୦ ଆସନ ପଛରେ ଅଛି। ଟିଭିକେ ସବୁଠାରୁ ବଡ଼ ଦଳ ଭାବରେ ଉଭା ହେବା ସହିତ, ନୂତନ ସରକାର ଗଠନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ବର୍ତ୍ତମାନ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ବିଜୟ ତାଙ୍କ ସରକାର ଗଠନ ପାଇଁ କେଉଁ ଦଳ ସହିତ ଅଂଶୀଦାର ହେବେ। ୨୩୪ ବିଧାନସଭା ଆସନ ବିଶିଷ୍ଟ ତାମିଲନାଡୁରେ ବହୁମତ ପାଇଁ ୧୧୮ ଆସନ ଆବଶ୍ୟକ। ଏବେ ସମସ୍ତଙ୍କ ନଜର କୁହୁକ ସଂଖ୍ୟା ଉପରେ ରହିଛି। ଏହା କିଭଳି ହାସଲ କରାଯିବ ସେନେଇ ଅଙ୍କକଷା ଆରମ୍ଭ ହୋଇଛି।

ସବୁଠାରୁ ବଡ଼ ଦଳ ଭାବରେ, ଟିଭିକେକୁ ରାଜ୍ୟପାଳ ସରକାର ଗଠନ ପାଇଁ ନିମନ୍ତ୍ରଣ କରିବାର ସମ୍ଭାବନା ଅଛି, ଦଳର ନେତାମାନେ ବାହ୍ୟ ସମର୍ଥନ ପାଇବା ବିଷୟରେ ଆତ୍ମବିଶ୍ୱାସୀ ଅଛନ୍ତି ।ଟିଭିକେ କଂଗ୍ରେସ ସମେତ ଅନ୍ୟ ଛୋଟ ଦଳଗୁଡ଼ିକ ସହିତ ମେଣ୍ଟ କରିବାକୁ ବିଚାର କରୁଛି। ଏହା ମଧ୍ୟ ରିପୋର୍ଟ ହୋଇଛି ଯେ ଟିଭିକେ ଏହାର ସମସ୍ତ ସାଂଗଠନିକ ଦଳଗୁଡ଼ିକୁ କ୍ୟାବିନେଟ ପଦବୀ ଦେବା ବିଷୟରେ ବିଚାର କରୁଛି।

ସମର୍ଥନ ପାଇଁ ଆଶା କରାଯାଉଥିବା ଦଳଗୁଡ଼ିକ ଦ୍ରାବିଡ଼ ମୁନେତ୍ର କାଝଗମ (ଡିଏମ୍ ?କେ) ସହିତ ମଧ୍ୟ ମିଳିତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ କଂଗ୍ରେସ ରହିଛି। ଦଳ ପାଞ୍ଚଟି ଆସନ ଜିତିଛି। ସେହିପରି ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ), ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) (ସିପିଆଇଏମ୍) ଏବଂ ବିଦୁଥଲାଇ ଚିରୁଥୈଗଲ କାଚି (ଭିସିକେ) ଦୁଇଟି ଲେଖାଏଁ ଆସନ ଜିତିଛନ୍ତି। ଟିଭିକେ ପାଇଁ ସରକାର ଗଠନ କରିବାର ଆଉ ଏକ ସମ୍ଭାବ୍ୟ ପଥ ହେଉଛି ପାଟ୍ଟାଲି ମକ୍କଲ କାଚ୍ଚି (ପିଏମକେ)ର ସମର୍ଥନ। ଦଳ ପାଞ୍ଚ ଆସନ ଜିତିଛି। ତଥାପି, ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ ମୁନେତ୍ର କାଝଗମ (ଏଆଇଏଡିଏମ୍‌କେ) ସହିତ ସିଧାସଳଖ ମେଣ୍ଟ ଅସମ୍ଭବ ମନେହେଉଛି। କାରଣ ଏହା ଭାରତୀୟ ଜନତା ପାର୍ଟି (ବିଜେପି) ସହିତ ମେଣ୍ଟ କରିଛି, ଯାହାକୁ ବିଜୟ ତାଙ୍କର ଆଦର୍ଶ ବିରୋଧୀ ବୋଲି ବର୍ଣ୍ଣନା କରିଛନ୍ତି। ତାମିଲନାଡୁର ସମସ୍ତଙ୍କ ନଜର ରାଜଭବନ ଉପରେ ରହିଛି। ରାଜ୍ୟପାଳ କ'ଣ ବିଜୟଙ୍କୁ ସଂଖ୍ୟାଲଘୁ ସରକାର ଗଠନ କରିବାକୁ ନିମନ୍ତ୍ରଣ କରିବେ? ଜଣେ ବରିଷ୍ଠ ନେତା ଏହି ପରିସ୍ଥିତିକୁ ୨୦୦୬ ଡିଏମ୍ ?କେ ସଂଖ୍ୟାଲଘୁ ସରକାର ସହିତ ତୁଳନା କରିଛନ୍ତି ଯାହା ବାହ୍ୟ ସମର୍ଥନରେ ବଞ୍ଚି ରହିଥିଲା। ଟିଭିକେର ନିର୍ବାଚିତ ଯୁବନେତା ରେବନ୍ତ ଚରଣ ସରକାର ଗଠନ ବିଷୟରେ କହିଛନ୍ତି, ଅସ୍ଥିରତାର କୌଣସି ଭୟ ନାହିଁ। ଆମେ ସରକାର ଗଠନ କରିବୁ। ସେ ଏହା ମଧ୍ୟ କହିଛନ୍ତି ଯେ, ଅନ୍ୟ ଦଳଗୁଡ଼ିକରୁ ମେଣ୍ଟ କିମ୍ବା ସମର୍ଥନ ସମ୍ପର୍କରେ ଯେକୌଣସି ନିଷ୍ପତ୍ତି ଦଳର ହାଇକମାଣ୍ଡ ନେବେ। ସେ ସୂଚିତ କରିଛନ୍ତି ଯେ ସରକାର ଗଠନ ଏବଂ ପ୍ରମୁଖ ତାରିଖ ସମ୍ପର୍କରେ ବିବରଣୀ ଖୁବ୍ ଶୀଘ୍ର ସ୍ପଷ୍ଟ କରାଯିବ।

## ହର୍ମୁଜ ପ୍ରଣାଳୀରେ ଇରାନର ୭ଟି ନୌକା ଧ୍ୱଂସ କଲା ଆମେରିକୀୟ ସେନା



ୱାଶିଂଟନ: ହର୍ମୁଜ ପ୍ରଣାଳୀରୁ ଇରାନର ଦବଦବା ହଟାଇବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବିଶାଳ ସାମରିକ ଅଭିଯାନ 'ପ୍ରୋଜେକ୍ଟ ଫ୍ରିଡମ୍' ଆରମ୍ଭ କରିଛନ୍ତି। ଏହି ଅଭିଯାନ ଆଧାରରେ ଆମେରିକୀୟ ନୌସେନା ସୋମବାର ଇରାନର ସାତଟି ଦ୍ରୁତଗାମୀ ନୌକାକୁ ଧ୍ୱଂସ କରିଥିବା ବେଳେ ଏକାଧିକ କ୍ରୁଜ ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣକୁ ବିଫଳ କରିଦେଇଛି। ଆମେରିକା ସେଣ୍ଟ୍ରାଲ୍ କମାଣ୍ଡର ମୁଖ୍ୟ ଆଡମିରାଲ ବ୍ରାଡ କୁପର ସୂଚନା ଦେଇଛନ୍ତି ଯେ, ଏହି ଅଭିଯାନରେ ୧୫୦୦୦ ଆମେରିକୀୟ ସୈନ୍ୟ, ଅତ୍ୟାଧୁନିକ ବିଧ୍ୱଂସକାରୀ ଯୁଦ୍ଧପୋତ, ଶହେରୁ ଅଧିକ ବିମାନ ଓ ସବମାରିନ୍ ସାମିଲ ରହିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ ଆମେରିକୀୟ କମାଣ୍ଡରମାନଙ୍କୁ ନିଜ ସୈନ୍ୟ ଓ ବ୍ୟବସାୟିକ ଜାହାଜଗୁଡ଼ିକୁ ସିରକ୍ଷା ଦେବା ପାଇଁ ପୂର୍ଣ୍ଣ ଅଧିକାର ଦିଆଯାଇଛି। ଅଟକି ରହିଥିବା ଅନ୍ତର୍ଜାତୀୟ ଜଳପଥକୁ ପୁନଃ ସଚଳ କରିବା ରହିଛି ମୁଖ୍ୟ ଲକ୍ଷ୍ୟ। ତେବେ ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ଫେବୃଆରି ୨୮ରୁ ଇରାନର ଅବରୋଧ ଯୋଗୁଁ ଅଟକି ରହିଥିବା ଅନ୍ତର୍ଜାତୀୟ ଜଳପଥକୁ ପୁନଃ ସଚଳ କରିବା। ଇରାନର ଧମକ ସତ୍ତ୍ୱେ ଆମେରିକା ବ୍ୟବସାୟିକ ଜାହାଜଗୁଡ଼ିକୁ ହର୍ମୁଜ ଦେଇ ଯାତାୟାତ କରିବାକୁ ଉତ୍ସାହିତ କରୁଛି ଏବଂ ଏହାର ପ୍ରଭାବ ସ୍ୱରୂପ ବାଣିଜ୍ୟିକ ଚଳାଚଳ ଆରମ୍ଭ ହୋଇଥିବା ଆମେରିକା ଦାବି କରିଛି, କିନ୍ତୁ ଇରାନର ରିଭୋଲ୍ୟୁସନାରୀ ଗାର୍ଡ ଏହି ଦାବିକୁ ଖଣ୍ଡନ କରିବା ସହ ଆମେରିକୀୟ ଜାହାଜଗୁଡ଼ିକ ଚଳାଚଳ କରୁନଥିବା କହିଛି। ଅନ୍ୟପଟେ ହର୍ମୁଜରେ ଏକ ଦକ୍ଷିଣ କୋରିଆ ଜାହାଜ ଉପରେ ହୋଇଥିବା ବିସ୍ଫୋରଣକୁ ନେଇ ଟ୍ରମ୍ପ ପ୍ରତିକ୍ରିୟା ରଖିଛନ୍ତି ଯେ, ସମ୍ପୃକ୍ତ ଜାହାଜ ଏହି ଅଭିଯାନର ଅଂଶ ନଥିଲା ଏବଂ ଦକ୍ଷିଣ କୋରିଆକୁ ଏହି ସୁରକ୍ଷା ମିସନରେ ସାମିଲ ହେବା ଉଚିତ।

## ଚୀନ୍‌ରେ ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ: ୨୧ଜଣ ଜୀବନ୍ତ ଦଗ୍ଧ, ୬୧ ଆହତ

ବେଜିଂ: ଚୀନ୍‌ରୁ ଏକ ଦୁଃଖଦ ଖବର ସାମ୍ନାକୁ ଆସୁଛି। ଚୀନ୍‌ର ହୁନାନ୍ ପ୍ରଦେଶରେ ଏକ ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ ଘଟି ୨୧ ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଘଟଣାରେ ୬୧ ଜଣ ଗୁରୁତର ଆହତ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଆହତଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରିପୋର୍ଟ ଅନୁଯାୟୀ, ଘଟଣାସ୍ଥଳରେ ୫୦୦ରୁ ଅଧିକ ଉଦ୍ଧାରକାରୀ ନିୟୋଜିତ ହୋଇଛନ୍ତି। ବିସ୍ଫୋରଣ ଏତେ ବଡ଼ ଥିଲା ଯେ, ଏହା କାରଖାନାର ୩ କିଲୋମିଟର ପରିଧି ମଧ୍ୟରେ ଥିବା ଅଞ୍ଚଳକୁ ପ୍ରଭାବିତ କରିଥିଲା। ଉଦ୍ଧାରକାରୀମାନେ ଏହି ଅଞ୍ଚଳର ବାସିନ୍ଦାମାନଙ୍କୁ ଅସ୍ଥାୟୀ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରୁଛନ୍ତି। ଚୀନ୍ ସରକାରୀ ଗଣମାଧ୍ୟମ ଅନୁଯାୟୀ, ଲିୟୁୟାଙ୍ଗରେ ଥିବା ହୁଆଶେଙ୍ଗ ଫାୟାରଓ୍ୱାର୍କସ୍ ମ୍ୟାନୁଫ୍ୟାକଚରିଂ ଆଣ୍ଡ୍ ଡିସପ୍ଲେ କମ୍ପାନିର ମାଲିକାନାରେ ଥିବା ଏକ ୱାର୍କସପରେ ବିସ୍ଫୋରଣ ଘଟିଛି। ଏକ ଏକ ପ୍ରମୁଖ ଫାଇବର୍ ଉତ୍ପାଦନ କେନ୍ଦ୍ର। ସ୍ଥାନୀୟ ଲୋକମାନେ କହିଛନ୍ତି ଯେ ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ଏହା ଯୋଗୁ ସୃଷ୍ଟି ହୋଇଥିବା କମ୍ପନରେ ନିକଟସ୍ଥ ଗ୍ରାମଗୁଡ଼ିକରେ ଥିବା ଘରର କବାଟ ଏବଂ ଝରକା ଭାଙ୍ଗି ଯାଇଥିଲା। ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏହି ଘଟଣାରେ ଶୋକ ପ୍ରକାଶ କରିଛନ୍ତି। ସେ ଦୁର୍ଘଟଣାର ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେ ନିଖୋଜ ଲୋକଙ୍କୁ ଖୋଜିବା ଏବଂ ଆହତଙ୍କ ଚିକିତ୍ସା ପାଇଁ ପ୍ରୟାସ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହା ସହିତ ସେ ଶିଳ୍ପ ସଂସ୍ଥାଗୁଡ଼ିକରେ ଥିବା ସୁରକ୍ଷା ପ୍ରଣାଳୀ ଯାଞ୍ଚ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

## ଏପ୍ରିଲରେ ଏଲ୍‌ପିଜି ବ୍ୟବହାର ୧୬ ପ୍ରତିଶତ କମିଲା

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟ ଯୁଦ୍ଧ ଓ ହର୍ମୁଜ ପ୍ରଣାଳୀ ବନ୍ଦ ପାଇଁ ଦେଶକୁ ଏଲ୍‌ପିଜି ଆସିବାରେ ଅସୁବିଧା ସୃଷ୍ଟି ହୋଇଛି। ଏଥିପାଇଁ ଦେଶରେ ଉଭୟ ଘରୋଇ ଓ ବାଣିଜ୍ୟିକ ଏଲ୍‌ପିଜି ଯୋଗାଣ ବାଧାପ୍ରାପ୍ତ ହୋଇଛି। ଫଳରେ ଏପ୍ରିଲରେ ଦେଶରେ ଏଲ୍‌ପିଜି ବ୍ୟବହାର ୧୬.୧୬ ପ୍ରତିଶତ କମିଯାଇଛି। ସୂଚନା ଅନୁଯାୟୀ, ଏପ୍ରିଲରେ ୨.୨ ନିୟୁତ ଟନ୍ ଏଲ୍‌ପିଜି ବ୍ୟବହାର ହୋଇଛି। ୨୦୨୫ ଏପ୍ରିଲ ତୁଳନାରେ ଏହା ୧୬.୧୬ ପ୍ରତିଶତ କମ୍। ଚଳିତବର୍ଷ ମାର୍ଚ୍ଚରେ ବ୍ୟବହାର ହୋଇଥିବା ୨.୩୭୯ ନିୟୁତ ଟନ ଏଲ୍‌ପିଜି ତୁଳନାରେ ମଧ୍ୟ ଏହା କମ୍ ବୋଲି ପେଟ୍ରୋଲିୟମ ମନ୍ତ୍ରାଳୟର ପେଟ୍ରୋଲିୟମ ପ୍ଲାନିଂ ଆଣ୍ଡ୍ ଆନାଲିସିସ୍ ସେଲ୍ (ପିପିଏସି) ତଥ୍ୟରୁ ଜଣାଯାଇଛି।

ଭାରତ ଏହାର ମୋଟ ଏଲ୍‌ପିଜି ଆବଶ୍ୟକତାର ପ୍ରାୟ ୬୦ ପ୍ରତିଶତ ଆମଦାନି କରିଥାଏ। ଏଥିରୁ ଅଧିକାଂଶ ହର୍ମୁଜ ପ୍ରଣାଳୀ ଦେଇ ଆସିଥାଏ। କିନ୍ତୁ ପୃଥିବୀର ଏହି ଗୁରୁତ୍ୱପୂର୍ଣ୍ଣ ଜଳମାର୍ଗ ବନ୍ଦ ରହିଛି। ମଧ୍ୟପ୍ରାଚ୍ୟରୁ ଏଲ୍ ?ପିଜି ଯୋଗାଣ ହ୍ରାସ ପାଇବା ଫଳରେ ସରକାର ଦେଶରେ ଗ୍ୟାସ ଯୋଗାଣ ଉପରେ କଟକଣା ଲଗାଇଛନ୍ତି। ସହରାଞ୍ଚଳରେ ଘରୋଇ ଏଲପିଜି ଗ୍ରାହକଙ୍କ ପାଇଁ ଗ୍ୟାସ ଡେଲିଭରିର ୨୫ ଦିନ ପରେ ବୁକିଂ ସୁବିଧା ମିଳୁଛି। ଗ୍ରାମାଞ୍ଚଳରେ ଏହି ଅବଧିକୁ ୪୫ ଦିନ କରାଯାଇଛି। ରିଫିଲ୍ ବୁକିଂ ଅବଧି ବଢ଼ାଇ ଦେଇ ସରକାର ଗ୍ୟାସର ଚାହିଦା ଓ ଯୋଗାଣ ମଧ୍ୟରେ ନିୟନ୍ତ୍ରଣ ଆଣିବାକୁ ପ୍ରୟାସ କରିଛନ୍ତି। ଏଥିସହିତ ବାଣିଜ୍ୟିକ ଏଲ୍‌ପିଜି ଯୋଗାଣ ଉପରେ କଟକଣା ଲଗାଇ ଦିଆଯାଇଛି। ମାର୍ଚ୍ଚ ମାସରେ ଦେଶରେ ଏଲ୍ ?ପିଜି ବ୍ୟବହାର ୧୨.୮ ପ୍ରତିଶତ ହ୍ରାସ ପାଇ ୨.୩୭୯ ନିୟୁତ ଟନ ରହିଥିଲା। ଏପ୍ରିଲରେ ଏଟିଏଫ୍ ବା ବିମାନ ଇନ୍ଧନ ବ୍ୟବହାର ୧.୩୭ ପ୍ରତିଶତ ହ୍ରାସ ପାଇ ୭,୬୧,୦୦୦ ଟନ୍‌ରେ ରହିଛି। ମାର୍ଚ୍ଚ ମାସରେ ଦେଶରେ ଏଟିଏଫ୍ ବ୍ୟବହାର ୮,୦୭,୦୦୦ ଟନ ରହିଥିଲା। ତେଣୁ ମାର୍ଚ୍ଚ ତୁଳନାରେ ଏପ୍ରିଲରେ ୪୬ ହଜାର ଟନ କମ୍ ଏଟିଏଫ୍ ବିକ୍ରି ହୋଇଛି। ଏପ୍ରିଲରେ ଡିଜେଲ ବ୍ୟବହାର ମାତ୍ର ୦.୨୫ ପ୍ରତିଶତ ବୃଦ୍ଧି ଘଟି ୮.୨୮୨ ନିୟୁତ ଟନରେ ରହିଛି। ମାର୍ଚ୍ଚ ମାସରେ ଡିଜେଲ ବ୍ୟବହାର ୮.୧ ପ୍ରତିଶତ ବୃଦ୍ଧି ଘଟି ୮.୭୨୭ ନିୟୁତ ଟନ ରହିଥିଲା। ଏପ୍ରିଲରେ ପେଟ୍ରୋଲ ବିକ୍ରି ୬.୩୬ ପ୍ରତିଶତ ବୃଦ୍ଧି ଘଟି ୩.୬୭ ନିୟୁତ ଟନରେ ରହିଥିଲେ ମଧ୍ୟ ମାର୍ଚ୍ଚରେ ହୋଇଥିବା ୩.୭୮ ନିୟୁତ ଟନ ତୁଳନାରେ ଏହା କମ୍ ବୋଲି ଜଣାଯାଇଛି।

## ଟ୍ରକ ଭିତରେ ପଶିଲା କାର୍, ଚାଲିଗଲା ସ୍ୱାମୀ-ସ୍ତ୍ରୀଙ୍କ ସମେତ ୩ ଜୀବନ

ଉତ୍ତରପ୍ରଦେଶ : ଗ୍ରେଟର ନୋଏଡା ଇଷ୍ଟର୍ଣ୍ଣ ପେରିଫେରଲ ଏକ୍ସପ୍ରେସ ଓ୍ୱେରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଦୁର୍ଘଟଣାରେ ସ୍ୱାମୀ ସ୍ତ୍ରୀଙ୍କ ସମେତ ୩ ଜଣଙ୍କ ଜୀବନ ଚାଲିଯାଇଛି । ଘଟଣାରେ ୭ ବର୍ଷର ପିଲା ମଧ୍ୟ ଆହତ ହୋଇଛି । ଘଟଣାସ୍ଥଳରେ କୋତଓ୍ୱାଲି ପୋଲିସ ପହଞ୍ଚି ଆହତଙ୍କୁ ହସପିଟାଲରେ ଭର୍ତ୍ତି କରିଛି । ଖବର ମୁତାବକ, ବାରାଣସୀର ଅଜଗରା ନିବାସୀ ୩୦ ବର୍ଷୀୟ ବିବେକ ପୁତ୍ର ରାଜେଶ ହରିୟାଣାର ଭିୱାଡି ସ୍ଥିତ ଏକ ବେକରୀ କମ୍ପାନୀରେ କାମ କରୁଥିଲେ । ତାଙ୍କ ପତ୍ନୀ ଏବଂ ୭ ବର୍ଷର ଝିଅକୁ ନେଇ କାରରେ ବାରାଣସୀ ଯାଉଥିଲେ । ରାତିରେ ୩ଟାରେ ଏମାନଙ୍କ କାର୍ ଗ୍ରେଟର ନୋଏଡା ଇଷ୍ଟର୍ଣ୍ଣ ପେରିଫେରଲ ଏକ୍ସପ୍ରେସ ଓ୍ୱେର ଅଣ୍ଡରପାସ୍ ନିକଟରେ ଟ୍ରକ ହଠାତ୍ ବ୍ରେକ ମାରିବାରୁ କାର୍ ଟ୍ରକ ତଳେ ପଶିଯାଇଥିଲା । ଦୁର୍ଘଟଣାରେ କାର୍ ସଂପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା । ଆଉ ଏଥିରେ ଥିବା ୩ ଜଣ ଫସିଯାଇଥିଲେ । ଘଟଣାରେ ୩ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ଜଣେ ଛୋଟ ଶିଶୁ ଆହତ ରହିଛି । ଦୁର୍ଘଟଣା ବିଷୟରେ ଖବର ପାଇ ପୋଲିସ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ହସପିଟାଲରେ ଭର୍ତ୍ତି କରିଥିଲା । ସେଠାରେ ୩ ଜଣଙ୍କୁ ମୃତ ଘୋଷଣା କରାଯାଇଥିଲା । ହେଲେ ପିଲାଟିର ଅବସ୍ଥା ଗୁରୁତର ରହିଛି। ଘଟଣା ପରେ ଟ୍ରକ ଚାଳକ ଫେରାର ହୋଇଯାଇଛି । ମୃତକଙ୍କ ପରିବାର ପକ୍ଷରୁ ଟ୍ରକ ଡ୍ରାଇଭର ନାଁରେ କେସ୍ ଦାୟର କରାଯାଇଛି । ପୋଲିସ ଟ୍ରକକୁ ଜବତ କରିଛି । ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି ।




## ଆମେରିକୀୟ ଯୁଦ୍ଧଜାହାଜ ଉପରେ ୨ କ୍ଷେପଣାସ୍ତ୍ର ମାଡ଼, ଇରାନର ଆକ୍ରମଣ ଦାବିକୁ ଅସ୍ୱୀକାର କଲା ଆମେରିକା

ୱାସିଂଟନ/ତେହେରାନ: ଉପସାଗରୀୟ ଅଞ୍ଚଳରେ ଚାଲିଥିବା ସାମରିକ ଗତିରୋଧ ଏବେ ଏକ ବିପଜ୍ଜନକ ମୋଡ଼େର ପହଞ୍ଚିଛି। ଇରାନର ଇସଲାମିକ୍ ରେଭଲ୍ୟୁସନ ଗାର୍ଡସ୍ କର୍ପସ୍ (ଆଇଆର୍ ?ଜିସି) ନୌସେନା ଦାବି କରିଛି, ସେମାନେ ହର୍ମୁଜ୍ ପ୍ରଣାଳୀ ଦେଇ ଯିବାକୁ ଚେଷ୍ଟା କରୁଥିବା ସମୟରେ ଏକ ଆମେରିକୀୟ ନୌସେନା ଯୁଦ୍ଧଜାହାଜ ଉପରେ ଦୁଇଟି କ୍ଷେପଣାସ୍ତ୍ର ମାଡ଼ କରିଛନ୍ତି। ଇରାନୀ ସମାଚାର ଏଜେନ୍ସି ଫାର୍ସ ଅନୁଯାୟୀ, ଆମେରିକା ଜାହାଜ ଇରାନୀ ନୌସେନାର ଚେତାବନୀକୁ ଅଣଦେଖା କରିବା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଇରାନୀ ଗଣମାଧ୍ୟମ ଦାବି କରିଛି ଯେ ଦକ୍ଷିଣ ବନ୍ଦର ସହର ଜାସ୍କ ନିକଟରେ ନିୟମ ଉଲ୍ଲଂଘନ କରି ଏକ ଆମେରିକୀୟ ଯୁଦ୍ଧଜାହାଜ ଯାତ୍ରା କରୁଥିଲା। ଇରାନୀ ନୌସେନା ଦ୍ୱାରା ସତର୍କ କରାଯିବା ପରେ, ଏହା ଉପରେ ଦୁଇଟି କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା, ଯାହା ଫଳରେ ଆମେରିକୀୟ ଜାହାଜ ପଛକୁ ହଟି ପଳାଇବାକୁ ବାଧ୍ୟ ହୋଇଥିଲା। ତେବେ,ଆମେରିକା ସେନା ଏହି ଦାବିଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରି କହିଛି ଯେ, ଆମର କୌଣସି ଜାହାଜ କ୍ଷେପଣାସ୍ତ୍ର ଦ୍ୱାରା ଆଘାତ ପାଇନାହିଁ। ଏହି ସମୟରେ, ଇରାନ ସ୍ପଷ୍ଟ କରିଛି ଯେ କୌଣସି ବିଦେଶୀ ଜାହାଜକୁ ତାଙ୍କ ଅନୁମତି ବିନା ହର୍ମୁଜ୍ ପ୍ରଣାଳୀ ଦେଇ ଯିବାକୁ ଦିଆଯିବ ନାହିଁ ଏବଂ ଉଲ୍ଲଂଘନକାରୀଙ୍କୁ କଡ଼ା ଜବାବ ଦିଆଯିବ। ଜଣେ ବରିଷ୍ଠ ଆମେରିକୀୟ ଅଧିକାରୀ ଇରାନୀ ଗଣମାଧ୍ୟମର ମିଥ୍ୟା ରିପୋର୍ଟକୁ ଖାରଜ କରିଛନ୍ତି ଯେ, ଏକ ଆମେରିକୀୟ ଜାହାଜ କ୍ଷେପଣାସ୍ତ୍ର ଦ୍ୱାରା ଆଘାତ ପାଇଛି। ଆମେରିକା ଦାବି କରୁଛି ଏହାର କୌଣସି ଜାହାଜ କ୍ଷତିଗ୍ରସ୍ତ ହୋଇନାହିଁ। ଏହି ବିବାଦ ଏପରି ଏକ ସମୟରେ ଆସିଛି ଯେତେବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରବିବାର ପ୍ରୋଜେକ୍ଟ ଫ୍ରିଡମ୍ ଘୋଷଣା କରିଥିଲେ। ଏହି ମିଶନ ଅଧୀନରେ, ସୋମବାର ଦିନ ଆମେରିକାର ସେନା ହର୍ମୁଜ୍ ପ୍ରଣାଳୀରେ ଫସି ରହିଥିବା ଅନ୍ୟ ଦେଶର ଜାହାଜଗୁଡ଼ିକୁ ସୁରକ୍ଷିତ ଭାବରେ ବାହାର କରିବା କାର୍ଯ୍ୟ ଆରମ୍ଭ କରିବ। ଇରାନର ମୁଖ୍ୟ ସାମରିକ କମାଣ୍ଡ,ଖାତମ ଅଲ-ଆନବିୟା କେନ୍ଦ୍ରୀୟ ମୁଖ୍ୟାଳୟ ଏକ ଚେତାବନୀ ଜାରି କରିଛି, ଯଦି ଆମେରିକା କିମ୍ବା ଅନ୍ୟ କୌଣସି ଦେଶର ସେନା ହର୍ମୁଜ୍‌ରେ ପ୍ରବେଶ କରିବାକୁ ଚେଷ୍ଟା କରେ, ତେବେ ଏହା ଉପରେ ଆକ୍ରମଣ କରାଯିବ।

# ମମତାଙ୍କୁ ହରାଇବା ପଛରେ 'ନୀରବ' ଭୋଟରଙ୍କ ଭୂମିକା

କୋଲକାତା: ପଶ୍ଚିମବଙ୍ଗ ସର୍ବଦା ଏପରି ଏକ ସ୍ଥାନ ଯାହା କୌଣସି ଆଦର୍ଶ ଦ୍ୱାରା, କୌଣସି ଗୋଟିଏ କାହାଣୀ ଦ୍ୱାରା ପ୍ରଭାବିତ ହେବାକୁ ମନା କରିଥାଏ। ଏଠାରେ ରାଜନୀତିର ଅଦ୍ଭୁତ ଯନ୍ତ୍ରକୌଶଳକୁ ବୁଝିବାକୁ ହେବ: ମେଣ୍ଟ, ରଣନୀତି, ରାଲିର କୋରିଓଗ୍ରାଫି। କିନ୍ତୁ ଭାରତରେ ରାଜନୀତି କେବଳ କୋରିଓଗ୍ରାଫି ନୁହେଁ। ଏହା ମଧ୍ୟ ରାଜନୈତିକ ପାଣିପାଗ ଦ୍ୱାରା ପ୍ରଭାବିତ ହୋଇଥାଏ।



ପରିବର୍ତ୍ତନ ପାଇଁ ଏହି ସ୍ମରଣୀୟ ଜନାଦେଶରେ, ବିଜେପି ୨୦୦ରୁ ଅଧିକ ଆସନରେ ଆଗୁଆ ରହି ବଙ୍ଗଳା ନିର୍ବାଚନରେ ବିଜୟୀ ହେବାକୁ ଯାଉଛି। ଏପର୍ଯ୍ୟନ୍ତ ଦଳ ପଶ୍ଚିମବଙ୍ଗର ଦୀର୍ଘ ଦିନର ଭାବପ୍ରବଣ ଭୌଗୋଳିକ ଭାଗକୁ ପ୍ରକୃତରେ ଭାଙ୍ଗି ପାରି ନ ଥିଲା। ଅଣ-ବିଜେପି ରାଜନେତାମାନଙ୍କ ଦ୍ୱାରା ନିର୍ମିତ କାହାଣୀ ମଧ୍ୟ କାଟୁ କଲା ନାହିଁ ଯେ ବିଜେପି ହେଉଛି ହିନ୍ଦୀ ହାର୍ଟଲାଣ୍ଡର ଏକ ଜୀବ, ଏହା ସଂକୀର୍ଣ୍ଣ 'ହିନ୍ଦୀ, ହିନ୍ଦୁ, ହିନ୍ଦୁସ୍ତାନ' ଭିତରେ ଫସି ରହିଛି। ତା'ପରେ ଲହରି ଆସିଲା। ଲୋକପ୍ରିୟ ତରଙ୍ଗରେ ଏକ ନୀରବ ସୁନାମି। ଟିଏମ୍‌ସି ୨୦୨୧ରେ ୨୧୫ ଆସନରୁ ମାତ୍ର ୯୨କୁ ହ୍ରାସ ପାଇଛି। ଏହା କେବଳ କ୍ଷତି ନୁହେଁ; ଏକ ପ୍ରକାର ସାମୂହିକ ପ୍ରତ୍ୟାଖ୍ୟାନ।

ବିଜେପିର ଦମ୍‌ଦାର ବିଜୟ ପଛରେ ଗୋଟିଏ ମୁଖ୍ୟ କାରଣ ହେଉଛି ଭୟଙ୍କର ଆଣ୍ଟି-ଇନକମ୍ବେନ୍ସି। ଭୋଟରମାନେ ସର୍ବଦା ମତ ବଦଳାନ୍ତି ନାହିଁ। ଯେତେବେଳେ ସେମାନେ ଆଉ ପୁରୁଣା କାହାଣୀ ଭିତରେ ରହିବାକୁ ଚାହାନ୍ତି ନାହିଁ, ସେତେବେଳେ ମତ ବଦଳାଇଥାନ୍ତି। ତା'ପରେ ନିର୍ବାଚନ ସମୟରେ ବିଶାଳ କେନ୍ଦ୍ରୀୟ ସୁରକ୍ଷା ବାହିନୀର ଉପସ୍ଥିତି ଲୋକଙ୍କ ମନରୁ ଭୟ ଦୂର କରିଦେଲା। ସେମାନେ ନିର୍ଭୟରେ ବହୁ ସଂଖ୍ୟାରେ ଭୋଟ୍ ଦେବାକୁ ଆସିଲେ। ମତଦାନରେ ଭୋଟରଙ୍କ ମଧ୍ୟରେ ନୀରବ ଉଲ୍ଲାସ ମାପଯୋଗ୍ୟ ଥିଲା। ଏପ୍ରିଲ ୨୩ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୯୩.୧୬% ମତଦାନ ରେକର୍ଡ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଦକ୍ଷିଣପୂର୍ବ ବଙ୍ଗଳାର ୧୪୨ଟି ନିର୍ବାଚନମଣ୍ଡଳୀରେ ପ୍ରାୟ ୯୧% ମତଦାନ ହୋଇଥିଲା। ସମଗ୍ର ରାଜ୍ୟରେ ହାରାହାରି ମତଦାନ ୯୨%ରୁ ଅଧିକ ଥିଲା, ଯାହା କେବଳ ରାଜ୍ୟରେ ନୁହେଁ ବରଂ ସମଗ୍ର ଦେଶରେ ରେକର୍ଡ କରିଥିଲା।

ମହିଳା ଭୋଟରମାନେ, ଯେଉଁମାନେ ୨୦୨୧ରେ ବହୁ ସଂଖ୍ୟାରେ ଟିଏମ୍‌ସିକୁ ସମର୍ଥନ କରିଥିଲେ, ସେମାନେ ୨୦୨୬ରେ ପକ୍ଷ ବଦଳାଇଥିଲେ – ମୁଖ୍ୟତଃ ମହିଳାଙ୍କ ସୁରକ୍ଷା ପ୍ରସଙ୍ଗରେ, ଆର୍‌ଜି କର ମେଡିକାଲ କଲେଜରେ ଜଣେ କନିଷ୍ଠ ଡାକ୍ତରଙ୍କ ବଳାତ୍କାର ଓ ହତ୍ୟା ପରେ। ଏହି ସମୟରେ ବିଜେପି ମହିଳାଙ୍କ ସୁରକ୍ଷାର ଦ୍ୱାହି ଦେଇ ପରିବର୍ତ୍ତନ ପାଇଁ ଆହ୍ୱାନ କରିଥିଲା। ପ୍ରଧାନମନ୍ତ୍ରୀ ମୋଦୀ ୧୫ ବର୍ଷର ଟିଏମ୍ ?ସି ଶାସନ ସହିତ ଜଡିତ ଅରାଜକତା, ଅବହେଳା ତଥା 'ମହାଜଙ୍ଗଲରାଜ' ବିରୋଧରେ ପ୍ରଚାର କରିଥିଲେ। ବିଜେପି ବାର୍ତ୍ତା ଏକ ନିର୍ଦ୍ଦିଷ୍ଟ ପ୍ରକାରର ଆଶା ପ୍ରଦାନ କରିଥିଲା: ଏକ ଡବଲ୍ ଇଞ୍ଜିନ୍ ସରକାର ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ, ନିଯୁକ୍ତି ସୃଷ୍ଟି କରିବ ଓ ଯୁବକମାନଙ୍କ ପାଇଁ ପ୍ରକୃତ ସୁଯୋଗ ଖୋଲିବ। ବିଶେଷକରି ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଅନ୍ୟ ଏକ ଅଭିଯାନ ଗ୍ରହଣୀୟ ହେଲା: ଅନୁପ୍ରବେଶକାରୀଙ୍କୁ ହଟାଇବା- ବାଂଲାଦେଶର ବେଆଇନ ପ୍ରବାସୀମାନଙ୍କ ପ୍ରସଙ୍ଗ ଉଠାଇଥିଲା ବିଜେପି। ବିଜେପି କୋଲକାତାର ଦୟନୀୟ ଭିତ୍ତିଭୂମି ଉପରେ ମଧ୍ୟ ଆଲୋକପାତ କରିଛି - ସର୍ବସାଧାରଣ ଯାତାୟାତରେ ହାରାହାରି ବେଗ ଘଣ୍ଟା ପ୍ରତି ପ୍ରାୟ ୧୭.୪ କିମି, କୋଲକାତା ପ୍ରେସିଡେନ୍ସିର ସଂକୀର୍ଣ୍ଣ ରାସ୍ତା। ବିଜେପି ଏହି ନିରାଶା ଦୂର କରିବାର ପ୍ରତିଶ୍ରୁତି ଦେଇଥିଲା। ସିଇସିଙ୍କ ଦ୍ୱାରା କରାଯାଇଥିବା ଏସ୍‌ଆଇଆର୍ ବ୍ୟାୟାମ ଦ୍ୱାରା ମଧ୍ୟ ବିଜେପି ଉପକୃତ ହୋଇଥିବା ଜଣାପଡିଛି। ତେଣୁ ଏସ୍‌ଆଇଆର୍, ଆଣ୍ଟି-ଇନକମ୍ବେନ୍ସି, ଭୋଟରଙ୍କ ନିରାଶା ଓ ପରିବର୍ତ୍ତନର ଆଶା- ଏହା ଏକ ନୀରବ ଲହରି ଥିଲା। ଏକ ଆନ୍ଦୋଳନ ଯାହା କ୍ରମାଗତ ଶବ୍ଦ ଆବଶ୍ୟକ କରୁନଥିଲା, କାରଣ ଏହାର ଅନୁଭବ ଭୋଟରଙ୍କ ମଧ୍ୟରେ ପୂର୍ବରୁ ଥିଲା। ଭିତରେ ଅସନ୍ତୁଷ୍ଟ ଥିବା ଏହି ନୀରବ ଭୋଟରମାନେ ବିଜେପିକୁ ଜିତାଇବାରେ ସାହାଯ୍ୟ କରିଥିଲେ।

# ଲକ୍ଷ୍ନୌ ବିପକ୍ଷରେ ମୁମ୍ବାଇ ୪ୱିକେଟ୍‌ରେ ବିଜୟୀ

## ରୋହିତ-ରିକେଲ୍‌ଟନ୍‌ଙ୍କ ବିସ୍ଫୋରକ ବ୍ୟାଟିଂ



ମୁମ୍ବାଇ,୫।୫: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୪୭ତମ ମୁକାବିଲାରେ ମୁମ୍ବାଇ ଇଣ୍ଡିଆନ୍‌ସ ୬ ୱିକେଟ୍‌ରେ ବିଜୟୀ ହୋଇଛି। ମୁମ୍ବାଇ ପାଇଁ ରାୟନ ରିକେଲ୍‌ଟନ ଏବଂ ରୋହିତ ଶର୍ମା ବିସ୍ଫାରକ ବ୍ୟାଟିଂ କରିଥିଲେ। ଦଳ ୧୮.୪ ଓଭରରେ ୪ଟି ୱିକେଟ୍ ହରାଇ ୨୨୯ ରନ୍ ସଂଗ୍ରହ କରିଛି।

୨୨୯ ରନ୍‌ର ବିଜୟ ଲକ୍ଷ୍ୟ ନେଇ ମୁମ୍ବାଇ ଇଣ୍ଡିଆନ୍‌ସ ବ୍ୟାଟିଂ କରିଥିଲା। ଦଳର ବ୍ୟାଟିଂ ଉଚ୍ଚକୋଟୀର ଥିଲା। ପ୍ରଥମ ୱିକେଟ୍ ପାଇଁ ପ୍ରାରମ୍ଭିକ ବ୍ୟାଟର ରାୟନ ରିକେଲ୍‌ଟନ ୧୪୩ ରନ୍‌ର ଭାଗିଦାରୀ କରିଥିଲେ। ଏଥିରୁ ରିକେଲଟନ ୩୨ଟି ବଲ୍ ଖେଳି ୬ଟି ଚେକା ଏବଂ ୮ଟି ଛକା ମାରିଥିଲେ। ଦଳ ପାଇଁ ରୋହିତ ଶର୍ମା ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୪୪ଟି ବଲ୍ ଖେଳି ୮୪ ରନ୍ ସଂଗ୍ରହ କରିଥିଲେ। ଏଥିରେ ସେ ୬ଟି ଚୌକା ଏବଂ ୭ଟି ଛକା ମାରିଥିଲେ। ତିଲକ ବର୍ମା ୧୧ ରନ୍ ଏବଂ ସୂର୍ଯ୍ୟକୁମାର ଯାଦବ ୧୨ ରନ୍ କରିଥିଲେ। ନମନ ଧୀର ୨୩ ରନ୍ ଏବଂ ୱିଲ୍ ଜ୍ୟାକ୍ ୧୦ ରନ୍ କରି ଅପରାଜିତ ଫେରିଥିଲେ।

ୱାଙ୍ଖେଡେ ଷ୍ଟାଡିୟମରେ ସୋମବାର ଟସ୍ ଜିଣି ମୁମ୍ବାଇ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଲକ୍ଷ୍ନୌ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୨୨୮ ରନ୍ କରିଥିଲା। ଲକ୍ଷ୍ନେର ଇନିଂସରେ ନିକୋଲାସ ପୁରନ ବିସ୍ଫାରକ ବ୍ୟାଟିଂ କରିଥିଲେ। ସେ ୬୩ ରନ୍ ସଂଗ୍ରହ କରିବାକୁ ୨୧ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ। ଗୋଟିଏ ଚେକା ଏବଂ ୮ଟି ଛକା ମାରିଥିଲେ। ପ୍ରାରମ୍ଭିକ ବ୍ୟାଟର ମିଚେଲ ମାର୍ସ ୨୫ଟି ବଲ୍ ଖେଳି ୪୪ ରନ୍ ସଂଗ୍ରହ କରିଥିଲେ। ସେ ୪ଟି ଚେକା ଏବଂ ୩ଟି ଛକା ମାରିଥିଲେ। ହିମ୍ମତ ସିଂହ ଅପରାଜିତ ୪୦ ରନ୍ କରିଥିଲେ। ସେ ୩୧ଟି ବଲ୍ ଖେଳି ୨ଟି ଚେକା ଏବଂ ୨ଟି ଛକା ମାରିଥିଲେ। ଐଡେନ ମାର୍କରାମ ୨୫ଟି ବଲ୍ ଖେଳି ୩୧ ରନ୍ ସଂଗ୍ରହ କରିଥିଲେ। ସେ ଗୋଟିଏ ଚୌକା ଏବଂ ଗୋଟିଏ ଛକା ମାରିଥିଲେ।

## ଟ୍ୱେଣ୍ଟି୨୦ରେ ମାନ୍ୟତା : ଭାରତ ଶୀର୍ଷରେ



ମୁମ୍ବାଇ,୫।୫: ବିଶ୍ୱ ଟ୍ୱେଣ୍ଟି-୨୦ ମାନ୍ୟତାରେ ଶୀର୍ଷ ସ୍ଥାନ ବଜାୟ ରଖିଛି ତିନିଥରର ବିଶ୍ୱ ବିଜେତା ଭାରତ। ଆଇସିସି ପକ୍ଷରୁ ମଙ୍ଗଳବାର ପ୍ରକାଶିତ ମାନ୍ୟତାରେ ଭାରତର ୨୭୫ ପଏଣ୍ଟ୍ ସହ ପ୍ରଥମ ସ୍ଥାନରେ ଥିବାବେଳେ ୨୬୨ ପଏଣ୍ଟ୍ ସହ ଇଂଲଣ୍ଡ ଦ୍ୱିତୀୟ ସ୍ଥାନରେ ରହିଛି। ୨୫୮ ପଏଣ୍ଟ୍ ସହ ଅଷ୍ଟ୍ରେଲିଆ ତୃତୀୟ ସ୍ଥାନରେ ଥିବାବେଳେ ୨୪୭ ପଏଣ୍ଟ୍ ସହ ବିଶ୍ୱକପ୍ ଉପବିଜେତା ନ୍ୟୁଜିଲାଣ୍ଡ ଚତୁର୍ଥ ସ୍ଥାନରେ ରହିଛି। ପରବର୍ତ୍ତୀ ତିନୋଟି ସ୍ଥାନରେ ଯଥାକ୍ରମେ ଦକ୍ଷିଣ ଆଫ୍ରିକା, ପାକିସ୍ତାନ ଓ ୱେଷ୍ଟଇଣ୍ଡିଜ୍ ଅଛନ୍ତି।

ଗତ ଫେବ୍ରୁଆରି-ମାର୍ଚ୍ଚରେ ଅନୁଷ୍ଠିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଭାରତ ଚାମ୍ପିଅନ୍ ହୋଇ ପ୍ରଥମ ଦଳ ଭାବେ ଟାଇଟେଲ୍‌କୁ ବଜାୟ ରଖିଥିଲା। ଏହା ଦଳର ଶୀର୍ଷସ୍ଥାନ ବଜାୟ ରଖିବାରେ ସହାୟକ ହୋଇଛି। ତାଲିକାର ପ୍ରଥମ ସାତଟି ସ୍ଥାନରେ ଥିବା ଦଳଗୁଡ଼ିକର ସ୍ଥାନ ଅପରିବର୍ତ୍ତିତ ଥିବାବେଳେ ଶ୍ରୀଲଙ୍କା (୨୨୧) ଛଅ ରେଟିଂ ପଏଣ୍ଟ ହରାଇ ନବମକୁ ଖସିଆସିଛି। କିନ୍ତୁ ବାଂଲାଦେଶ (୨୨୫) ଅଷ୍ଟମ ସ୍ଥାନକୁ ଉନ୍ନୀତ ହୋଇଛି। ୨୨୦ ପଏଣ୍ଟ୍ ସହ ଦଶମ ସ୍ଥାନରେ ଆଫଗାନିସ୍ତାନ ରହିଛି।

## ‘ଗର୍ଲଫ୍ରେଣ୍ଡ’ ସଂସ୍କୃତିକୁ ନେଇ ବିସିସିଆଇ ଅସନ୍ତୁଷ୍ଟ

ନୂଆଦିଲ୍ଲୀ,୫।୫(ଏଜେନ୍ସି): ଆଇପିଏଲ୍‌ରେ ଖେଳାଳିଙ୍କ ‘ଗର୍ଲଫ୍ରେଣ୍ଡ୍’ ସଂସ୍କୃତିକୁ ନେଇ ବିସିସିଆଇ କ୍ଷୁବ୍ଧ ହୋଇଛି। ହାର୍ଦ୍ଦିକ ପାଣ୍ଡ୍ୟା, ଯଶସ୍ୱୀ ଜୟସ୍ୱାଲ, ଇଶାନ କିଶନ, ଅର୍ଶଦୀପ ସିଂ ଆଦି ଖେଳାଳି ନିଜ ନିଜର ବାନ୍ଧବୀମାନଙ୍କ ସହ ଦଳୀୟ ବସ୍‌ରେ ଯାତ୍ରା କରିବା ସହ ଦଳୀୟ ହୋଟେଲ୍‌ରେ ରହୁଛନ୍ତି। ଏହି ଧାରା ଜାରି ରହିଲେ ଆଗକୁ କିଛି ଅପ୍ରୀତିକର ପରିସ୍ଥିତି ଉପୁଜିବାର ଆଶଙ୍କା ଥିବାରୁ ଏହାକୁ ରୋକିବାକୁ ବିସିସିଆଇ ଏକ ସ୍ୱତନ୍ତ୍ର ନିୟମ ଆଣିବାକୁ ବିଚାର କରୁଛି।



ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଖେଳାଳିଙ୍କ ବାନ୍ଧବୀମାନେ ଦଳୀୟ ବସ୍‌ରେ ଯାତ୍ରା କରୁଛନ୍ତି ଓ କେତେକ ସମୟରେ ସେମାନଙ୍କ ପାଇଁ ବସକୁ ଅପେକ୍ଷା କରିବାକୁ ପଡୁଛି। ପୁଣି କେତେକ ଖେଳାଳିଙ୍କ ବାନ୍ଧବୀ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ମଧ୍ୟ ଅଛନ୍ତି, ସେମାନେ ଖେଳାଳିଙ୍କ କିଛି ସଂବେଦଶୀଳ ତଥ୍ୟ ଲିକ୍ କରିପାରନ୍ତି। ଆଉ କେତେକ ବିଭିନ୍ନ ବେଟିଂ ଆପ୍‌ର ପ୍ରଚାରକ ବି ରହିଛନ୍ତି। ପୁଣି ବେଳେବେଳେ ଖେଳାଳି ଓ ତାଙ୍କ ବାନ୍ଧବୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇ ପୁଲିସରେ ଅଭିଯୋଗ ବି ହୋଇଛି। ଏହା ଦ୍ୱାରା ବୋର୍ଡ ଓ ଲିଗ୍ ବଦ୍‌ନାମ ହେଉଛି। ଏଣୁ ଯଦି ଏବେଠାରୁ ଏହାକୁ ନିୟନ୍ତ୍ରଣ କରାନଯାଏ ତେବେ ଆଗକୁ ଆହୁରି ଅନେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ବିସିସିଆଇର କେତେକ ଦୁର୍ନୀତି ନିବାରଣ ଅଧିକାରୀ ଖେଳାଳିଙ୍କ ‘ଘୋଷିତ ବାନ୍ଧବୀ’ମାନଙ୍କୁ ହୋଟେଲରେ ରହିବାକୁ ଅନୁମତି ଦେଉଛନ୍ତି। ବିସିସିଆଇ କେବଳ ପରିବାର ଓ ପତ୍ନୀଙ୍କୁ ରହିବାକୁ ଅନୁମତି ଦିଏ। କିନ୍ତୁ କେଉଁ ନିୟମ ବଳରେ ଏହି ‘ଘୋଷିତ ବାନ୍ଧବୀ’ ମାନଙ୍କୁ ଅନୁମତି ଦିଆଯାଉଛି ତାହାର ତଦନ୍ତ ହେବ।

## ଖୁବ୍ ଶୀଘ୍ର ଆଇପିଏଲ୍‌ର ପ୍ଲେ ଅଫ୍ ଓ ଫାଇନାଲ୍ ଖେଳସୂଚୀ

ବେଙ୍ଗାଲୁରୁ,,୫।୫(ଏଜେନସି): ଚଳିତ ଆଇପିଏଲ୍‌ର ପ୍ଲେଅଫ୍ ଓ ଫାଇନାଲ୍ ଖେଳସୂଚୀ ଖୁବ୍ ଶୀଘ୍ର ପ୍ରକାଶ ପାଇବାକୁ ଯାଉଛି। କିନ୍ତୁ ଫାଇନାଲ୍ ମ୍ୟାଚ୍ ଭେନ୍ୟୁକୁ ନେଇ ସଂଶୟ ଭିତରେ ରହିଛି ବିସିସିଆଇ। କର୍ଣ୍ଣାଟକର ବିଧାୟକ ଓ ସାଂସଦମାନଙ୍କୁ ଆଇପିଏଲ୍ ଟିକେଟ୍ ପ୍ରଦାନକୁ ନେଇ ବିବାଦ ସୃଷ୍ଟି ହୋଇଥିବାରୁ ବିସିସିଆଇ ଫାଇନାଲ୍ ମ୍ୟାଚ୍‌କୁ ଅନ୍ୟତ୍ର ସ୍ଥାନାନ୍ତର କରିବା କଥା ଚିନ୍ତା କରୁଛି।ପୂର୍ବଧାରା ଅନୁସାରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଗତ ସଂସ୍କରଣର ବିଜେତା ହୋଇଥିବାରୁ ଏହାର ଘରୋଇ ପଡିଆ ବେଙ୍ଗାଲୁରୁର ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଫାଇନାଲ୍ ମ୍ୟାଚ୍ ଖେଳାଯିବା କଥା। କିନ୍ତୁ ଟିକେଟ୍ ବିବାଦ ବିସିସିଆଇକୁ ଜଟୀଳ ପରିସ୍ଥିତିରେ ପକାଇ ଦେଇଛି। ବିସିସିଆଇ ସୂତ୍ରରୁ ପ୍ରକାଶ ଯେ ଖୁବ ଶୀଘ୍ର ପ୍ଲେଅଫ୍ ସୂଚୀ ପ୍ରକାଶ ପାଇବ। ଏହି ମ୍ୟାଚ୍ ଗୁଡିକ ପଞ୍ଜାବ ଓ କର୍ଣ୍ଣାଟକ ମଧ୍ୟରେ ଆବଣ୍ଟିତ ହେବ। ଟିକଟ୍ ବିବାଦର ସମାଧାନ ନ ହେଲେ ଏହାକୁ ଅନ୍ୟ ସହରକୁ ସ୍ଥାନାନ୍ତର କରିବା ଲାଗି ବିଚାର କରାଯିବ’ ବୋଲି ଜଣେ ବିସିସିଆଇ ବ୍ୟକ୍ତି ପ୍ରକାଶ କରିଛନ୍ତି।

## ରାଜ୍ୟ ଉପକନିଷ୍ଠ ବାଳକ ହକି: ଆର୍‌ଏସ୍‌ପି ବିଜେତା

ରାଉରକେଲା,୫।୫(ଏଜେନସି): ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଉପକନିଷ୍ଠ ବାଳକ ହକି ପ୍ରତିଯୋଗିତାରେ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଚାମ୍ପିଅନ ହୋଇଛି। ଆର୍‌ଏସ୍‌ପି ୨-୦ ଗୋଲ୍‌ରେ ସୁନ୍ଦରଗଡକୁ ପରାସ୍ତ କରିଛି। ସେହିଭଳି ଗାଙ୍ଗପୁର ହକି ଆସୋସିଏସନକୁ ସିଧାସଳଖ ୫-୦ ଗୋଲ୍‌ରେ ପରାସ୍ତକରି ଢେଙ୍କାନାଳ ତୃତୀୟ ସ୍ଥାନରେ ରହିଛି।





ରବିବାର ସନ୍ଧ୍ୟାରେ ଆର୍‌ଏସ୍‌ପି ଓ ସୁନ୍ଦରଗଡ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ କ୍ୱାର୍ଟର୍‌ରେ ଉଭୟ ଦଳର ଖେଳାଳି ଜୋରଦାର ପ୍ରୟାସ କରିଥିଲେ ମଧ୍ୟ ଗୋଲ୍‌ଶୂନ୍ୟ ରହିଥିଲା। ତେବେ ୨୬ତମ ମିନିଟ୍‌ରେ ଆର୍‌ଏସ୍‌ପିକୁ ଏକ ପେନାଲ୍‌ଟି କର୍ଣ୍ଣର୍ ସୁଯୋଗ ମିଳିଥିଲା। ଏହାକୁ ଅଧିନାୟକ ଲାଜରୁସ ଧନୱାର ହାତଛଡା ନ କରି ଗୋଲ୍‌ରେ ପରିଣତକରି ଦଳକୁ ୧-୦ ଗୋଲ୍‌ରେ ଆଗୁଆ କରିଥିଲେ। ୩୯ତମ ମିନିଟ୍‌ରେ ସୁମନ କିଣ୍ଡୋ ଏକ ଆକର୍ଷଣୀୟ ଫିଲ୍ଡ ଗୋଲ୍ ଦେଇ ବ୍ୟବଧାନକୁ ୨-୦ ଗୋଲକୁ ପହଞ୍ଚାଇଥିଲେ। ଶେଷ କ୍ୱାର୍ଟର୍‌ରେ ସୁନ୍ଦରଗଡ ପ୍ରତ୍ୟାବର୍ତ୍ତନ ପ୍ରୟାସ କରିଥିଲେ ମଧ୍ୟ ତାହା ବିଫଳ ହେବାରୁ ପରାଜୟ ଭୋଗିଥିଲା। ଅଜିତ ଏକ୍କା ଓ ଅଭିଷେକ ପ୍ରଶାନ୍ତ ତିର୍କି ମ୍ୟାଚ୍ ପରିଚାଳନା କରିଥିବାବେଳେ ଆୟୁଷ ସ’, ଭୂଷଣ ଲୁଗୁନ ସହଯୋଗ କରିଥିଲେ।

ସୁନ୍ଦରଗଡର ସନ୍ଦୀପ କେର୍କେଟା ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି, ଆର୍‌ଏସ୍‌ପିର ଲାଜରୁସ ଧନୱାର ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି, ସାରୋନ ହେମ୍ବ୍ରମ୍ (ସୁନ୍ଦରଗଡ) ଶ୍ରେଷ୍ଠ ଡିଫେଣ୍ଡର, ରୋହିତ ଓରାମ (ଢେଙ୍କାନାଳ) ଶ୍ରେଷ୍ଠ ମିଡ୍‌ଫିଲ୍‌ଡର, ସୁମନ କିଣ୍ଡୋ (ଆର୍‌ଏସ୍‌ପି) ଶ୍ରେଷ୍ଠ ଫରୱାର୍ଡ୍, ଆଦିତ୍ୟ ଗେଡ (ଆର୍‌ଏସ୍‌ପି) ଶ୍ରେଷ୍ଠ ଗୋଲ୍‌କିପର ଭାବେ ପୁରସ୍କୃତ ହୋଇଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ଆର୍‌ଏସ୍‌ପିର ସିଜିଏମ୍ ଟି.ଜି. କାନେକର, ଏନ୍‌ଆଇଟିର ପ୍ରଫେସର ରାଜୀବ ପଣ୍ଡା, ରାଜ୍ୟ କ୍ରୀଡା ବିଭାଗର ଉପ-ନିର୍ଦ୍ଦେଶକ ସୁଦୀପ୍ତ ନାଏକ, ବରିଷ୍ଠ କୋଚ୍ କାଳୁଚରଣ ଚେଧୁରୀ, ହକି ଓଡିଶା ନିର୍ଦ୍ଦେଶକ ବି.ଜେ. କାରିଆପ୍ପା, ହକି ଓଡିଶା ସମ୍ପାଦକ ସନାତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଟିକେଟ ଲାଗି ୫ କୋଟି ଦାବି କରୁଥିଲା ଟିଏମ୍‌ସି : ତିୱାରୀ

କୋଲକାତା,୫।୫: ୫ କୋଟି ଟଙ୍କା ନ ଦେବାରୁ ହାୱଡ଼ାର ଶିବପୁର ନିର୍ବାଚନ ମଣ୍ଡଳୀରୁ ମୋତେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଟିକେଟ ଦେବାକୁ ମନା କରିଥିଲା। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ପରେ ଭାରତର ପୂର୍ବତନ କ୍ରିକେଟର ତଥା ବିଦାୟୀ ବିଧାୟକ ମନୋଜ ତିୱାରୀ ମଙ୍ଗଳବାର ଦଳ ବିରୋଧରେ ଏଭଳି ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ୪୦ ବର୍ଷୀୟ ପୂର୍ବତନ କ୍ରିକେଟର ବେଙ୍ଗଲ କ୍ରିକେଟ ଇତିହାସରେ ସର୍ବାଧିକ ୧୦,୧୯୫ ଫାଷ୍ଟ-କ୍ଲାସ ରନ କରିବା ସହ ମମତା ବାନାର୍ଜିଙ୍କ ନେତୃତ୍ୱାଧୀନ ସରକାରରେ କ୍ରୀଡ଼ା ମନ୍ତ୍ରୀ ଥିଲେ। ପରାଜୟକୁ ନେଇ ମୁଁ ଚକିତ ନୁହେଁ। ପୂରା ଦଳ ଦୁର୍ନୀତି ଗ୍ରସ୍ତ ରହିବା ସହ କୌଣସି କ୍ଷେତ୍ରରେ ଉନ୍ନତି ହେଉ ନ ଥିବାରୁ ଏଭଳି ପରାଜୟ ନିଶ୍ଚିତ ଥିଲା। ମୋଟା ଟଙ୍କା ଦେଇପାରୁଥିବା ଲୋକଙ୍କୁ ହିଁ ଟିକେଟ ଦିଆଯାଉଥିଲା। ଅତିକମ୍‌ରେ ଚଳିତ ୭୦ରୁ ୭୨ ପାର୍ଥିତ୍ ଟିକେଟ ପାଇଁ ୫ କୋଟି ଟଙ୍କା ଦେଇଛନ୍ତି। ମୋତେ ବି ମଗାଯାଇଥିଲା। କିନ୍ତୁ ମୁଁ ମନା କରିଥିଲି। ଯେଉଁମାନେ ଟଙ୍କା ଦେଇ ଟିକେଟ ନେଇଥିଲେ, ସେମାନଙ୍କ ମଧ୍ୟରୁ କେତେ ଜଣ ଜିତିଲେ, ତାହା ଦେଖୁଛି। ମୋ ପାଇଁ ଟିଏମସି ଅଧ୍ୟାୟ ଶେଷ ହୋଇଯାଇଛି ବୋଲି ତିୱାରୀ ଏକ ସାକ୍ଷାତକାରରେ କହିଛନ୍ତି।

## ଭୁବନେଶ୍ୱରରେ ୧୨ ଘଣ୍ଟା ଅଟକିଲେ ପୋଲ୍‌ଭଲ୍‌ଟ ତାରକା

ରାଜମୁନ୍ଦ୍ରୀ,୫।୫(ଏଜେନସି):: ଭାରତର ଉଦୀୟମାନ ପୋଲ୍‌ଭଲ୍‌ଟ ତାରକା କବିନରାଜା ଏସ୍ ଭୁବନେଶ୍ୱରରେ ଆୟୋଜିତ ଜାତୀୟ ଇନ୍‌ଡୋର ପୋଲ୍‌ଭଲ୍‌ଟ ଓ ମିଳିତ କ୍ରୀଡାର ୨୦ବର୍ଷରୁ କମ୍ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ନିଜ ଅସାଧାରଣ ପ୍ରତିଭାର ପରିଚୟ ଦେଇଛନ୍ତି। ତେବେ ଭୁବନେଶ୍ୱରରୁ ନିଜ ଘରୋଇ ସହର ତାମିଲନାଡୁର ସାଲେମକୁ ଫେରିବା ଯାତ୍ରା ଯେ ତାଙ୍କ ଜୀବନର ଅନ୍ୟତମ କଷ୍ଟକର ଅଧ୍ୟାୟ ପାଲଟିବ ସେକଥା ସେ ସ୍ୱପ୍ନରେ ବି ଭାବି ନଥିଲେ। ସୂଚନା ଅନୁସାରେ କବିନରାଜା ପୁରୁଣା ଧାରା ଭଳି ନିଜ କ୍ରୀଡା ଉପକରଣ ସହ ଭୁବନେଶ୍ୱରରୁ ଟ୍ରେନ୍‌ରେ ସାଲେମ ଫେରୁଥିଲେ। ପୋଲଭଲ୍‌ଟର ପୋଲ୍ ରେଳବଗିରେ ନେବା ଏକପ୍ରକାର ଅସମ୍ଭବ ଥିବାରୁ ରେଳ କର୍ତ୍ତୃପକ୍ଷ ତାଙ୍କୁ ଝରକା ପାଖରେ ଏହାକୁ ରଶିରେ ବାନ୍ଧିକି ନେବାକୁ ଅନୁମତି ପ୍ରଦାନ କରିଥିଲେ। ତେବେ ରାଜମୁନ୍ଦ୍ରୀ ଷ୍ଟେସନ୍‌ର କିଛି ଦୂରରେ ପୋଲ୍‌କୁ ବନ୍ଧା ଯାଇଥିବା ରଶି ଧୀରେ ଧୀରେ ଛିଡିବାକୁ ଲାଗିଥିବା ତାଙ୍କ ସାଥୀ କ୍ରୀଡାବିତ୍‌ମାନେ ଦେଖିବାକୁ ପାଇଥିଲେ। ଫଳରେ ଅନ୍ୟ କେଣସି ଉପାୟ ନପାଇ ସେମାନେ ଚେନ୍ ପୁଲିଂ କରିଥିଲେ।

ଟ୍ରେନ୍ ଅଟକିବା ପରେ ସମସ୍ତେ ମିଶି କ୍ରୀଡା ଉପକରଣଗୁଡିକୁ ତଳକୁ ଓହ୍ଲାଇଥିଲେ। ହେଲେ ଏହି କାରଣରୁ କବିନରାଜାଙ୍କୁ ରାଜମୁନ୍ଦ୍ରୀ ରେଳଷ୍ଟେସନ୍‌ରେ ପାଖାପାଖି ୧୨ ଘଣ୍ଟା ଅଟକି ରହିବାକୁ ପଡିଥିଲା। ପରେ ସେ ନିଜ କାନ୍ଧରେ ପୋଲ୍‌ଗୁଡିକୁ ବୁହାଇ ଅନ୍ୟ ଏକ ଟ୍ରେନ୍‌ରେ ରଖୁଥିବା ଦେଖିବାକୁ ମିଳିଥିଲା। ୧୨ଘଣ୍ଟାର ଅପେକ୍ଷା ଓ ଅନିଶ୍ଚିତତା ପରେ ଯାଇ ସେ ନିଜ ସହରକୁ ପୁନର୍ବାର ଯାତ୍ରା ଆରମ୍ଭ କରିଥିଲେ। ଏହି ଘଟଣା ଏବେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଥାଉକି ଚଳିତବର୍ଷର ୨୦ବର୍ଷରୁ କମ୍ ଫେଡେରେସନ୍ କପ୍‌ରେ ୫.୨୧ ମିଟର ଉଚ୍ଚତା ଅତିକ୍ରମ କରି ସେ ନିଜେ ନିଜ ରେକର୍ଡ ଭାଙ୍ଗିଛନ୍ତି। କଳିଙ୍ଗ ଷ୍ଟାଡିୟମ୍‌ରେ ନିଜ ସ୍ୱର୍ଣ୍ଣ ପଦକ ବିଜୟ ପାଇଁ ଭାରତୀୟ ପୋଲ୍‌ଭଲ୍‌ଟ ଦୁନିଆର ଭବିଷ୍ୟତ ବିବେଚିତ ହେଉଛନ୍ତି।



## ବୈଭବଙ୍କ ଉପରେ ମତାମତ ଦେବାକୁ ମନା କଲେ କପିଳ

ନୂଆଦିଲ୍ଲୀ, ୦୫/୦୫: ବୈଭବ ସୂର୍ଯ୍ୟବଂଶୀ, ମାତ୍ର ୧୫ ବର୍ଷ ବୟସରେ ଅତି ନିର୍ଭୟ ଭାବେ ବିଶ୍ୱର ଆଗ ଧାଡିର ପ୍ରମୁଖ ବୋଲରମାନଙ୍କୁ ପ୍ରହାର କରୁଛନ୍ତି । ମାତ୍ର ୩୬ ବଲରେ ସେ ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଶତକ ହାସଲ କରିଥିଲେ । ସବୁଠି ତାଙ୍କର ଚର୍ଚ୍ଚା । କିନ୍ତୁ ବୈଭବଙ୍କ ଉପରେ କୌଣସି ମତାମତ ଦେବାକୁ ମନା କରି ଦେଇଛନ୍ତି ପୂର୍ବତନ ବିଶ୍ୱ ଚାମ୍ପିଅନ ଅଧିନାୟକ କପିଳ ଦେବ ।

ସେ କହିଛନ୍ତି, ‘ବୈଭବଙ୍କ ଖେଳ ବିଷୟରେ ମୋତେ ବିଶେଷ କିଛି ଜଣା ନାହିଁ, କାରଣ ପ୍ରତ୍ୟକ୍ଷ ଭାବେ ତାଙ୍କ ଖେଳ ଦେଖି ନାହିଁ। ଆପଣମାନଙ୍କ ଭଳି ମୁଁ ମଧ୍ୟ ଟିଭିରେ ଯାହା ଦିଶୁଛି ତାହା ଦେଖୁଛି । ଘରେ ଟିଭିରେ ଖେଳ ଦେଖି କୌଣସି ବିଷୟରେ ମତାମତ ଦେବା ଠିକ ହେବ ନାହିଁ । ଯେଉଁମାନେ ତାଙ୍କର ଖେଳ ଦେଖୁଛନ୍ତି ଏବଂ କହୁଛନ୍ତି ସେମାନେ ଭଲ କହି ପାରିବେ । ଯେମିତି କି ସୁନୀଲ ଗାଭାସ୍କର, ରବି ଶାସ୍ତ୍ରୀ ଓ ହର୍ଷ ଭୋଗଲେ । ସେମାନେ ହିଁ ପ୍ରକୃତ କଥା କହିବେ ।’ ଯଶପ୍ରୀତ ବୁମରା, ପାଟ କମିନ୍ସ ଓ ଜୋସ ହାଜେଲଉଡ୍ ?ଙ୍କ ଭଳି ବୋଲରଙ୍କ ବିରୋଧରେ ବୈଭବଙ୍କ ଆତ୍ମବିଶ୍ୱାସ ଅତି ଦୃ? ରହିଛି । ତାଙ୍କର ଫର୍ମ ହିଁ ଚଳିତ ଆଇପିଏଲରେ ରାଜସ୍ଥାନ ରୟାଲ୍‌ସକୁ ଆଗକୁ ଆଗେଇ ନେବାରେ ସହାୟକ ହେଉଛି ।

## ଚୌକା-ଛକା ବର୍ଷା କଲେ ରୋହିତ ଶର୍ମା: ରଚିଲେ ଇତିହାସ

ନୂଆଦିଲ୍ଲୀ,୫।୫: ରୋହିତ ଶର୍ମା କ୍ରମାଗତ ପାଞ୍ଚଟି ମ୍ୟାଚ୍ ପାଇଁ ବାହାରେ ଥିଲେ। ଦଳକୁ ଫେରିବା ପରେ ସେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷରେ ଇତିହାସ ରଚିଛନ୍ତି। ସେ ଆଇପିଏଲ ଇତିହାସରେ ଲକ୍ଷ୍ନୌ ବିପକ୍ଷରେ ତାଙ୍କର ଦ୍ରୁତତମ ଅର୍ଦ୍ଧଶତକ ମାରିଥିଲେ। ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ସେ ମାତ୍ର ୨୭ ବଲ୍‌ରେ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ। ଏହି ଇନିଂସ୍‌ରେ ସେ ଚୌକା ଏବଂ ଛକା ବର୍ଷା କରିଥିଲେ।

ରୋହିତ ଶର୍ମା ୨୭ ବଲ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷରେ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ। ଏହା ଆଇପିଏଲ୍‌ରେ ଏଲଏସଜି ବିପକ୍ଷରେ ତାଙ୍କର ଦ୍ରୁତତମ ଅର୍ଦ୍ଧଶତକ ଏବଂ ତାଙ୍କ ସମଗ୍ର କ୍ୟାରିୟରର ଚତୁର୍ଥ ଦ୍ରୁତତମ ଅର୍ଦ୍ଧଶତକ। ଏହା ବ୍ୟତୀତ, ଏହା ୱାଙ୍ଖେଡେ ଷ୍ଟାଡିୟମ୍‌ରେ ରୋହିତଙ୍କ ଦ୍ରୁତତମ ଅର୍ଦ୍ଧଶତକ। ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ରୋହିତଙ୍କ ଦ୍ୱାରା ମାରିଥିବା ସବୁଠାରୁ ଦ୍ରୁତତମ ଅର୍ଦ୍ଧଶତକ ମାତ୍ର ୨୩ ବଲ୍‌ରେ ଆସିଥିଲା।

୨୩ ବଲ – ବନାମ କକଜ, ୨୫ ବଲ – ବନାମ ଉଝକ, ୨୬ ବଲ – ବନାମ ଚଈକଝ, ୨୭ ବଲ – ବନାମ ଖଝଏ,। ରୋହିତ ଶର୍ମା ଏକ ଛକା ସହିତ ତାଙ୍କର ୫୦ ରନ ସଂଗ୍ରହ କରିଥିଲେ। ସେ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ, ରୋହିତ ପୂର୍ବରୁ ୫ ଛକା ଏବଂ ୩ ଚୌକା ମାରି ସାରିଥିଲେ। ତାଙ୍କର ପ୍ରଥମ ୫୦ ରନ ମଧ୍ୟରୁ ଏକ ଆଶ୍ଚର୍ଯ୍ୟଜନକ ୪୨ ରନ କେବଳ ଚୌକା ମାଧ୍ୟମରେ ହୋଇଥିଲା।ଏହି ମ୍ୟାଚ୍‌ରେ ରୋହିତ ଶର୍ମା ରିଆନ ରିକେଲଟନ ସହିତ ସର୍ବାଧିକ ୧୦୦ରୁ ଅଧିକ ଭାଗୀଦାରୀର ରେକର୍ଡ ମଧ୍ୟ ସ୍ଥାପନ କରିଥିଲେ। ଲକ୍ଷ୍ନୌ ବିପକ୍ଷରେ ରୋହିତ ଏବଂ ରିକେଲଟନ ପ୍ରଥମ ଉଇକେଟ ପାଇଁ ୧୪୩ ରନର ଭାଗୀଦାରୀ କରିଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL iµû\K: iêeRòZþ Kêcûe ]k